# ଧରିତ୍ରୀ
DHARITRI

ରାୟଗଡ଼ା, ରବିବାର, ଜୁଲାଇ ୧୯/୨୦୨୦ (୧୨ ପୃଷ୍ଠା) | Rayagada, Sunday, July 19/2020 | ★

୧୦ମ ଭାଗ ୬୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଅଭିନେତ୍ରୀ ରିୟାଙ୍କ ଟୁଇଟର ଆକାଉଣ୍ଟ ହ୍ୟାକ୍**
ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁର ଯାଞ୍ଚ ପାଇଁ ପ୍ରଥମଥର ପ୍ରେମିକା ରିୟା ଚକ୍ରବର୍ତ୍ତୀ ସିବିଆଇ ତଦନ୍ତ ଦାବି କରିଥିବାବେଳେ ତାଙ୍କ ଟୁଇଟର ଆକାଉଣ୍ଟ ହ୍ୟାକ୍ କରାଯାଇଛି।

୧୦

୦୭

**ହାମିଲଟନଙ୍କୁ ପୋଲ୍ ପୋଜିଶନ**
ମର୍ସିଡିଜ୍‌ର ଲୁଇସ୍ ହାମିଲଟନ୍ ହଙ୍ଗେରିଆନ ଫର୍ମୁଲା ୱାନ ଗ୍ରାଁ ପ୍ରିରେ ପୋଲ୍ ପୋଜିଶନ ହାସଲ କରିଛନ୍ତି।



## ଡିଜେଲ ୧୭ ପଇସା ବଢ଼ିଲା

**ଭୁବନେଶ୍ୱର,୧୮।୭**

ଡିଜେଲ ଦରରେ ବର୍ତ୍ତମାନ ସୁଦ୍ଧା ବିରତି ଲାଗି ପାରିନାହିଁ। ଭୁବନେଶ୍ୱରରେ ଶନିବାର ଡିଜେଲର ଲିଟର ପିଛା ଦର ୧୭ ପଇସା ବଢ଼ି ୭୯.୬୧ ଟଙ୍କା ଛୁଇଁଛି। ଏଠାରେ ପେଟ୍ରୋଲ ଦର କିଛିଦିନ ହେବ ସ୍ଥିର ରହିଛି। ପେଟ୍ରୋଲର ଲିଟର ପିଛା ଦର ୮୧.୦୧ ଟଙ୍କା ରହିଥିବା ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ସୂଚନା ଦେଇଛନ୍ତି। ସେହିଭଳି ମେଟ୍ରୋ ସହରଗୁଡ଼ିକରେ ଏହି ସମୟରେ ଡିଜେଲ ଦର ୧୩ରୁ ୧୮ ପଇସା ବଢ଼ିଥିବା ଇଣ୍ଡିଆନ ଅଏଲ କର୍ପୋରେଶନ ପକ୍ଷରୁ କୁହାଯାଇଛି। ଶନିବାର ନୂଆଦିଲ୍ଲୀରେ ଡିଜେଲ ଦର ୧୭ ପଇସା ବଢ଼ି ୮୧.୫୨ ଟଙ୍କା ଥିବାବେଳେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଦୁଇମିନିଟିଆ ଉପସ୍ଥାପନା**

**ଆଜିର ମନ୍ତବ୍ୟ**

"ଆମେରିକାବାସୀଙ୍କୁ ମାସ୍କ ପିନ୍ଧିବା ଲାଗି ମୁଁ ନିର୍ଦ୍ଦେଶ ଦେଇପାରିବି ନାହିଁ

**-ଡୋନାଲ୍ଡ ଟ୍ରମ୍ପ, ଆମେରିକା ରାଷ୍ଟ୍ରପତି**

# ସାଇବର ଅପରାଧୀଙ୍କ ଟାର୍ଗେଟ୍ ମହିଳା

**କରୋନା ସମୟରେ ବଢ଼ିଛି ୨ଗୁଣ**

- ମୋଟ୍ ମାମଲାର ୨୪% ହେଉଛି ମହିଳାଙ୍କ ବିରୋଧରେ
- ମହିଳା ବିରୋଧୀ ସାଇବର କ୍ରାଇମ୍‌ରେ ଓଡ଼ିଶା ଦ୍ୱିତୀୟ
- ସାଇବର ବୁଲିଂ, ଅନ୍‌ଲାଇନ୍ ଷ୍ଟକିଂ ସବୁଠୁ ବଡ଼ ଚ୍ୟାଲେଞ୍ଜ




**ଭୁବନେଶ୍ୱର,୧୮।୭(ବ୍ୟୁରୋ)**

କରୋନାଜନିତ ଲକ୍‌ଡାଉନ୍ ସମୟରେ ରାଜ୍ୟରେ ମହିଳା ବିରୋଧୀ ହିଂସା ବୃଦ୍ଧିପାଇଛି। କେବଳ ଘରୋଇ ହିଂସା କି ବଳାତ୍କାର, ନିର୍ଯାତନା ନୁହେଁ, ମହିଳା ବିରୋଧୀ ସାଇବର ଆପରାଧିକ ମାମଲା ଏବେ ଶୀର୍ଷରେ ପହଞ୍ଚିଛି। ଲୋକେ ଘରେ ରହୁଥିବାରୁ ଅଧିକାଂଶ ସମୟ ଇଣ୍ଟରନେଟ୍‌ରେ ବିତାଉଛନ୍ତି, ଯାହାର ଫାଇଦା ସାଇବର ଅପରାଧୀମାନେ ଉଠାଉଛନ୍ତି। ଅଭିନବ ଉପାୟରେ ବିଭିନ୍ନ ଅପରାଧ ଘଟାଉଛନ୍ତି। ବିଶେଷକରି ମହିଳାମାନେ ଏହି ଅପରାଧର ଶିକାର ହେଉଛନ୍ତି। ସରଳତା ଏବଂ ଅଜ୍ଞତା ଯୋଗୁ ସାଇବର ଅପରାଧୀମାନେ ସେମାନଙ୍କୁ ସହଜରେ ଟାର୍ଗେଟ କରିପାରୁଛନ୍ତି। ଜାତୀୟ ମହିଳା କମିଶନ(ଏନ୍‌ସିଡବ୍ଲ୍ୟୁ) ନିକଟରେ ଗତ ଏପ୍ରିଲରେ କେବଳ ୫୪ ମହିଳା ବିରୋଧୀ ସାଇବର ଅପରାଧ ମାମଲା ରୁଜୁ ହୋଇଛି, ଯେତେବେଳେ କି ମାର୍ଚ୍ଚରେ ଏହା ୩୭ ଏବଂ ଫେବୃୟାରୀରେ ୨୧ ଥିଲା। ଓଡ଼ିଶାରେ ଏଭଳି ୧୦ରୁ ଊର୍ଦ୍ଧ୍ୱ ମାମଲା ସାମ୍ନାକୁ ଆସିଛି। ଅଧିକାଂଶ ଜଣାଶୁଣା ଚେହେରା ତଥା ଫିଲ୍ମ ଓ ଟେଲିଭିଜନ ଅଭିନେତ୍ରୀ ଏହି ଅପରାଧର ଶିକାର ହୋଇଛନ୍ତି।

ଏନ୍‌ସିଡବ୍ଲ୍ୟୁର ତଥ୍ୟ ଅନୁଯାୟୀ, ଲକ୍‌ଡାଉନ୍ ମଧ୍ୟରେ ମାର୍ଚ୍ଚରୁ ଅଦ୍ୟାବଧି ମହିଳା ବିରୋଧୀ ସାଇବର ଅପରାଧ ଦ୍ୱିଗୁଣିତ ହୋଇଛି। ହେଲେ ସଙ୍ଗିନ ମାମଲାଗୁଡ଼ିକ ସାଇବର ସେଲ୍, ପୋଲିସ ଏବଂ ଏନ୍‌ସିଡବ୍ଲ୍ୟୁ ନିକଟରେ ପହଞ୍ଚୁଥିବାବେଳେ ଅଧିକାଂଶ ସ୍ଥଳରେ ମାମଲା ରୁଜୁ ହୋଇପାରୁ ନାହିଁ। ସୋସିଆଲ ମିଡିଆରେ ଦୁର୍ବ୍ୟବହାର, ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ, ବ୍ଲାକ୍‌ମେଲିଂ, ଆକାଉଣ୍ଟ ହ୍ୟାକ୍, ଅନ୍‌ଲାଇନ ଧମକ ଭଳି ଘଟଣାଗୁଡ଼ିକରେ ମହିଳାମାନେ ପ୍ରାୟ ଚୁପ୍ ରହିଯାଉଛନ୍ତି। ହରିୟାଣା, ଗୁଜରାଟ, ମଧ୍ୟପ୍ରଦେଶ, ରାଜସ୍ଥାନ ପରି ରାଜ୍ୟ ସାଇବର ମାମଲା ସମାଧାନ କ୍ଷେତ୍ରରେ ଯେଉଁ ଭଳି ଆଗରେ ଅଛନ୍ତି, ଓଡ଼ିଶା ପୋଲିସ କ୍ଷେତ୍ରରେ ତାହା ଦେଖିବାକୁ ମିଳୁ ନ ଥିବା ଜଣାପଡ଼ିଛି। ଏହି କାରଣରୁ ରାଜ୍ୟରେ ସାଇବର ଅପରାଧ ମାମଲା ବୃଦ୍ଧି ପାଇବାର ଏକ ପ୍ରମୁଖ କାରଣ ପାଲଟିଛି।

ଓଡ଼ିଶା ସମେତ ସାରା ଦେଶରେ ଏବେ ମହିଳା ବିରୋଧୀ ସାଇବର ଅପରାଧ ଏକ ପ୍ରକାର ଟ୍ରେଣ୍ଡ ପାଲଟିଗଲାଣି। ମହିଳାଙ୍କ ନାମ ଓ ଫଟୋ ବ୍ୟବହାର କରି ଫେକ୍ ପ୍ରୋଫାଇଲ୍ ତିଆରି କରିବା, ସାଇବର ବୁଲିଂ, ଅନ୍‌ଲାଇନ୍ ଷ୍ଟକିଂ ବର୍ତ୍ତମାନ ସମୟରେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ଭାବେ ଉଭାହୋଇଛି। ସେହିଭଳି ସୋସିଆଲ ମିଡିଆରେ ମହିଳାଙ୍କ ବିରୋଧରେ ଅସମ୍ବେଦନଶୀଳ ପୋଷ୍ଟ ଏବଂ କମେଣ୍ଟ ମଧ୍ୟ ଏହି ଲକ୍‌ଡାଉନ୍ ସମୟରେ ବୃଦ୍ଧି ପାଇଛି। କରୋନା ସମୟରେ ରାଜ୍ୟରେ ମହିଳା ବିରୋଧୀ କେତେ ସାଇବର ଅପରାଧ ଘଟିଛି ତାହା ନିର୍ଦ୍ଦିଷ୍ଟ ଭାବେ ଜଣାପଡ଼ି ନ ଥିଲେ ହେଁ ନ୍ୟାଶନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ(ଏନ୍‌ସିଆର୍‌ବି) ରିପୋର୍ଟ ଅନୁଯାୟୀ, ☞ପୃଷ୍ଠା-୪

# ବିନା ଟ୍ୟାକ୍ସି ପରମିଟ୍‌ରେ ଭଡ଼ା କାର ବ୍ୟବହାର କରିଥିଲେ ଜିଲାପାଳ







ନମ୍ବର ପ୍ଲେଟ୍‌ର ରଙ୍ଗ ବଦଳିବା ପୂର୍ବରୁ ଓ ପରେ।

**ନମ୍ବରପ୍ଲେଟ୍ ରଙ୍ଗ ବଦଳିବା ପ୍ରସଙ୍ଗ**

**ଜଗତ୍‌ସିଂହପୁର ଅଫିସ, ୧୮।୭**

ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ସରକାରୀ ଭାବେ ବ୍ୟବହାର କରୁଥିବା ଭଡ଼ା ଇନୋଭା କାରର ନମ୍ବର ପ୍ଲେଟ୍ ରଙ୍ଗ ହଠାତ୍ ବଦଳିବା ପ୍ରସଙ୍ଗ ସାଧାରଣରେ ଖୁବ୍ ଚର୍ଚ୍ଚା ହୋଇଥିଲା। ଏବେ ଏନେଇ ଆଉ ଏକ ତଥ୍ୟ ହସ୍ତଗତ ହୋଇଛି। ତାହା ହେଲା ଏହି କାର୍‌କୁ ଯେଉଁ ତାରିଖରେ ଭଡ଼ାରେ ଲଗାଯାଇଥିଲା ସେତେବେଳେ ତାହାର ଟ୍ୟାକ୍ସି ପରମିଟ୍ ନ ଥିଲା। କୌଣସି ଗାଡ଼ି ଭଡ଼ାରେ ଲାଗିବାକୁ ହେଲେ ତାହା ଟ୍ୟାକ୍ସି ପରମିଟ୍ ପାଇବା ବାଧ୍ୟତାମୂଳକ। କିନ୍ତୁ ନିଜେ ଜିଲାପାଳ ତଥା ଆଞ୍ଚଳିକ ପରିବହନ ପ୍ରାଧିକରଣ (ଆର୍‌ଟିଏ) ଅଧ୍ୟକ୍ଷଙ୍କ କ୍ଷେତ୍ରରେ ଏନେଇ ବ୍ୟତିକ୍ରମ ହେବା ବାଡ଼ ଖେତ ଖାଇବା ସଦୃଶ ବୋଲି ସାଧାରଣରେ କୁହାଯାଉଛି। କେଉଁ ଉଦ୍ଦେଶ୍ୟ ରଖି କାର୍ ମାଲିକଙ୍କ ପ୍ରତି ଜିଲାପାଳ ଅହେତୁକ ଅନୁକମ୍ପା ଦେଖାଇଛନ୍ତି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ଜିଲା ପ୍ରଶାସନ ଓ ଜଗତ୍‌ସିଂହପୁର ଆର୍‌ଟିଓରୁ ମିଳିଥିବା ତଥ୍ୟ ଅନୁଯାୟୀ, ଜିଲାପାଳ ମହାପାତ୍ର ବ୍ୟବହାର କରୁଥିବା ☞ପୃଷ୍ଠା-୪






ଅଗଷ୍ଟ ୩ କିମ୍ବା ୫ରେ ଅଯୋଧ୍ୟାରେ ବିଶାଳ ରାମମନ୍ଦିର ନିର୍ମାଣ ଲାଗି କାର୍ଯ୍ୟ ଆରମ୍ଭ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାରିଖ ନିର୍ଦ୍ଧାରଣ କରିବା ପରେ ଯଥାରୀତି କାର୍ଯ୍ୟ ଆଗେଇ ଚାଲିବ ବୋଲି ରାମମନ୍ଦିର ଟ୍ରଷ୍ଟର ଅଧିକାରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ଭୂମିପୂଜା କାର୍ଯ୍ୟକ୍ରମରେ ଉପସ୍ଥିତ ରହିପାରନ୍ତି ବୋଲି କୁହାଯାଉଛି।

# ନେତାଙ୍କ ଫୋନ୍ ଟ୍ୟାପିଂ ଅଭିଯୋଗ

**ନୂଆଦିଲ୍ଲୀ/ଜୟପୁର,୧୮।୭(ପି.ଟି.)**

## ସିବିଆଇ ତଦନ୍ତ ଦାବିକଲା ଭାଜପା



ସମ୍ବିତ୍ ପାତ୍ର

ରାଜସ୍ଥାନର କଂଗ୍ରେସ ସରକାର ଯଦି ଅସାମ୍ବିଧାନିକ ଉପାୟରେ ରାଜନେତାମାନଙ୍କୁ ଫୋନ୍ ଟ୍ୟାପିଂ କରୁଥାଏ, ତେବେ ଏହାର ସିବିଆଇ ତଦନ୍ତ କରାଯାଉ ବୋଲି ଭାଜପା ପକ୍ଷରୁ ଦାବି ହୋଇଛି। ରାଜ୍ୟରେ ଅଶୋକ ଗେହଲଟ ସରକାର ଭାଙ୍ଗିବା ପାଇଁ କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କ ସମେତ ଭାଜପା ନେତାମାନେ ଚକ୍ରାନ୍ତ ଚଳାଇଥିବା କଂଗ୍ରେସ ଅଭିଯୋଗ କରିବା ସହ କେତେକ ଅଡିଓ କ୍ଲିପ୍ ଦେଖାଇଥିଲା। ଏହାକୁ ନେଇ ଭାଜପା ମୁଖପାତ୍ର ସମ୍ବିତ୍ ପାତ୍ର କଂଗ୍ରେସକୁ କଡ଼ା ସମାଲୋଚନା କରିଛନ୍ତି। ନେତାମାନଙ୍କ ଫୋନ୍ ଟ୍ୟାପିଂ କରାଯାଉଥିଲା କି ବୋଲି ସମ୍ବିତ୍ କଂଗ୍ରେସ ହାଇକମାଣ୍ଡ ଓ ମୁଖ୍ୟମନ୍ତ୍ରୀ ଗେହଲଟଙ୍କୁ ପ୍ରଶ୍ନ କରିଛନ୍ତି। ସଙ୍କଟରେ ପଡ଼ିବା ପରେ କଂଗ୍ରେସ ସରକାର ନିଜକୁ ବଞ୍ଚାଇବା ପାଇଁ ଅସାମ୍ବିଧାନିକ ଉପାୟ ଆପଣାଇଥିଲେ କି ବୋଲି ଖବରଦାତା ସମ୍ମିଳନୀରେ ସମ୍ବିତ୍ ପ୍ରଶ୍ନ କରିଛନ୍ତି।

ରାଜନେତାଙ୍କ ଫୋନ୍ ଟ୍ୟାପିଂ ହେଉଥିଲାବେଳେ ରାଜସ୍ଥାନ ଜନସାଧାରଣଙ୍କ ଗୋପନୀୟତା ସହ ସାଲିସ୍ କରାଯାଇଛି କି ନାହିଁ ସେମାନେ ଜାଣିବାକୁ ଚାହାନ୍ତି। ରାଜ୍ୟରେ ଏହା ଏକ ଛଦ୍ମ ଜରୁରୀ ପରିସ୍ଥିତି ନୁହେଁ କି ବୋଲି ଭାଜପା ନେତା ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାର ତୁରନ୍ତ ଜବାବ ଦିଅନ୍ତୁ ବୋଲି ସମ୍ବିତ୍ କହିବା ସହ ଫୋନ୍ ଟ୍ୟାପିଂର ସିବିଆଇ ତଦନ୍ତ ଦାବି କରିଛନ୍ତି। ସୂଚନାଯୋଗ୍ୟ ଗେହଲଟ ସରକାରଙ୍କୁ ଭାଙ୍ଗିବା ଲାଗି ଭାଜପା ନେତା ଷଡ଼ଯନ୍ତ୍ର ଚଳାଇଥିବା ନେଇ ଦୁଇଟି ଅଡିଓ କ୍ଲିପ୍‌ରୁ ଜଣାପଡ଼ିଥିବା କଂଗ୍ରେସ ପକ୍ଷରୁ ଶୁକ୍ରବାର ଅଭିଯୋଗ କରାଯାଇଥିଲା। ଏହି ଷଡ଼ଯନ୍ତ୍ରରେ ସମ୍ପୃକ୍ତ କେନ୍ଦ୍ରମନ୍ତ୍ରୀ ଶେଖାୱତ ଏବଂ ବିଦ୍ରୋହୀ କଂଗ୍ରେସ ବିଧାୟକ ଭଓଁରଲାଲ ଶର୍ମାଙ୍କ ଗିରଫ ଦାବି କରିଥିଲା କଂଗ୍ରେସ। ଶେଖାୱତ ଅଭିଯୋଗକୁ ଖଣ୍ଡନ କରି ଯେକୌଣସି ତଦନ୍ତର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ବୋଲି କହିଥିଲେ।

## 'କଂଗ୍ରେସରେ ବିବାଦ ପାଇଁ ରାଜସ୍ଥାନବାସୀଙ୍କୁ ମୂଲ୍ୟ ଦେବାକୁ ପଡ଼ୁଛି'

**ଜୟପୁର,୧୮।୭**



ବସୁନ୍ଧରା ରାଜେ

କଂଗ୍ରେସ ଦଳରେ କଳହ ଯୋଗୁ ରାଜସ୍ଥାନର ଜନସାଧାରଣଙ୍କୁ ମୂଲ୍ୟ ଦେବାକୁ ପଡ଼ୁଛି। ରାଜ୍ୟ କଂଗ୍ରେସରେ କିଛିଦିନ ହେଲା ସଙ୍କଟ ଲାଗି ରହିଥିବାବେଳେ ବରିଷ୍ଠ ଭାଜପା ନେତ୍ରୀ ତଥା ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ଶନିବାର ପ୍ରଥମ ଥର ପାଇଁ ଗଣମାଧ୍ୟମକୁ ମନ୍ତବ୍ୟ ଦେଇ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ସହ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟଙ୍କ ବିଦ୍ରୋହରୁ କଂଗ୍ରେସରେ ସଙ୍କଟ ସୃଷ୍ଟି ହୋଇଛି। ଏଥିରେ ଭାଜପାକୁ କାଦୁଅ ମଧ୍ୟକୁ ଟାଣିବାର କୌଣସି କାରଣ ନାହିଁ ବୋଲି ସେ କହିଛନ୍ତି।

କଂଗ୍ରେସରେ ବିବାଦ ଯୋଗୁ ରାଜ୍ୟ ସମ୍ମୁଖୀନ ହୋଇଥିବା ବିଭିନ୍ନ ସମସ୍ୟାର ଏକ ତାଲିକା ଉପସ୍ଥାପନ କରିଛନ୍ତି ଭାଜପା ନେତ୍ରୀ। ରାଜସ୍ଥାନରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୮ ହଜାରରେ ପହଞ୍ଚିଥିବାବେଳେ ୫୦୦ରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ସେପଟେ ପଙ୍ଗପାଳ ଦଳ ମାଡ଼ିଆସି ଫସଲ ଉଜାଡ଼ିବାରେ ଲାଗିଛନ୍ତି। ରାଜ୍ୟରେ ମହିଳାଙ୍କ ପ୍ରତି ଅପରାଧ ସବୁ ସୀମା ଅତିକ୍ରମ କରିଥିବାବେଳେ ବିଜୁଳି ସଙ୍କଟ ଦେଖାଦେଇଛି। ଏଭଳି ସମୟରେ ଲୋକଙ୍କ ସମସ୍ୟା ପ୍ରତି ଆଖିବୁଜି ଦେଇ ସରକାରୀ ଦଳ କଳହରେ ଲିପ୍ତ ରହିବା ଦୁର୍ଭାଗ୍ୟଜନକ ବୋଲି ବସୁନ୍ଧରା କହିଛନ୍ତି।

ନିର୍ବାଚିତ ସରକାରକୁ ଭାଙ୍ଗିଦେବା ପାଇଁ ଭାଜପା ଉଦ୍ୟମ କରୁଛି ବୋଲି କଂଗ୍ରେସ ଅଭିଯୋଗ କରିଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏହାକୁ ଖଣ୍ଡନ କରିଛନ୍ତି। ମଧ୍ୟପ୍ରଦେଶରେ କଂଗ୍ରେସ ସରକାର ଭାଙ୍ଗିବା ପରେ ରାଜସ୍ଥାନରେ ସଚିନ ପାଇଲଟଙ୍କ ବିଦ୍ରୋହକୁ ଭାଜପା ସକ୍ରିୟ ସମର୍ଥନ କରୁଥିବା ଅଭିଯୋଗ ହୋଇଥିଲା। ମୁଖ୍ୟମନ୍ତ୍ରୀ ଗେହଲଟଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ସହାୟତା କରିବାକୁ ଉଦ୍ୟମ କରୁଥିବା ସହଯୋଗୀ ଦଳ ରାଷ୍ଟ୍ରୀୟ ଲୋକତାନ୍ତ୍ରିକ ପାର୍ଟିର ଏମ୍‌ପି ହନୁମାନ ବେନିୱାଲ ଅଭିଯୋଗ କରିଥିଲେ। ତାଙ୍କୁ ଏଭଳି ମନ୍ତବ୍ୟ ନ ଦେବାକୁ ଅନୁରୋଧ କରାଯାଇଥିବା ରାଜ୍ୟ ଭାଜପା ସଭାପତି ସତୀଶ ପୁନିଆ କହିଥିଲେ। ବିଦ୍ରୋହୀ କଂଗ୍ରେସ ବିଧାୟକ ଭାଜପା ସହ ମିଶି ସରକାର ବିରୋଧରେ କାର୍ଯ୍ୟ କରୁଥିବାର ଅଡିଓ ଟେପ୍‌ରୁ ସ୍ପଷ୍ଟ ହୋଇଛି ବୋଲି କଂଗ୍ରେସ କହିବା ପରେ ବସୁନ୍ଧରା ଗଣମାଧ୍ୟମକୁ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

## ସେନା ପ୍ରତ୍ୟାହାରରେ ସାଲିସ୍ ନାହିଁ

**ନୂଆଦିଲ୍ଲୀ,୧୮।୭**

### ଚାଇନାକୁ ଭାରତର ରୋକ୍‌ଠୋକ୍ ବାର୍ତ୍ତା

ଚାଇନା ସୈନ୍ୟମାନେ ତୁରନ୍ତ ପଙ୍ଗଓଙ୍ଗ ସୋ ଅଞ୍ଚଳ ଖାଲି କରନ୍ତୁ ଓ ମେ' ୫ ପୂର୍ବ ସ୍ଥିତାବସ୍ଥା ଫେରାଇ ଆଣନ୍ତୁ। ଦୁଇଦେଶର ସେନା କମାଣ୍ଡର ସ୍ତରୀୟ ଶେଷ ପର୍ଯ୍ୟାୟ ଆଲୋଚନାବେଳେ ଭାରତ ପକ୍ଷରୁ ଚାଇନକୁ ରୋକ୍‌ଠୋକ୍ ଶୁଣାଇ ଦିଆଯାଇଛି। ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ଭାରତର ଯେଉଁ ଅଞ୍ଚଳରେ ଅନୁପ୍ରବେଶ କରିଥିଲେ, ସେଠାରୁ ଫେରିଯିବାକୁ ହେବ। ଏଥିରେ ସାଲିସ୍‌ର ପ୍ରଶ୍ନ ଉଠୁନାହିଁ ବୋଲି ଦୀର୍ଘସମୟ ଆଲୋଚନା ଅବସରରେ ଭାରତ ବେଜିଂକୁ କଡ଼ା ବାର୍ତ୍ତା ଦେଇଛି। ଆଲୋଚନାର ଏହି ପର୍ଯ୍ୟାୟରେ କୌଣସି ସନ୍ଦେହ ରହିବା ଉଚିତ୍ ନୁହେଁ ବୋଲି ଭାରତୀୟ ପକ୍ଷ ସ୍ପଷ୍ଟ କରିଦେଇଛନ୍ତି। ସେହିପରି ଡେପସାଙ୍ଗ ଉପରେ ଆଲୋଚନା ବେଳେ ଚାଇନା ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି) ସେପଟେ ଥିବା ଦାବି କରୁଛି। ସେଠାରେ ମଧ୍ୟ ସମାନ ସ୍ଥିତି। ଉତ୍ତେଜନାପୂର୍ଣ୍ଣ କାର୍ଯ୍ୟରୁ ବିରତ ରହିବାକୁହେଲେ ଏଲ୍ଏସି ପ୍ରକୃତରେ କେଉଁଠି ତାହା ଉପରେ ଆଲୋଚନା ହେବା ଜରୁରୀ। ଏହା ଉପରେ ଆଲୋଚନା ହେଉ ନ ଥିବାରୁ ଅନୁପ୍ରବେଶର ଅନ୍ତ ଘଟୁନାହିଁ। ଶୁକ୍ରବାର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଲଦାଖ ଯାଇ ସେନା ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଚାଇନା ସହ ଆଲୋଚନାରେ ଅଗ୍ରଗତି ଆଶା କରାଯାଉଥିବାବେଳେ ଗ୍ୟାରେଣ୍ଟି ଦିଆଯାଇପାରିବ ନାହିଁ ବୋଲି ସେ କହିଥିଲେ। ଦୁଇମାସରୁ ଊର୍ଦ୍ଧ୍ୱ ସମୟ ହେଲା ପୂର୍ବ ଲଦାଖରେ ଦୁଇଦେଶର ସେନା ମଧ୍ୟରେ ମୁହାଁମୁହିଁ ସ୍ଥିତି ଜାରି ରହିଥିଲାବେଳେ ଜୁନ୍ ୧୫ର ରକ୍ତାକ୍ତ ସଂଘର୍ଷ ପରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ବହୁ ପର୍ଯ୍ୟାୟ ସାମରିକ ଓ କୂଟନୈତିକ ଆଲୋଚନା ପରେ ଉଭୟ ପକ୍ଷର ସେନା ପ୍ରତ୍ୟାହାର ଆରମ୍ଭ କରିଥିଲେ। ତେବେ ଚାଇନା ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସୈନ୍ୟ ପ୍ରତ୍ୟାହାର କରିନାହିଁ।

## ରାଜ୍ୟପାଳଙ୍କୁ ଭେଟିଲେ ଗେହଲଟ



**ଜୟପୁର,୧୮।୭:** ରାଜସ୍ଥାନ କଂଗ୍ରେସ ସରକାରରୁ ସମର୍ଥନ ପ୍ରତ୍ୟାହାର କରିନେଇଥିବା ଆଞ୍ଚଳିକ ଦଳର ୨ ବିଧାୟକ ପୁଣିଥରେ ସମର୍ଥନ ଜଣାଇବା ପରେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଶନିବାର ସନ୍ଧ୍ୟାରେ ରାଜ୍ୟପାଳ କଲରାଜ ମିଶ୍ରଙ୍କୁ ଭେଟିଛନ୍ତି। ଏହା ସୌଜନ୍ୟମୂଳକ ସାକ୍ଷାତ୍ ଥିଲା ବୋଲି ଗେହଲଟ କହିଛନ୍ତି। ଉଭୟଙ୍କ ମଧ୍ୟରେ କରୋନା ସ୍ଥିତି ଓ ଅନ୍ୟାନ୍ୟ ପ୍ରସଙ୍ଗରେ ୪୫ ମିନିଟ ଆଲୋଚନା ହୋଇଥିଲା। ଭାରତୀୟ ଟ୍ରାଇବାଲ ପାର୍ଟି (ବିଟିପି)ର ଦୁଇ ବିଧାୟକ ସରକାରଙ୍କୁ ସେମାନଙ୍କ ସମର୍ଥନ ଘୋଷଣା କରିଥିବା ଗେହଲଟ ଟୁଇଟ୍ କରିଛନ୍ତି।

## ରାଷ୍ଟ୍ରପତି ଶାସନ ଦାବିକଲେ ମାୟାବତୀ

**ଲକ୍ଷ୍ନୌ,୧୮।୭(ପି.ଟି.)**

ରାଜସ୍ଥାନ ସରକାରରେ ଅସ୍ଥିରତା ଦେଖାଦେଇଥିବାରୁ ଏହାକୁ ବିଚାରକୁ ନେଇ ରାଜ୍ୟପାଳ କଲରାଜ ମିଶ୍ର ସେଠାରେ ରାଷ୍ଟ୍ରପତି ଶାସନ ଜାରି ଲାଗି ସୁପାରିସ କରନ୍ତୁ ବୋଲି ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀ ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଦଳବଦଳ ଆଇନର ଖୋଲା ଉଲ୍ଲଂଘନ କରି ଦ୍ୱିତୀୟ ଥର ପାଇଁ ବିଏସ୍‌ପିକୁ ଠକିଥିବା ମାୟାବତୀ କହିଛନ୍ତି। ଏଥିସହିତ ଫୋନ୍ ଟ୍ୟାପିଂ କରିବା ସରକାରଙ୍କର ବେଆଇନ ତଥା ଅସାମ୍ବିଧାନିକ କାର୍ଯ୍ୟର ପ୍ରମାଣ ବୋଲି ମାୟାବତୀ ଟୁଇଟ୍ କରି କହିଛନ୍ତି।

## କୃଷିକୁ ଅବଦାନ ପାଇଁ ୩ ଓଡ଼ିଆ ପୁରସ୍କୃତ

**ନୂଆଦିଲ୍ଲୀ,୧୮।୭**

କୃଷି ଓ ଆନୁଷଙ୍ଗିକ କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ୩ ଜଣ ଓଡ଼ିଆଙ୍କୁ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ପୁରସ୍କୃତ କରିଛନ୍ତି। ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର୍)ର ପ୍ରତିଷ୍ଠା ଦିବସ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପ୍ରାକୃତିକ ସମ୍ବଳ ପରିଚାଳନା ଓ କୃଷି ଇଞ୍ଜିନିୟରିଂ ଲାଗି ଆଇସିଏଆର୍/ଏନ୍ଆର୍ଆର୍ଆଇ କଟକର ବରିଷ୍ଠ ବୈଜ୍ଞାନିକ ଡ. ମହମ୍ମଦ ଶାହିଦଙ୍କୁ ୨୦୧୯ ବର୍ଷ ପାଇଁ ଲାଲ୍‌ବାହାଦୁର ଶାସ୍ତ୍ରୀ ଆଉଟଷ୍ଟାଣ୍ଡିଂ ୟଙ୍ଗ୍ ସାଇଣ୍ଟିଷ୍ଟ ଆୱାର୍ଡ ପ୍ରଦାନ କରାଯାଇଛି। ସେହିପରି ବରଗଡ ଜିଲାର କୃଷକ ସୁଦାମ ସାହୁଙ୍କୁ ଜଗଜ୍ଜୀବନ ରାମ ଇନୋଭେଶନ ଆୱାର୍ଡ ୨୦୧୯ ଏବଂ ଆଇସିଏଆର୍/ଆଇଏଆର୍ଆଇ ଦିଲ୍ଲୀର ପ୍ରମୁଖ ବୈଜ୍ଞାନିକ ଡ. ପ୍ରମୋଦ କୁମାର ସାହୁଙ୍କୁ କୃଷି ଓ ଆନୁଷଙ୍ଗିକ ବିଜ୍ଞାନରେ ଲେଖିଥିବା ବୈଷୟିକ ପୁସ୍ତକ ପାଇଁ ରାଜେନ୍ଦ୍ର ପ୍ରସାଦ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ମନ୍ତ୍ରୀ ତୋମାର କୃଷି ବୈଜ୍ଞାନିକମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ବୈଜ୍ଞାନିକମାନଙ୍କ ଗବେଷଣା ଯୋଗୁ ଭାରତ ଆଜି ଖାଦ୍ୟଶସ୍ୟରେ ବଳକା ରାଷ୍ଟ୍ରରେ ପରିଣତ ହୋଇପାରିଛି ବୋଲି ତୋମାର କହିଥିଲେ।



ଜମ୍ମୁ-କଶ୍ମୀର ଗସ୍ତରେ ଥିବା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଅମରନାଥ ଦର୍ଶନ ଲାଗି ଯାଉଛନ୍ତି।

## ଇରାନରେ ୨.୫ କୋଟି ସଂକ୍ରମିତ: ରୁହାନି

**ତେହେରାନ,୧୮।୭**

ଇରାନରେ ୨.୫ କୋଟି ଲୋକ କରୋନା ମହାମାରୀରେ ସଂକ୍ରମିତ ହୋଇଥାଇପାରନ୍ତି ବୋଲି ଏହାର ରାଷ୍ଟ୍ରପତି ହାସନ ରୁହାନି ଶନିବାର ଆକଳନ କରିଛନ୍ତି। ମହାମାରୀକୁ ଗୁରୁତର ସହ ନେବା ପାଇଁ ସେ ଦେଶବାସୀଙ୍କୁ ଅନୁରୋଧ କରିଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଅଧ୍ୟୟନ ଅନୁଯାୟୀ ସଂକ୍ରମିତଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। ଆଗାମୀ କିଛି ମାସରେ ୩୦ରୁ ୩୫ ନିୟୁତ ଲୋକ ସଂକ୍ରମିତ ହେବେ ବୋଲି ଏଥିରେ କୁହାଯାଇଛି। ମଧ୍ୟପ୍ରାଚ୍ୟରେ ଇରାନ କରୋନା ମହାମାରୀ ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଛି। ଏଠାରେ ୨ ଲକ୍ଷ ୭୦ ହଜାରରୁ ଅଧିକ ସଂକ୍ରମିତ ହୋଇଥିବା ବେଳେ ୧୩,୯୭୯ ଜଣଙ୍କ ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଇଛି।

## ଆରମ୍ଭ ହେଲାଣି ଗୋଷ୍ଠୀ ସଂକ୍ରମଣ

**ନୂଆଦିଲ୍ଲୀ,୧୮।୭**



- ଦିନକରେ ୩୪,୮୮୪ ନୂଆ ମାମଲା
- ଦେଶରେ ୨୬,୫୦୦ ମୁଣ୍ଡ ଗଡ଼ିଲାଣି
- ଆକ୍ରାନ୍ତଙ୍କ ସଂଖ୍ୟା ୧୦.୫୦ ଲକ୍ଷ ଟପିଲା

ଭାରତରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ଟପିଥିବାବେଳେ ଦେଶରେ ଗୋଷ୍ଠୀ ସଂକ୍ରମଣ ଆରମ୍ଭ ହୋଇଥିବା ଭାରତୀୟ ମେଡିକାଲ ସଂଘ (ଆଇଏମ୍ଏ) ଅନୁଭବ କରୁଛି। କରୋନା ସଂକ୍ରମଣ ଏବେ ବିସ୍ଫୋରକ ରୂପ ଧାରଣ କଲାଣି ବୋଲି ଆଇଏମ୍ଏ ହସ୍ପିଟାଲ ବୋର୍ଡ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ଡ. ଭି.କେ. ମୋଙ୍ଗା କହିଛନ୍ତି। ପ୍ରତିଦିନ ୩୦ ହଜାରରୁ ଅଧିକ ଲୋକ ସଂକ୍ରମିତ ହେଉଛନ୍ତି। ଏହା ଅତ୍ୟନ୍ତ ସଙ୍ଗିନ୍ ସ୍ଥିତି ବୋଲି ସେ ମତ ଦେଇଛନ୍ତି। ଏବେ ଏହା ଗ୍ରାମାଞ୍ଚଳକୁ ବ୍ୟାପିବା ଆରମ୍ଭ ହୋଇଛି। ଏହା ଖରାପ ଲକ୍ଷଣ ଏବଂ ଗୋଷ୍ଠୀ ସଂକ୍ରମଣର ଆଭାସ ବୋଲି ଡ. ମୋଙ୍ଗା କହିଛନ୍ତି। ଗ୍ରାମାଞ୍ଚଳକୁ ସଂକ୍ରମଣ ବ୍ୟାପିଯିବା ପରେ ପରିସ୍ଥିତିକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡ଼ିବ। ମହାରାଷ୍ଟ୍ର, କର୍ଣ୍ଣାଟକ, କେରଳ, ଗୋଆ, ମଧ୍ୟପ୍ରଦେଶର ଆଭ୍ୟନ୍ତରୀଣ ଅଞ୍ଚଳ ଏବେ କରୋନାରେ ନୂଆ ହଟ୍‌ସ୍ପଟ୍ ହୋଇଥିବା ଆଇଏମ୍ଏ ପକ୍ଷରୁ କୁହାଯାଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ୩୪,୮୮୪ ନୂଆ ମାମଲା ସାମ୍ନାକୁ ଆସିଥିବାବେଳେ ୬୭୧ ଜୀବନ ଯାଇଛି। ଦେଶରେ ଏଥିସହ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦.୫୦ ଲକ୍ଷରୁ ଅଧିକ ହୋଇଛି। ମୋଟ ୨୬,୫୦୦ ଲୋକ ପ୍ରାଣ ହରାଇଥିବାବେଳେ ସବୁଆଡ଼େ ଆତଙ୍କ ପରିସ୍ଥିତି ଦେଖାଦେଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ରିପୋର୍ଟ ମୁତାବକ ୬.୫୪ ଲକ୍ଷ ଲୋକ ସୁସ୍ଥହୋଇ ଘରକୁ ଫେରିଛନ୍ତି। ଏବେ ଆକ୍ଟିଭ୍ ମାମଲା ୩.୫୮ ଲକ୍ଷ ରହିଥିବା ଜଣାପଡ଼ିଛି। ବହୁମାତ୍ରାରେ ନୂଆ ମାମଲା ଦେଖାଦେବା ପରେ ସୁସ୍ଥହାର ସାମାନ୍ୟ କମି ୬୨.୯୩% ରହିଛି। ମହାରାଷ୍ଟ୍ର, ତାମିଲନାଡୁ, ଦିଲ୍ଲୀ, କର୍ଣ୍ଣାଟକ ଆଦି ରାଜ୍ୟର ପରିସ୍ଥିତି ଭୟଙ୍କର ହେବାରେ ଲାଗିଛି। କେବଳ ମହାରାଷ୍ଟ୍ରରେ ୩ ଲକ୍ଷ ଲୋକ ଭୂତାଣୁ ଆକ୍ରାନ୍ତ ହୋଇଥିବାବେଳେ ୧୧,୪୫୦ ଲୋକ ପ୍ରାଣ ହରାଇଛନ୍ତି। ଏଠାରେ ଦିନକରେ ୮ ହଜାରରୁ ଊର୍ଦ୍ଧ୍ୱ ନୂଆ ମାମଲା ଚିହ୍ନଟ କରାଯାଇଛି। ତାମିଲନାଡୁରେ ୧.୬୦ ଲକ୍ଷ ସଂକ୍ରମିତ ହୋଇଥିବା ବେଳେ ମୃତ୍ୟୁସଂଖ୍ୟା ୨,୩୧୫କୁ ବୃଦ୍ଧିପାଇଛି।

## ଶେଷବର୍ଷ ପରୀକ୍ଷା ବାତିଲ ଦାବି

**ମୁମ୍ବାଇ,୧୮।୭**

### ସୁପ୍ରିମକୋର୍ଟ ଗଲା ଶିବସେନା ଯୁବମୋର୍ଚ୍ଚା



ଆଦିତ୍ୟ ଠାକ୍‌ରେ

ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରେ ଶେଷବର୍ଷର ପରୀକ୍ଷା ସେପ୍ଟେମ୍ବରରେ କରିବା ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ଗ୍ରହଣ କରିଥିବାବେଳେ ଏହାକୁ ଶିବସେନା ଯୁବମୋର୍ଚ୍ଚା ପକ୍ଷରୁ ବିରୋଧ କରାଯାଇଛି। ଶନିବାର ଏନେଇ ଯୁବମୋର୍ଚ୍ଚା ପକ୍ଷରୁ ସୁପ୍ରିମକୋର୍ଟରେ ରିଟ୍ ପିଟିଶନ ଦାଖଲ କରାଯାଇଛି। ଦେଶରେ ମହାମାରୀ କରୋନାର ପ୍ରାଦୁର୍ଭାବ ବଢ଼ି ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ଟପିଥିବା ବେଳେ ଲକ୍ଷ ଲକ୍ଷ ଛାତ୍ରୀଛାତ୍ର, ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଓ ସେମାନଙ୍କ ପରିବାରକୁ ସୁରକ୍ଷା ଦେବା ଲାଗି ସର୍ବୋଚ୍ଚ କୋର୍ଟ ପରୀକ୍ଷା ଲଦି ନ ଦେବାଲାଗି ୟୁଜିସିକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଅନୁରୋଧ କରାଯାଇଛି। ଯୁବମୋର୍ଚ୍ଚାର ଅଧ୍ୟକ୍ଷ ତଥା ମହାରାଷ୍ଟ୍ର ପରିବେଶ ମନ୍ତ୍ରୀ ଆଦିତ୍ୟ ଠାକ୍‌ରେ ଏନେଇ ଟୁଇଟରରେ ଉଲ୍ଲେଖ କରିଛନ୍ତି। ଏଭଳି ପରିସ୍ଥିତିରେ ସେମାନଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବା ପରିବର୍ତ୍ତେ ୟୁଜିସି ଦ୍ୱାରା ପରୀକ୍ଷା ଲାଗି ଏକ ପ୍ରକାର ବାଧ୍ୟ କରାଯିବା ଠିକ୍ ନୁହେଁ ବୋଲି ସେ କହିଛନ୍ତି। ମହାମାରୀ ପରେ ପିଲାମାନେ ଆପେ ଆପେ ପରୀକ୍ଷା ଲାଗି ଆଗଭର ହେବେ।

ଅନ୍ୟପକ୍ଷରେ ଯୁବସେନା ସମ୍ପାଦକ ବରୁଣ ଦେଶାଇ ଏକ ଭିଡିଓ ରିଲିଜ୍‌ରେ କହିଛନ୍ତି, ୟୁଜିସି ଓ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟକୁ ଚିଠି ଲେଖି ଏସମ୍ପର୍କରେ ଅବଗତ କରାଯାଇଥିଲେ ହେଁ କୌଣସି ଉତ୍ତର ମିଳିନାହିଁ। ମହାରାଷ୍ଟ୍ର ସରକାର ଶେଷବର୍ଷ ପରୀକ୍ଷା ବାତିଲ କରିଥିବାବେଳେ ସମଗ୍ର ଦେଶରେ ଅନୁରୂପ ପଦକ୍ଷେପ ଗ୍ରହଣ କରାଯିବା ଲାଗି ସେ ଦାବି କରିଛନ୍ତି। ଶିବସେନାର ଏଭଳି ନିଷ୍ପତ୍ତିକୁ ସହଯୋଗୀ କଂଗ୍ରେସ ମଧ୍ୟ ସମର୍ଥନ କରିଛି। ମହାମାରୀ କରୋନାର ପ୍ରାଦୁର୍ଭାବ ବଢୁଥିବାବେଳେ ପରୀକ୍ଷା କରାଯିବା ଅନୁଚିତ ବୋଲି ମହାରାଷ୍ଟ୍ର ପ୍ରଦେଶ ଯୁବ କଂଗ୍ରେସ ଅଧ୍ୟକ୍ଷ ସତ୍ୟଜିତ ତାମ୍ବେ କହିଛନ୍ତି।

## ଅକ୍ଟୋବରରେ ମୋଦି-ଆବେ ସମିଟ୍

**ନୂଆଦିଲ୍ଲୀ,୧୮।୭:** ଭାରତ ସହ ସୀମା ସ୍ଥିତାବସ୍ଥାରେ ପରିବର୍ତ୍ତନ ପାଇଁ ଉଦ୍ୟମ କରୁଥିବା ବିସ୍ତାରବାଦୀ ଚାଇନା ସେପଟେ ପୂର୍ବ ଚାଇନା ସାଗରରେ ସେଙ୍କାକୁ ଦ୍ୱୀପ ଚାରିପଟେ ନିଜ ସ୍ଥିତି ଜାହିର କରିବାକୁ ଉଦ୍ୟମ କରୁଛି। ଏହାର ମୁକାବିଲା ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଜାପାନ ପ୍ରତିପକ୍ଷ ସିଞ୍ଜୋ ଆବେଙ୍କ ମଧ୍ୟରେ ଆଲୋଚନା ହେବାକୁ ଯାଉଛି। ଅକ୍ଟୋବରରେ ଦୁଇ ନେତାଙ୍କ ମଧ୍ୟରେ ଶିଖର ବୈଠକ ଅନୁଷ୍ଠିତ ହୋଇପାରେ। ଚାଇନାକୁ ରୋକିବାକୁ ହେଲେ ଜାପାନ ଭାରତ ସହ ଏକାଠି କାର୍ଯ୍ୟ କରିବାକୁ ଚାହୁଁଛି।

## ପାଠପଢ଼ା ଛାଡ଼ିବେ ୪୩% ଦିବ୍ୟାଙ୍ଗ

**ନୂଆଦିଲ୍ଲୀ,୧୮।୭(ପି.ଟି.)**

### ଅନ୍‌ଲାଇନ ଶିକ୍ଷା ସମସ୍ୟା



କରୋନା ମହାମାରୀ ଯୋଗୁ ସାରା ବିଶ୍ୱରେ ଶିକ୍ଷାଦାନ ଗୁରୁତର ପ୍ରଭାବିତ ହୋଇଛି। ଭାରତରେ ମାର୍ଚ୍ଚ ମାସରୁ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିଥିବାବେଳେ ଅନ୍‌ଲାଇନ ଶିକ୍ଷାଦାନ ବ୍ୟବସ୍ଥା ଆରମ୍ଭ ହୋଇଛି। ତେବେ ଏଥିରେ ସମସ୍ୟାର ସମ୍ମୁଖୀନ ହେଉଥିବା ଯୋଗୁ ୪୩ ପ୍ରତିଶତ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ପାଠପଢ଼ାରେ ଡୋରି ବାନ୍ଧିବାକୁ ଯୋଜନା କରିଥିବା କହିଛନ୍ତି। ସ୍ୱାଭିମାନ ନାମକ ଏକ ସଂଗଠନ ପକ୍ଷରୁ କରାଯାଇଥିବା ସର୍ଭେରୁ ଏହି ତଥ୍ୟ ପଦାକୁ ଆସିଛି। ଓଡ଼ିଶା, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ତ୍ରିପୁରା, ସିକ୍କିମ, ନାଗାଲାଣ୍ଡ, ହରିୟାଣା ଓ ଜମ୍ମୁ-କଶ୍ମୀରରେ ଗତ ମେ' ମାସରେ ଉକ୍ତ ସଂସ୍ଥା ପକ୍ଷରୁ ସର୍ଭେ କରାଯାଇଥିଲା। ଏଥିରେ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷକଙ୍କ ସମେତ ୩,୬୨୭ ଜଣଙ୍କଠାରୁ ମତାମତ ସଂଗ୍ରହ କରାଯାଇଥିଲା।

ସର୍ଭେ ଅନୁଯାୟୀ, ନିୟମିତ ନ ହେଲେ ମଧ୍ୟ ଅନ୍‌ଲାଇନ କ୍ଲାସ୍‌ରେ ଯୋଗଦେବା ପାଇଁ ୫୬.୫ ପ୍ରତିଶତ ଦିବ୍ୟାଙ୍ଗ ଛାତ୍ରୀଛାତ୍ରୀ ସଂଘର୍ଷ କରୁଛନ୍ତି। ଅନ୍ୟ ପକ୍ଷରେ ୭୭ ପ୍ରତିଶତ ପିଲା ଦୂରଶିକ୍ଷା ପଦ୍ଧତିରେ ପଢ଼ିବାରେ ଅକ୍ଷମତା ଯୋଗୁ ପଛରେ ପଡ଼ିଯାଇଥିବା କହିଛନ୍ତି। ୫୬.୪୮ ପ୍ରତିଶତ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ପାଠପଢ଼ା ଜାରି ରଖିଥିବାବେଳେ ଅବଶିଷ୍ଟ ୪୩.୫୨ ପ୍ରତିଶତ ପଢ଼ା ଛାଡ଼ିବାକୁ ଯୋଜନା କରୁଥିବା କହିଛନ୍ତି। ପାଠ ବୁଝିପାରୁ ନ ଥିବା ୩୯ ପ୍ରତିଶତ ଦୃଷ୍ଟିବାଧିତ ପିଲା କହିଛନ୍ତି। ୱେବିନାରରେ ସାଙ୍କେତିକ ଭାଷାରେ ବୁଝାଇବା ପାଇଁ କୌଣସି ବ୍ୟବସ୍ଥା ନ ଥିବା ୪୪ ପ୍ରତିଶତ ଅଭିଯୋଗ କରିଛନ୍ତି। ସେହିପରି ପ୍ରଯୁକ୍ତିର ବ୍ୟବହାର ଜାଣି ନ ଥିବା ୮୬ ପ୍ରତିଶତ ଭିନ୍ନକ୍ଷମ ପିଲାଙ୍କ ମାଆବାପା କହିଥିବାବେଳେ ଆବଶ୍ୟକ ଶିକ୍ଷା ଉପକରଣ ନ ଥିବା ୮୧ ପ୍ରତିଶତ ଶିକ୍ଷକ ଜଣାଇଛନ୍ତି। ୬୪% ଦିବ୍ୟାଙ୍ଗ ପିଲାଙ୍କ ଘରେ ସ୍ମାର୍ଟଫୋନ୍ କିମ୍ବା କମ୍ପ୍ୟୁଟର ନାହିଁ। ଅନ୍‌ଲାଇନ ଶିକ୍ଷା ପାଇଁ ଟାବ୍ କିମ୍ବା କମ୍ପ୍ୟୁଟର ଆବଶ୍ୟକ କରନ୍ତି ବୋଲି ୬୭% ଛାତ୍ରୀଛାତ୍ର କହିଥିବା ସର୍ଭେରୁ ଜଣାପଡ଼ିଛି। ୭୪% ଦିବ୍ୟାଙ୍ଗ ପିଲା ପାଠପଢ଼ା ପାଇଁ ଡାଟା କିମ୍ବା ୱାଇଫାଇ ଆବଶ୍ୟକ କରୁଥିବାବେଳେ ୬୧ ପ୍ରତିଶତ ସହାୟକ ଆବଶ୍ୟକ ବୋଲି କହିଛନ୍ତି। କରୋନା ମହାମାରୀ ବେଳେ ଶିକ୍ଷାଦାନକୁ ସ୍ୱାଭାବିକ କରିବା ପାଇଁ ନୀତିରେ ପରିବର୍ତ୍ତନ ତଥା ପୁନରାବଲୋକନ କରିବା ପାଇଁ ସର୍ଭେ ରିପୋର୍ଟରେ ସୁପାରିସ୍ କରାଯାଇଛି। ସବୁବର୍ଗର ଭିନ୍ନକ୍ଷମ ପିଲାଙ୍କ ପାଇଁ ସହଜ ହେବା ଭଳି ପାଠ୍ୟକ୍ରମ ପ୍ରସ୍ତୁତ କରିବାକୁ ରିପୋର୍ଟରେ କୁହାଯାଇଛି। ସମସ୍ତେ ଯେପରି ଅନ୍‌ଲାଇନ ଶିକ୍ଷା ପାଇପାରିବେ ସେଥିପାଇଁ ହାର୍ଡୱେର ଓ ଡାଟା ଉପଲବ୍ଧ କରାଇବାକୁ ହେଲେ ନୀତିରେ ପରିବର୍ତ୍ତନ ଆବଶ୍ୟକ। ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଲାଗି ପୁଞ୍ଜିବିନିଯୋଗ କରିବାକୁ ହେବ। ଅଭିଭାବକମାନେ ମଧ୍ୟ ପରିବର୍ତ୍ତିତ ପରିସ୍ଥିତିକୁ ଗ୍ରହଣ କରିନେବା ଜରୁରୀ, ଯାହା ଫଳରେ ସେମାନେ ଭିନ୍ନକ୍ଷମ ପିଲାଙ୍କୁ ପାଠପଢ଼ାରେ ସହାୟତା କରିବାରେ ସମର୍ଥ ହୋଇପାରିବେ ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି।

## ୨୨ରେ ଶପଥ ନେବେ ୪ ନବ ନିର୍ବାଚିତ ରାଜ୍ୟ ସଭା ସଦସ୍ୟ

ଆସନ୍ତା ୨୨ ତାରିଖରେ ଓଡ଼ିଶାରୁ ନବ ନିର୍ବାଚିତ ୪ ଜଣ ରାଜ୍ୟ ସଭା ସଦସ୍ୟ ପାର୍ଲାମେଣ୍ଟର ହାଉସ ଅଫ ଚାମ୍ବରରେ ଶପଥ ଗ୍ରହଣ କରିବେ। ସାମାଜିକ ଦୂରତ୍ୱ ରକ୍ଷା କରି ଏହି ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ନୂତନ ଭାବେ ନିର୍ବାଚିତ ହୋଇଥିବା ସଦସ୍ୟମାନେ ହେଲେ ସୁବାସ ସିଂ, ସୁଜିତ କୁମାର, ମୁଜିବୁଲ୍ଲା ଖାଁ ଏବଂ ମମତା ମହାନ୍ତ। ଏହି ସଦସ୍ୟମାନେ ୨୦୨୦ ମାର୍ଚ୍ଚରେ ବିଜେଡିରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। କରୋନା ସଂକ୍ରମଣ ପାଇଁ ପ୍ରଥମ ଥର ଲାଗି ପାର୍ଲାମେଣ୍ଟ ଅଧିବେଶନ ଆରମ୍ଭ ପୂର୍ବରୁ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

**ସଂକ୍ଷେପରେ**

## ସିଦ୍ଧାନ୍ତ ଦାସ ଓରେରା ଅଧ୍ୟକ୍ଷ ନିଯୁକ୍ତ



**ଭୁବନେଶ୍ୱର,୧୮।୭(ବ୍ୟୁରୋ):** ଓଡ଼ିଶା ରିୟଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି (ଓଆରଇଆରଏ) ନୂତନ ଅଧ୍ୟକ୍ଷ ଭାବେ ସିଦ୍ଧାନ୍ତ ଦାସଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ନିଯୁକ୍ତି ନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସୂଚନା ଯୋଗ୍ୟ ଯେ, ଓରେରାର ପ୍ରଥମ ଅଧ୍ୟକ୍ଷ ଭାବେ ଅମିୟ ମହାପାତ୍ରଙ୍କୁ ୨୦୧୭ ଅକ୍ଟୋବର ୪ ତାରିଖରେ ନିଯୁକ୍ତି ଦିଆଯାଇଥିଲା। ସେ ୨୦୨୦ ମେ ୧୧ ତାରିଖରେ ନିଜ ପଦବୀରୁ ଇସ୍ତଫା ଦେଇଥିଲେ। ସେବେଠାରୁ ଉକ୍ତ ପଦବୀ ଖାଲି ରହିଥିଲା। ଏ ନେଇ ଧରିତ୍ରୀରେ ଜୁନ୍ ୮ ତାରିଖରେ 'ଓରେରା ଟ୍ରିବ୍ୟୁନାଲ ଅକାମୀ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହା ପରେ ଅଧ୍ୟକ୍ଷ ନିଯୁକ୍ତି ନେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ସିଦ୍ଧାନ୍ତ ଦାସ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମେମ୍ବର ସେକ୍ରେଟାରି, ପିସିସିଏଫ୍ (ବନ୍ୟଜନ୍ତୁ) ଏବଂ କେନ୍ଦ୍ର ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟରେ ଡିଜି (ଫରେଷ୍ଟ) ଭାବେ ଦାୟିତ୍ୱ ତୁଲାଇଛନ୍ତି। ସେ ଅଗଷ୍ଟ ପ୍ରଥମ ସପ୍ତାହରେ କାର୍ଯ୍ୟରେ ଯୋଗ ଦେବେ ବୋଲି ଜଣାପଡିଛି।

## ୪ ଜିଲାରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧୮।୭(ବ୍ୟୁରୋ):** ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ଗାଏବ ହୋଇ ଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୌଣସି ବର୍ଷାର ସୂଚନା ନାହିଁ। ରବିବାର ଅପରାହ୍ଣରେ ମାଲକାନଗିରି ନବରଙ୍ଗପୁର, ଢେଙ୍କାନାଳ ଏବଂ ଅନୁଗୋଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋ୍ୱାର୍ଣ୍ଣିଂ ଜାରି କରାଯାଇଛି।



୧୪ ଦିନିଆ ଲକ୍‌ଡାଉନ୍‌ର ପ୍ରଥମ ଦିନ ଶନିବାର କଟକର ଅନ୍ୟତମ ପ୍ରବେଶ ପଥ ସିଡିଏ ନେତାଜୀ ସେତୁ ଉପରେ ପୋଲିସ ଯାଞ୍ଚ କରୁଛି।

# ଗଞ୍ଜାମ ପାଇଁ ନୂଆ ରଣ କୌଶଳ

ଭୁବନେଶ୍ୱର,୧୮।୭(ବ୍ୟୁରୋ)

- ରୋଗୀଙ୍କୁ ଟେଲି କାଉନ୍‌ସେଲିଂ କରିବେ ମନସ୍ତତ୍ତ୍ୱବିତ୍
- ଓଡ଼ିଆରେ ଦିଆଯିବ ଔଷଧ ଖାଇବା ସୂଚନା
- ହୋଟେଲରେ ରହିବେ ଆଗଧାଡ଼ି କୋଭିଡ୍ ଯୋଦ୍ଧା
- ବ୍ରହ୍ମପୁର ମେଡିକାଲରେ ଜଣେ ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତ ହେବେ
- ଶିଶୁ ରୋଗ ୱାର୍ଡରେ ହେବ ୧୦୦ ଶଯ୍ୟା କୋଭିଡ୍ କେୟାର ସେଣ୍ଟର

କୋଭିଡ୍ ପଜିଟିଭ୍ ରୋଗୀମାନଙ୍କର ଉତ୍କଣ୍ଠା କମାଇବା ଓ ସେମାନଙ୍କୁ ପରାମର୍ଶ ଦେବା ପାଇଁ ଜଣେ ମନସ୍ତତ୍ତ୍ୱବିତ୍‌ଙ୍କ ନେତୃତ୍ୱରେ ମନସ୍ତାତ୍ତ୍ୱିକ ପରାମର୍ଶଦାତା ରହିବେ। ସେମାନେ ଟେଲି କାଉନ୍‌ସେଲିଂ କରିବେ। ସୁସ୍ଥ ହୋଇଥିବା କୋଭିଡ୍ ରୋଗୀମାନଙ୍କୁ ପରାମର୍ଶଦାତା ଭାବରେ ନିଯୁକ୍ତି ଦିଆଯିବ। କୋଭିଡ୍ ମନିଟର ଭାବେ ସେମାନେ ଅତି କମ୍‌ରେ ୧୦ ଜଣ ରୋଗୀଙ୍କୁ ଆବଶ୍ୟକ ପରାମର୍ଶ ଓ ସାହସ ଦେବେ। ଏଥିପାଇଁ ସେମାନଙ୍କୁ ୧ ହଜାର ଟଙ୍କା ଦିଆଯିବ। ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସେହିପରି ବ୍ରହ୍ମପୁର ମେଡିକାଲ କଲେଜରେ ଜଣେ ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତି କରାଯିବ। କୋଭିଡ୍ ପରିଚାଳନାରେ ସେ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ସହାୟତା କରିବେ। ଏମ୍‌କେସିଜିର ଶିଶୁ ରୋଗ ୱାର୍ଡକୁ ୧୦୦ ଶଯ୍ୟାବିଶିଷ୍ଟ କୋଭିଡ୍ କେୟାର ସେଣ୍ଟରରେ ପରିଣତ କରାଯିବ। ଏହା ଜିଲାପାଳଙ୍କ ତତ୍ତ୍ୱାବଧାନରେ ରହିବ। ସେହିପରି ଦିଗପହଣ୍ଡିରେ ୧୫୦ ଶଯ୍ୟାବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର କରାଯିବ। ବ୍ରହ୍ମପୁର ମହାନଗର ନିଗମ ପରିସରରେ ଥିବା ଶିଶୁମନ୍ଦିରରେ ୧୫୦ ଶଯ୍ୟାବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର କରାଯିବ। ଏହା ବ୍ରହ୍ମପୁର ମହାନଗର ନିଗମ ଦ୍ୱାରା ପରିଚାଳିତ ହେବ। ସିଟି ହସ୍ପିଟାଲ କୋଭିଡ୍ ରୋଗୀଙ୍କୁ ଚିକିତ୍ସା ସୁବିଧା ଯୋଗାଇବ। ଅମ୍ଳଜାନ ସ୍ତର କମ୍ ଥାଇ ବିଳମ୍ବରେ ଚିକିତ୍ସା ପାଇଁ ଆସୁଥିବା ରୋଗୀମାନଙ୍କ ସକାଶେ ପ୍ରତ୍ୟେକ କୋଭିଡ୍ କେୟାର ସେଣ୍ଟର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୦ ପ୍ରତିଶତ ଶଯ୍ୟା ସଂରକ୍ଷିତ ରହିବ। ହୋମ୍ ଆଇସୋଲେଶନ୍‌ରେ ଥିବା ରୋଗୀମାନଙ୍କୁ ମେଡିସିନ, ଟିକା ଯୋଗାଇ ଦେବା ସହିତ ଓଡ଼ିଆରେ ଔଷଧ ଖାଇବା ସୂଚନା ଦିଆଯିବ। ରୋଗୀଙ୍କ ଯତ୍ନ ନେଉଥିବା ବ୍ୟକ୍ତି ଏବଂ ସେମାନଙ୍କ ପରିବାରକୁ ଆବଶ୍ୟକ ଉପଦେଶ ସହିତ ଆଇସି ସାମଗ୍ରୀ ଯୋଗାଇ ଦିଆଯିବ। ବ୍ରହ୍ମପୁର, ଗୋପାଳପୁରରେ ଥିବା ହୋଟେଲଗୁଡ଼ିକୁ ଜିଲାପାଳ କୋଭିଡ୍ ଯୁଦ୍ଧରେ ଆଗରେ ଥିବା ଡାକ୍ତର ଓ ଅନ୍ୟମାନଙ୍କ ରହଣି ନିମନ୍ତେ ସଂରକ୍ଷିତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜରୁରୀ ଚିକିତ୍ସା ଆବଶ୍ୟକ କରୁଥିବା ରୋଗୀମାନଙ୍କୁ ସୁବିଧା ପାଇଁ ଭେଷଜ, ଶଲ୍ୟ, ମାନସିକ ରୋଗ ଏବଂ ଶିଶୁ ରୋଗ ସେବା ଟେଲିମେଡିସିନ ଜରିଆରେ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯିବ। କୋଭିଡ୍ ପଜିଟିଭ୍ ରୋଗୀ ଓ ସୁସ୍ଥ ହୋଇଥିବା ରୋଗୀମାନଙ୍କୁ ମାନସିକ ସୁସ୍ଥତା ପାଇଁ କଲ୍ ସେଣ୍ଟର ଜରିଆରେ ଆବଶ୍ୟକ ପରାମର୍ଶ ଦିଆଯିବ। କୋଭିଡ୍ ନିୟନ୍ତ୍ରଣ ପାଇଁ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ଆଇସି ସାମଗ୍ରୀ ବଣ୍ଟନ ସହ ଏ ସମ୍ପର୍କରେ ବ୍ୟାପକ ପ୍ରଚାର ପାଇଁ ପଦକ୍ଷେପ ନିଆଯିବ। ବ୍ରହ୍ମପୁର ମେଡିକାଲ କଲେଜର ଜରୁରୀ ଏବଂ ଓପିଡି ତୁରନ୍ତ ଖୋଲିବା ସହିତ ଏହା ଯେପରି ୨୪ ଘଣ୍ଟା କାର୍ଯ୍ୟ କରିବ ସେଥିପାଇଁ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ନିଆଯାଇଛି। ଗଞ୍ଜାମ ଜିଲାରେ କୋଭିଡ୍ ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର ଗୋଟିଏ ପରେ ଗୋଟି ସ୍ୱତନ୍ତ୍ର ନୂତନ ରଣ କୌଶଳ ଗ୍ରହଣ କରିଛନ୍ତି। ଏଥିରେ ଭିତ୍ତିଭୂମି ସମ୍ପ୍ରସାରଣ, ଟେଲିମେଡିସିନ ଏବଂ ସଚେତନତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। କୋଭିଡ୍-୧୯ଜନିତ ମୃତ୍ୟୁକୁ ରୋକିବା, ତଦାରଖ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି।

## ରାଶନ ପାଇଁ ଆଇଆର୍‌ଆଇଏସ୍ ମେଶିନ ଆଙ୍ଗୁଳି ଛାପ, ବ୍ୟବହାର ବନ୍ଦ

ଭୁବନେଶ୍ୱର,୧୮।୭(ବ୍ୟୁରୋ)

**କରୋନା ପ୍ରଭାବ**

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ସ୍କିମ୍‌ରେ ଖାଦ୍ୟ ସାମଗ୍ରୀ ପାଉଥିବା ହିତାଧିକାରୀମାନେ ଏଣିକି ସେମାନଙ୍କର ରାଶନ କେବଳ କାର୍ଡ ଦେଖାଇ ନେଇପାରିବେ। ସେମାନଙ୍କୁ ଇ-ପିଓଏସ୍‌ରେ ଆଙ୍ଗୁଳି ଛାପ ଦେବାକୁ ପଡ଼ିବ ନାହିଁ। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ଶନିବାର ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ହିତାଧିକାରୀମାନେ ଆଧାର ଲିଙ୍କ୍ ହୋଇଥିବା ବାୟୋମେଟ୍ରିକ୍ ଜରିଆରେ ରାଶନ ନେଉଥିଲେ। ରାଶନ ଦେବା ପୂର୍ବରୁ ଡିଲରମାନେ ସେମାନଙ୍କର ଆଙ୍ଗୁଳି ଛାପ କିମ୍ବା ଆଇଆର୍‌ଆଇଏସ୍ ସ୍କାନର ମାଧ୍ୟମରେ ହିତାଧିକାରୀଙ୍କୁ ଚିହ୍ନଟ କରି ଖାଦ୍ୟସାମଗ୍ରୀ ଯୋଗାଉ ଥିଲେ। କରୋନା ମହାମାରୀ ସଂକ୍ରମଣକୁ ଦୃଷ୍ଟିରେ ରଖି ଏହାକୁ ସାମୟିକ ଭାବେ ରଦ୍ଦ କରିବାକୁ ରାଜ୍ୟ ସରକାର ଏପରି ନିଷ୍ପତ୍ତି ନେଇଛନ୍ତି।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ୩୦ଟି ଜିଲାରେ (ଏନ୍‌ଏଫ୍‌ଏସ୍‌ଏ) ଯୋଜନା ରେ ୯୨ ଲକ୍ଷ ୮୫ ହଜାର ୬୭୨ ପରିବାର ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି। ଏହି ପରିବାରର ୩ କୋଟି ୨୫ ଲକ୍ଷ ୫ ହଜାର ୯୦୩ ଗରିବ ଲୋକଙ୍କୁ ମାସିକ ମୁଣ୍ଡ ପିଛା ୫ କେଜି ହିସାବରେ ଖାଦ୍ୟଶସ୍ୟ ଯୋଗାଇ ଦିଆଯାଉଛି। ଏହି ପରିବାରଗୁଡ଼ିକୁ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ୧ ଟଙ୍କାରେ ମାସକୁ ୧୬୨୯୬୭.୫୬୮୧ ମେଟ୍ରିକଟନ୍ ଚାଉଳ ଏବଂ ୨୪୩୪୫.୨୮୬୯ ମେଟ୍ରିକଟନ୍ ଗହମ ଯୋଗାଇ ଦେଉଛନ୍ତି। ଏ ବାବଦରେ କେନ୍ଦ୍ର ସରକାର ବାର୍ଷିକ ୬୩୭୨.୪୧ କୋଟି ଏବଂ ରାଜ୍ୟ ସରକାର ୪୪୯.୫ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହାଛଡ଼ା ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ୩ ଲକ୍ଷ ୧୬ ହଜାର ୯୩୨ ପରିବାରର ୧୦୦୮୨୭୩ ଜଣ ଗରିବ ଲୋକଙ୍କୁ ମାସକୁ ୫୦୪୧.୩୬୫ ମେଟ୍ରିକଟନ୍ ଚାଉଳ ୧ ଟଙ୍କାରେ ଯୋଗାଇ ଦେଉଛନ୍ତି। ଏ ବାବଦରେ ରାଜ୍ୟ ସରକାର ବାର୍ଷିକ ୩୯୧.୧୨ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି।

## ୨୫ରୁ ପାରାଦୀପ ତୈଳ ବିଶୋଧନାଗାର ଶଟ୍‌ଡାଉନ୍

ପାରାଦୀପ,୧୮।୭(ସ୍ୱ.ପ୍ର.)

ଜଗତସିଂହପୁର ଜିଲା ପାରାଦୀପସ୍ଥିତ ତୈଳ ବିଶୋଧନଗାରରେ ବାର୍ଷିକ ମରାମତି କାର୍ଯ୍ୟ ପାଇଁ ୨୫ ଜୁଲାଇରୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ ଶଟ୍‌ଡାଉନ୍ ହେବ। ଏହି ସମୟରେ ସମ୍ପୃକ୍ତ ଅଞ୍ଚଳରେ ଅଧିକ ଗହଳି ନ ହେବାପାଇଁ ୧୪୪ ଧାରା ଲାଗୁ କରାଯିବ ବୋଲି ଶନିବାର ଜଗତସିଂହପୁର ଜିଲାପାଳ ସଂଗ୍ରାମ କିଶୋର ମହାପାତ୍ର ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ସୂଚନା ଦେଇଛନ୍ତି। ବୈଷୟିକ କର୍ମଚାରୀ ଓ ସ୍ଥାନୀୟ ଅଞ୍ଚଳର ୭୦୦ରୁ ୮୦୦ ଲୋକଙ୍କ ଜରିଆରେ ଏହି ମେଣ୍ଟାନାନ୍ସ କାର୍ଯ୍ୟ ହେବ। ମାର୍ଚ୍ଚ ୨୦୧୮ରୁ ଏହି କାର୍ଯ୍ୟ ହୋଇ ନ ଥିଲା। ଅନ୍ୟପକ୍ଷରେ ମେଣ୍ଟାନାନ୍ସ କାର୍ଯ୍ୟ ପାଇଁ ବାହାର ରାଜ୍ୟରୁ ହଜାରେରୁ ଊର୍ଦ୍ଧ୍ୱ ଶ୍ରମିକ ଆସିଛନ୍ତି। ଏହାକୁ ସ୍ଥାନୀୟ ଗ୍ରାମବାସୀ ଓ ଏକାଧିକ ଶ୍ରମିକ ସଂଗଠନ ବିରୋଧ କରିଥିଲେ। ଏନେଇ ଠିକାସଂସ୍ଥା ଓ ବିଶୋଧନାଗାର କର୍ତ୍ତୃପକ୍ଷ ସେମାନଙ୍କୁ ନେଇ କ୍ୱାରାଣ୍ଟାଇନ୍‌ରେ ରଖିଥିଲେ। ଗତ ଶୁକ୍ରବାର ସେଠାରୁ ୧୧୩ ସ୍ୱାବ୍ ନମୁନା ସଂଗ୍ରହ ହୋଇଥିଲା। ଶନିବାର ଆସିଥିବା ରିପୋର୍ଟରେ ୧୮ ଜଣଙ୍କ ପଜିଟିଭ ଚିହ୍ନଟ ହୋଇଛନ୍ତି। କିନ୍ତୁ ଜିଲାପାଳ ମେଣ୍ଟାନାନ୍ସ କାର୍ଯ୍ୟ ପାଇଁ ଶଟ୍‌ଡାଉନ ଘୋଷଣା କରିଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ଆଶା ବଢ଼ାଉଛି କୋଭାକ୍ସିନ୍**




## ଗ୍ୟାସ୍ ଟାଙ୍କି ଫାଟି ପୁଅ ମୃତ, ବାପା ଗୁରୁତର

ବାଙ୍କୀ, ୧୮।୭(ଡି.ଏନ୍.ଏ)

ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଚର୍ଚ୍ଚିକା ଗ୍ରାମସ୍ଥିତ ନୃସିଂହ ଛକ ନିକଟ ପୂଜାବର ଆଇସ୍‌କ୍ରିମ୍ ଫ୍ୟାକ୍ଟିରେ ଶନିବାର ପୂର୍ବାହ୍ଣରେ ଏକ ଗ୍ୟାସ୍ ଟାଙ୍କି ଫାଟିଯାଇଛି। ଏଥିରେ ସୁଶୀଳ କୁମାର ସୁବୁଦ୍ଧି(୨୬)ଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ବାପା ସୁଶାନ୍ତ(୫୧) ଗୁରୁତର ହୋଇଛନ୍ତି। ଉଭୟଙ୍କୁ ପ୍ରଥମେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସୁଶୀଳଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ସୁଶାନ୍ତଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ସୂଚନାନୁସାରେ, ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ଧଳାପଥରସ୍ଥିତ ଠଣାପଲ୍ଲୀ ଗ୍ରାମର ସୁଶାନ୍ତ ଏବଂ ପୁଅ ସୁଶୀଳ ଏହି ଫ୍ୟାକ୍ଟିରେ କାର୍ଯ୍ୟ କରନ୍ତି। ସେମାନେ ଆଇସ୍‌କ୍ରିମ୍ ଫ୍ୟାକ୍ଟିରେ ଥିବା କମ୍ପ୍ରେସରରୁ ଗ୍ୟାସ ବାହାର କରୁଥିବାବେଳେ ଗ୍ୟାସ ଟାଙ୍କି ଫାଟିଯାଇଥିଲା।

# ଡିଏମ୍‌ଏଫ୍ ପାଣ୍ଠି ବିନିଯୋଗରେ ପାତରଅନ୍ତର

ଯାଜପୁର ଅଫିସ,୧୮।୭

**ଯାଜପୁର ଜିଲା**



- ଛତିଆ ଡିଟିଆଇର ବିକାଶ ପାଇଁ ୩.୭୩ କୋଟି ମଞ୍ଜୁର
- କାମ ଆରମ୍ଭ କରିବାକୁ ପରିବହନ ବିଭାଗର ନିର୍ଦ୍ଦେଶ
- ବଡ଼ଚଣା, ବ୍ୟାସନଗରର ବିକାଶକୁ ଅଣଦେଖା

ଯାଜପୁର ଜିଲାର ଡିଏମ୍‌ଏଫ୍ (ଜିଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ) ପାଣ୍ଠି ବିନିଯୋଗରେ ବ୍ୟାପକ ପାତରଅନ୍ତର ହେଉଥିବା ଅଭିଯୋଗ ହେଉଛି। ଡିଏମ୍‌ଏଫ୍ ଗାଇଡଲାଇନକୁ ଉଲ୍ଲଂଘନ କରି ଖଣି ପ୍ରଭାବିତ ଅଞ୍ଚଳକୁ ଅଣଦେଖା କରାଯାଉଛି। ଅଥଚ ଖଣି ପ୍ରଭାବିତ ହୋଇ ନ ଥିବା ଅଞ୍ଚଳରେ ଡିଏମ୍‌ଏଫ୍ ପାଣ୍ଠିର ବିନିଯୋଗ ହେଉଛି। ତେଣୁ ପାତରଅନ୍ତର ନ କରି ଜିଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ଗାଇଡଲାଇନ ଅନୁସାରେ ଡିଏମ୍‌ଏଫ୍ ପାଣ୍ଠି ବିନିଯୋଗ କରିବାକୁ ଦାବି ହେଉଛି। ଜିଲାର ବଡ଼ଚଣା ବ୍ଲକ ଛତିଆରେ ଥିବା ହେଭିମୋଟର ଭେହିକଲ (ଏଚ୍‌ଏମ୍‌ଭି) ଡ୍ରାଇଭିଂ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ (ଡିଟିଆଇ)ର ଉନ୍ନତୀକରଣ ପାଇଁ ଡିଏମ୍‌ଏଫ୍ ପାଣ୍ଠିରୁ ୩ କୋଟି ୭୩ ଲକ୍ଷ ୩୧ ହଜାର ୫୦୦ ଟଙ୍କା ମଞ୍ଜୁର ହୋଇଛି। ଏଥିପାଇଁ ପାଣ୍ଠି ଆବଣ୍ଟନ କରିବାକୁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଯାଜପୁର ଜିଲାପାଳଙ୍କୁ ପତ୍ର ଦିଆଯାଇଛି। କିନ୍ତୁ ଖଣି ପ୍ରଭାବିତ ବ୍ୟାସନଗର ପୌର ପରିଷଦ ଓ ବଡଚଣା ବ୍ଲକର ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଦକ୍ଷତା ବିକାଶ, ନିଯୁକ୍ତି, ପର୍ଯ୍ୟଟନ ଆଦି କ୍ଷେତ୍ରରେ ଡିଏମ୍‌ଏଫ୍ ପାଣ୍ଠି ବିନିଯୋଗ କରିବାରେ ଜିଲା ପ୍ରଶାସନ ଆଗ୍ରହ ଦେଖାଉ ନ ଥିବା ଅଭିଯୋଗ ହୋଇଛି।

ଜିଲାରେ ଗତ ୫ ବର୍ଷ ମଧ୍ୟରେ ଡିଏମ୍‌ଏଫ୍ ବାବଦକୁ ୮୭୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ ହୋଇଛି। ଏହି ପାଣ୍ଠିରୁ ଖଣି ପ୍ରଭାବିତ ସୁକିନ୍ଦା ବ୍ଲକର ବହୁଚର୍ଚ୍ଚିତ ନଗଡ଼ାକୁ ରାସ୍ତା ଖୋଲିଛି ସତ। ହେଲେ ଜଙ୍ଗଲ ବିଭାଗର ଆଇନକାନୁନରେ ଛନ୍ଦିହୋଇ ତାହା ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଏହାବାଦ୍ କୋର୍ ନେଟ୍‌ୱର୍କ ହିସାବରେ ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଜନ ଅଧୀନରେ ୧୩୩ ଗ୍ରାମକୁ ଅଦ୍ୟାବଧି ସଡ଼କ ସଂଯୋଗ ନ ହେବା ଜିଲା ବିକାଶର ଏକ ନଗ୍ନ ନମୁନା ସାମ୍ନାକୁ ଆସିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୬ରେ କଲରଙ୍ଗି ପଡ଼ିଆରେ ଅଞ୍ଚଳବାସୀଙ୍କ ଦାବିକୁ ଗ୍ରହଣ କରି ୩ ବୃହତ୍ ପ୍ରକଳ୍ପ ତଥା ଡିଏମ୍‌ଏଫ୍ ହାଉସ, ବିଜୁ ପଟ୍ଟନାୟକ ପ୍ରମୋଦ ଉଦ୍ୟାନ ଓ ବିଜୁ ପଟ୍ଟନାୟକ ଷ୍ଟାଡିୟମ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ହେଲେ ଏଯାଏ ଏହିସବୁ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ହୋଇପାରିନାହିଁ। ଏଭଳି ଅନେକ ସମସ୍ୟା ଖଣି ଅଞ୍ଚଳରେ ଅସମାହିତ ହୋଇରହିଛି।

ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା କୁହନ୍ତି, ଡିଏମ୍‌ଏଫ୍ ପାଣ୍ଠି ସାଧାରଣ ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ପାଇଁ ଉଦ୍ଦିଷ୍ଟ। ତେଣୁ ଏହି ପାଣ୍ଠି ବିନିଯୋଗରେ ପାତରଅନ୍ତର ନ କରି ଖଣି ପ୍ରଭାବିତ ବଡ଼ଚଣା ଓ ଧର୍ମଶାଳା ବ୍ଲକ ସମେତ ଜିଲାର ସର୍ବାଙ୍ଗୀନ ବିକାଶରେ ଡିଏମ୍‌ଏଫ୍ ପାଣ୍ଠି ଖର୍ଚ୍ଚ ହେବା ଉଚିତ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ଚଣ୍ଡିଖୋଲ ଆର୍‌ଟିଓ ଲାଲମୋହନ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଛତିଆ ଡିଟିଆଇକୁ ଏକ ଆନ୍ତର୍ଜାତିକ କେନ୍ଦ୍ର ଭାବେ ନିର୍ମାଣ କରିବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି। ଏଥିପାଇଁ ଜିଲାସ୍ତରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କିନ୍ତୁ ଏଯାଏ କୌଣସି ନିର୍ଯ୍ୟାସ ବାହାରି ନାହିଁ ବୋଲି ସେ କହିଛନ୍ତି।





## ହୃଦ୍‌ଘାତରେ ଶିଳ୍ପୀ ଆନନ୍ଦ ରାଓଙ୍କ ପରଲୋକ

ବ୍ରହ୍ମପୁର ଅଫିସ, ୧୮।୭-ଗଞ୍ଜାମ ଜିଲା ଶେରଗଡ ବ୍ଲକ ପିତଳରେ କଳାକୃତି ପାଇଁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବା ଶିଳ୍ପୀ ଏସ୍ .ଆନନ୍ଦ ରାଓ(୭୦)ଙ୍କର ଶନିବାର ପରଲୋକ ଘଟିଛି । ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ସୂଚନା ମିଳିଛି । ସୂଚନାଯୋଗ୍ୟ, ସେ ପଟାରିକ୍ସା ସଂଘର ପୂର୍ବତନ ସଭାପତି ସହ ବାର୍ଦ୍ଧକ୍ୟ କାଳରେ ପିତଳରେ ବିଭିନ୍ନ କଳାକୃତି କରି ବିଶ୍ୱସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ।


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।


# ନିଲମ୍ବିତ ହେଲେ ନାଲ୍‌କୋ କର୍ମଚାରୀ

**କୋଭିଡ୍ ହସ୍ପିଟାଲରେ ରୋଗୀଙ୍କ ସହ ନୃତ୍ୟ ମହଙ୍ଗା ପଡ଼ିଲା**

ଜୟପୁର,୧୮।୭(ଡି.ଏନ.ଏ.)-କୋରାପୁଟ ଜିଲାର ଜୟପୁର କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଥିବା କେତେଜଣ ରୋଗୀ ନିକଟରେ ନୃତ୍ୟ କରିଥିଲେ । ଏହାର ଭିଡିଓ ଭାଇରାଲ ହୋଇଥିଲା । ଏହି ନୃତ୍ୟ କରୁଥିବା ରୋଗୀଙ୍କ ମଧ୍ୟରେ ଦାମନଯୋଡ଼ି ନାଲ୍‌କୋର ଜଣେ କର୍ମଚାରୀ ଥିଲେ । ଭିଡିଓ ଭାଇରାଲ ପରେ ନାଲ୍‌କୋ କର୍ତ୍ତୃପକ୍ଷ ସମ୍ପୃକ୍ତ କର୍ମଚାରୀଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି । ଏନେଇ ଶୁକ୍ରବାର ଏକ ନିର୍ଦ୍ଦେଶନାମା ୨୭(ବି)(୨) ଜାରି ହୋଇଛି । ସମ୍ପୃକ୍ତ କର୍ମଚାରୀ ଜଣକ ଗତ ୫ରୁ ୧୫ ତାରିଖ ମଧ୍ୟରେ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ଏହି ସମୟରେ ସେଠାରେ ମୋବାଇଲରେ ସଙ୍ଗୀତର ତାଳେତାଳେ କେତେଜଣ ରୋଗୀ ନୃତ୍ୟ କରିଥିଲେ । ଏହାର ଭିଡିଓ ଶୁଟିଂ କରାଯାଇ ଭାଇରାଲ କରାଯାଇଥିଲା । ଏହାକୁ ଭିତ୍ତିକରି ନାଲ୍‌କୋ ତା'ର କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ।

# କାର୍ବାଇଡ୍ ଟାଙ୍କି ଫାଟି ଶିଶୁ ମୃତ

**ଲହୁଣୀପଡା, ୧୮।୭ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅଧୀନ ବାରୁସୁଆଁ ନିକଟସ୍ଥ ରାଇକଲାସ୍ଥିତ ବାବାଖଣ୍ଡଳମଣୀ ପେଟ୍ରୋଲ ପମ୍ପ ନିକଟରେ ଥିବା ଏକ ଗ୍ୟାରେଜରେ ଶନିବାର ପୂର୍ବାହ୍ନରେ ଏକ ଦୁଃଖଦ ଘଟଣା ଘଟିଛି । କାର୍ବାଇଡ୍ ଟାଙ୍କି ଫାଟି ଗ୍ୟାରେଜ ମାଲିକଙ୍କ ୩ ବର୍ଷର ପୁଅ ମହମ୍ମଦ ଉମର ଫରୁଖ ଅନସାରିଙ୍କ ମୃତ୍ୟୁ ଘଟିଛି । ଗ୍ୟାରେଜ ମାଲିକଙ୍କ ଭାଇ ମହମ୍ମଦ ଗୁଦାନ ଅନସାରି (୨୫) ଗୁରୁତର ହୋଇଛନ୍ତି । ତାଙ୍କୁ ବୁର୍ଲା ଭିମ୍‌ସାରରେ ଭର୍ତ୍ତି କରାଯାଇଛି । ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି । ଏ ନେଇ ତଦନ୍ତ ଚାଲିଛି । ପୋଲିସ ସୂଚନା ଅନୁଯାୟୀ, ଝାଡ଼ଖଣ୍ଡ ଧାନବାଦ ଜିଲା ଝରିଆ ଥାନା ଅଞ୍ଚଳର ମହମ୍ମଦ ଆକ୍ରମ ଅନସାରି ଘର ଭଡା ନେଇ ରାଇକଲାରେ ଗ୍ୟାରେଜ କରିଛନ୍ତି । ଶନିବାର ପୂର୍ବାହ୍ନ ୧୧ଟା ବେଳେ ସେ ଓ୍ୱେଲ୍‌ଡିଂ କାମ କରୁଥିବା ବେଳେ କାର୍ବାଇଟ୍ ଟାଙ୍କି ହଠାତ୍ ଫାଟି ଯାଇଥିଲା । ଏହି ସମୟରେ ତାଙ୍କ ୩ ବର୍ଷର ପୁଅ ଘରୁ ବାହାରି ଆସିଥିଲା । ଫଳରେ ଘଟଣା ସ୍ଥଳରେ ତାର ମୃତ୍ୟୁ ଘଟିଥିଲା । ସେହିପରି ପାଖରେ ଛିଡା ହୋଇଥିବା ଗ୍ୟାରେଜ ମାଲିକଙ୍କ ଭାଇ ମଧ୍ୟ ଏଥିରେ ଆହତ ହୋଇଛନ୍ତି ।

# ୭ଲକ୍ଷ ଟଙ୍କାର ଗୁଟ୍‌ଖା, ସିଗାରେଟ ଜବତ



ଜବତ ଗୁଟ୍‌ଖା ଏବଂ ସିଗାରେଟ ବସ୍ତା ।

**ଗୁଣପୁର,୧୮।୭(ଡି.ଏନ୍.ଏ.)**

କରୋନା କଟକଣା ସମୟରେ ମଧ୍ୟ ବୃଦ୍ଧିପାଉଛି ବେଆଇନ ଗୁଟ୍‌ଖା ଏବଂ ସିଗାରେଟ କାରବାର । ରାୟଗଡ଼ା ଜିଲା ଗୁଣପୁର ପୋଲିସ ଶନିବାର ଏକ ଗୁଟ୍‌ଖା ଏବଂ ସିଗାରେଟ ବୋଝେଇ ଟ୍ରକ୍ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି । ସୂଚନା ଅନୁଯାୟୀ, ବ୍ରହ୍ମପୁରରୁ ଗୁଟ୍‌ଖା ଏବଂ ସିଗାରେଟ୍ ବୋଝେଇ ଏକ ଟ୍ରକ୍ ଗୁଣପୁର ଆସିଥିଲା । ଅଞ୍ଚଳର ବିଭିନ୍ନ ବ୍ୟବସାୟୀଙ୍କ ନିକଟକୁ ଏହି ଗୁଟ୍‌ଖା ଏବଂ ସିଗାରେଟ ଆସିଥିଲା । ତେବେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ନିକଟରେ ଟ୍ରକ୍‌ଟି ଅଟକିଥିବାବେଳେ ଗୁଣପୁର ପୋଲିସ ସୂଚନା ପାଇ ଚଢ଼ାଉ କରିଥିଲା । ଏହି ସମୟରେ ଗାଡ଼ିରୁ ବିଭିନ୍ନ ପ୍ରକାର ଗୁଟ୍‌ଖା ଏବଂ ବିଭିନ୍ନ ବ୍ରାଣ୍ଡର ସିଗାରେଟ(୧୭ବସ୍ତା) ଜବତ କରାଯାଇଛି । ଏହି ଘଟଣାରେ ପୋଲିସ ଟ୍ରକ୍

## ଟ୍ରକ୍ ମାଲିକ, ଚାଳକ ଗିରଫ

ମାଲିକ ପଞ୍ଚାନନ ପ୍ରଧାନ ଏବଂ ଚାଳକ ବୁଦ୍ଧିଆ ଶବରଙ୍କୁ ଗିରଫ କରିଛି । ସେହିପରି ଏହି ତମାଖୁ ଦ୍ରବ୍ୟ ମଗାଇଥିବା ଏସ୍. ନାଗେଶ୍ୱର ରାଓ, ଶିବା, ଜଗନ୍ନାଥ ରାଓ ଏବଂ ବି. ସନ୍ତୋଷଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି । ଜବତ ଗୁଟ୍‌ଖା ଏବଂ ସିଗାରେଟର ମୂଲ୍ୟ ପ୍ରାୟ ୭ଲକ୍ଷ ଟଙ୍କା ହେବ ବୋଲି ଆଇଆଇସି ରଶ୍ମି ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି । ତେବେ ଗଞ୍ଜାମ ଜିଲା ଏବଂ ବିଶେଷକରି ବ୍ରହ୍ମପୁର ସହରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାବେଳେ ସମସ୍ତ ସୀମା ସିଲ୍ କରାଯାଇଛି । ତଥାପି ସେଠାରୁ ତମାଖୁ ଦ୍ରବ୍ୟ ବୋଝେଇ ଟ୍ରକ୍ କିପରି ଆସିଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ଜାତିଆଣ ବାସନ୍ଦରୁ ଯୁବକଙ୍କୁ ହତ୍ୟା

**ବଲାଙ୍ଗୀର ଅଫିସ, ୧୮।୭**

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ମାଙ୍କଡଚୁଆଁ ଗ୍ରାମରେ ଜାତିଆଣ ବାସନ୍ଦ ପ୍ରସଙ୍ଗକୁ କେନ୍ଦ୍ର କରି ଲାଗି ରହିଥିବା ବିବାଦରୁ ଶନିବାର ଏକ ହତ୍ୟାକାଣ୍ଡ ଘଟିଛି । ବାସନ୍ଦ ଶିକାର ହୋଇଥିବା ଜଣେ ବ୍ୟକ୍ତି ଏକ ଧାରୁଆ ଅସ୍ତ୍ରରେ ଅନ୍ୟ ଜଣେ ଯୁବକଙ୍କୁ ଆକ୍ରମଣ କରି ହତ୍ୟା କରିଛନ୍ତି । ହତ୍ୟାର ଶିକାର ହୋଇଛନ୍ତି ଗାଁର ବୈକୁଣ୍ଠ ବାଗ(୪୨) । ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି । ସୂଚନା ଅନୁସାରେ ବୈକୁଣ୍ଠ ଶନିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ଗାଁ ବନ୍ଧରୁ ଗାଧୋଇ ଫେରୁଥିଲେ । ଏହି ସମୟରେ ଗାଁର ସଞ୍ଜୀବ ସୁନା (୪୦) ଏକ ଟାଙ୍ଗିଆରେ ତାଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ । ଘଟଣାସ୍ଥଳରେ ଟଳି ପଡିଥିଲେ ବୈକୁଣ୍ଠ । ସଦର ଥାନା ପୋଲିସ ମୃତଦେହ ଉଦ୍ଧାର କରି ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ଏ ନେଇ ଥାନାରେ ଏକ ମାମଲା (ନଂ.୨୨୬/୨୦) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି । ଗାଁରେ କୌଣସି କାରଣକୁ ନେଇ ଜାତି ସମାଜ ସଞ୍ଜୀବଙ୍କୁ ସାମାଜିକ ବାସନ୍ଦ କରିଥିଲେ । ଫଳରେ ସେ ତାଙ୍କ ପରିବାର ନେଇ ଶ୍ୱଶୁର ଘର ଗାଁରେ ରହୁଥିଲେ । ଏଥିରେ ପ୍ରତିଶୋଧ ପରାୟଣ ହୋଇ ସଞ୍ଜୀବ ହତ୍ୟାକାଣ୍ଡ ଭିଆଇଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଥିବା ପୋଲିସ ପକ୍ଷରୁ କୁହାଯାଇଛି ।


# classifieds Everyday 0674-2580101, 2549302



MATRIMONIAL

**BRIDE WANTED**

Son Age 30 B.Tech IIT MBA IIM Kozhikode work in govt psu sector Annual 16 lakhs at Mumbai caste no bar 8144589551. D-17749

95000 ଦରମା Khandayat 54 ବୟସ୍କ Widower ପୁଅଙ୍କୁ married/ unmarried ଝିଅ ଦରକାର । 7008080967. D-67947

**GROOM WANTED**

Looking groom for daughter 29 B.Tech NIT Rourkela, M.Tech IIT Bombay working in Banglore caste no bar 7008986005. D-17750

Girl Age 30 cast Khandyat msc computer science working in govt service 8763446680, 9658529293. D-17751

ଏକାକୀ ରହି Business କରୁଥିବା 45 ବୟସ୍କା unmarried OBC ଝିଅଙ୍କୁ ଘରଜ୍ୱାଇଁ ଦରକାର, 9668488654. D-67946

Parlourରେ କାମ କରୁଥିବା ନେପାଳୀ divorcee 34ବୟସ୍କା ଝିଅଙ୍କୁ any caste ପୁଅ ଦରକାର 7381460040. D-67945

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

real estate

**SALE**

**BDA residential plot near Patrapada housing plan approved for sale. 9937123440, 8260673884.** D-17785

3072sqft. residential plot with clear documents and demarcation boundary at-near AIIMS, Bhubaneswar, (price negotiable). Contact: 8599086528. D-69704

**Ready to move 3BHK flat 1600sqft. First Floor sale at Kalarahanga, near Patia Station. Contact-7978090773.** D-17745

**Fully developed residential gharabari plot at Phulnakhara connected to 200'road side East Engineering College, 500mtrs from Trinath Bazar Market Complex-9439889903.** D-69133

3BHK duplex 36,00,000/- finishing Hanspal (Finance available)-9337888492, 8280396945 D-69602

ଭୁବନେଶ୍ୱର ଫୁଲନଖରା ଏବଂ ଭିଙ୍ଗାରପୁର ସୁଧାନନ୍ଦ କଲେଜ ପାଖରେ ଘରବାରି ପ୍ଲଟ୍ ମିଳୁଅଛି । 8093465134. D-69132

ଫୁଲନଖରା Grandbazar ବମ୍ପକୁଦ ପାଖରେ immediate ଘର ହୋଇପାରିବା plot ତୁରନ୍ତ ବିକ୍ରିହେବ । Contact-9090556060. D-17772

to-let

3BHK flat rent 15,000 1st floor, 2nd floor, Tankapani road, near Jagannath Asram, BBSR. 9437210980, 7978783966. D-17747

3 Ajbestos room for Students/ bachelore, Satyanagar, Bhubaneswar. 9437521385, 9583193694. D-17784

healthcare

Monalisa massage club : All types body massage with hiprofile smart lady rooms service available 9708545108. D-17767

business

ଘରେବସି ୩,୦୦୦/- ବିନିଯୋଗରେ SMS send କରି ମାସିକ ୧୨,୦୦୦/- ରୋଜଗାର କରନ୍ତୁ । 7077448116. D-59954

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


## ପ୍ରଥମ ପୃଷ୍ଠାରୁ...

### ସାଇବର ଅପରାଧୀଙ୍କ ...

ଆସାମ ପରେ ଓଡ଼ିଶା ଦେଶର ଦ୍ୱିତୀୟ ରାଜ୍ୟ, ଯେଉଁଠାରେ ମହିଳା ବିରୋଧୀ ସାଇବର ମାମଲା ବଢ଼ିଚାଲିଛି । ବିଶେଷକରି ସୋସିଆଲ ମିଡିଆରେ ଅଶ୍ଳୀଳ ଫଟୋ, ଭିଡିଓ ଭାଇରାଲ ଏବଂ ଧମକ ସବୁଠାରୁ ବଡ଼ ସାଇବର କ୍ରାଇମ୍ ଭାବେ ଉଭା ହୋଇଛି । ଏନ୍‌ସିଆର୍‌ବିର ୨୦୧୮ ରିପୋର୍ଟ ଅନୁଯାୟୀ, ରାଜ୍ୟରେ ମୋଟ ୮୪୩ ସାଇବର ମାମଲା ରୁଜୁ ହୋଇଥିବାବେଳେ ଏହାମଧ୍ୟରେ ୫୦୬ ଜାଲିଆତି(ଫ୍ରଡ୍) ଏବଂ ଅର୍ଥ ହେରଫେର ସମ୍ପର୍କିତ ୨୨୪ ମାମଲା ରହିଥିଲା । ଯୌନ ଶୋଷଣ ସମ୍ପର୍କିତ ୩୭, ବ୍ୟକ୍ତିଗତ ରାଗ ସମ୍ପର୍କିତ ୭ ମାମଲା ଏବଂ ଅନ୍ୟାନ୍ୟ ୬୯ ମାମଲା ରହିଥିଲା । କେବଳ ମହିଳାଙ୍କ ବିରୋଧରେ ୨୦୮ ସାଇବର ଅପରାଧ ହୋଇଥିବାବେଳେ ଏହାମଧ୍ୟରୁ ୧୭୨ ବିଭିନ୍ନ ୱେବ୍‌ସାଇଟ୍‌ରେ ଅଶ୍ଳୀଳ ଭିଡିଓ ଅପ୍‌ଲୋଡ୍ ସମ୍ପର୍କିତ ମାମଲା ରହିଥିଲା । ସେହିଭଳି ୩୬ ମାମଲା ଜାଲିଆତି, ବ୍ଲାକ୍‌ମେଲିଂ, ମାନହାନି ଏବଂ ଫେକ୍ ପ୍ରୋଫାଇଲ୍ ସମ୍ପର୍କିତ ଥିଲା । ୭ଟି ଷ୍ଟକିଂ ଏବଂ ବୁଲିଂ ସମ୍ପର୍କିତ ହୋଇଥିବା ବେଳେ ୧୩ ଅନ୍ୟାନ୍ୟ ମାମଲା ରହିଛି । ସେହିଭଳି ୨୦୧୭ର ତଥ୍ୟ ଦେଖିଲେ ସାଇବର କ୍ରାଇମ୍ ସମ୍ପର୍କିତ ୮୨୪ ମାମଲା ରାଜ୍ୟ କ୍ରାଇମବ୍ରାଞ୍ଚ ନିକଟରେ ପଞ୍ଜୀକରଣ କରାଯାଇଛି । ସେଥିମଧ୍ୟରୁ ୧୮୪ ମାମଲା ମହିଳାଙ୍କ ଭିଡିଓ ଓ ଫଟୋ ଭାଇରାଲଜନିତ । ବର୍ଷକୁ ବର୍ଷ ଏଭଳି ଆପରାଧିକ ମାମଲା ସଂଖ୍ୟା ବଢୁଥିବା ଦେଖିବାକୁ ମିଳୁଛି । ଦେଶ କଥା ବିଚାରକୁ ନେଲେ, ୨୦୧୭ରେ ମୋଟ ୨୧ ହଜାର ୭୯୬ ସାଇବର କ୍ରାଇମ ମାମଲା ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ୧୯.୫% କେବଳ ମହିଳା ବିରୋଧରେ ଥିଲା ।

ସମ୍ପ୍ରତି ଇ-ମେଲ୍‌ରେ ଆସୁଥିବା ଲିଙ୍କ୍ ଉପରକୁ କୋଭିଡ୍-୧୯ ସମ୍ପର୍କିତ ସରକାରୀ ସୂଚନା ବା ନିର୍ଦ୍ଦେଶାବଳୀ ଥିବା ଇ-ମେଲ୍ ଭଳି ଦେଖାଯାଇଥାଏ । ଲିଙ୍କ୍ ଉପରେ କ୍ଲିକ୍ କଲେ ଏହା ବ୍ୟକ୍ତିଗତ ତଥ୍ୟ ସହ ଫୋନ୍ ନମ୍ବର ମାଗିଥାଏ । ଅଧିକାଂଶ ମହିଳା ଏହାକୁ ସରକାରୀ ମେଲ୍ ଭାବି ସମ୍ପୂର୍ଣ୍ଣ ତଥ୍ୟ ଦେଇଦେଉଛନ୍ତି । ପରବର୍ତ୍ତୀ ସମୟରେ ଉକ୍ତ ତଥ୍ୟକୁ ବ୍ୟବହାର କରି ସାଇବର ଅପରାଧୀମାନେ ବିଭିନ୍ନ ଅପରାଧ ଘଟାଉଛନ୍ତି ବୋଲି ଆଇଟି ଏକ୍ସପର୍ଟ ବନ୍ଦନା ଶର୍ମା କହିଛନ୍ତି । ଯଦି ମହିଳାମାନଙ୍କୁ ପ୍ରଥମରୁ ଟେକ୍ନୋଲୋଜି ସମ୍ପର୍କରେ ଶିକ୍ଷିତ କରାଯାଏ ତା'ହେଲେ ସାଇବର ଅପରାଧ ନିଶ୍ଚିନ୍ତଭାବେ କମିବ ବୋଲି ବିଶେଷଜ୍ଞ କହିଛନ୍ତି । ଡିଜିଟାଲ ମିଡିଆର ବ୍ୟବହାର, ଷ୍ଟ୍ରଙ୍ଗ୍ ପାସ୍‌ୱାର୍ଡ, ଫେକ୍ ଭିଡିଓ, ସନ୍ଦେହଜନକ ଲିଙ୍କ୍ ଓ ଇମେଲ୍ ଆଦି ସମ୍ପର୍କରେ ସଚେତନ କରାଗଲେ ମହିଳାଙ୍କ ବିରୋଧରେ ହେଉଥିବା ସାଇବର କ୍ରାଇମ୍ ବହୁମାତ୍ରାରେ କମିବ ବୋଲି ଶର୍ମା କହିଛନ୍ତି ।

### ବିନା ଟ୍ୟାକ୍ସି ପରମିଟ୍‌ରେ...

ଇନୋଭା କାର୍ ନମ୍ବର ହେଉଛି 'ଓଡି-୨୧-ଏଲ୍-୨୫୫୫' । ଏହା ୩।୨।୨୦ରେ ଆରଟିଓରେ ପଞ୍ଜୀକୃତ ହୋଇଥିଲା । କାର୍‌ଟି ୭।୩।୨୦୨୦ରୁ ୧ ବର୍ଷ ପାଇଁ ଜିଲାପାଳଙ୍କ ବ୍ୟବହାର ଉଦ୍ଦେଶ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ମାସିକ ୩୭ ହଜାର ଟଙ୍କା ଭଡ଼ା ସୂତ୍ରରେ ଲାଗିଛି । କିନ୍ତୁ କାର୍‌ଟି ୧୭।୩।୨୦ରୁ ଟ୍ୟାକ୍ସି ଭାବେ ପରିବର୍ତ୍ତିତ ହୋଇଛି । ଏଠାରେ ପ୍ରଶ୍ନ ଉଠୁଛି ଗାଡ଼ିକୁ ମାର୍ଚ୍ଚ ୧୭ରେ ଟ୍ୟାକ୍ସି ପରମିଟ୍ ମିଳିଥିବାବେଳେ ଏହାର ୧୦ ଦିନ ଆଗରୁ ଅର୍ଥାତ୍ ମାର୍ଚ୍ଚ ୭ରେ କିପରି ଭଡ଼ାରେ ଲଗାଗଲା । ଏ ନେଇ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି । ଏ ସମ୍ପର୍କରେ ଜିଲାପାଳ ମହାପାତ୍ର ଓ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁଙ୍କଠାରୁ ପ୍ରତିକ୍ରିୟା ଜାଣିବା ପାଇଁ ସେମାନଙ୍କ ହ୍ୱାଟ୍ସଆପ୍ ନମ୍ବର ଯୋଗେ ଶନିବାର ପୃଥକ୍ ଭାବେ ଚେଷ୍ଟା କରାଯାଇଥିଲା । କିନ୍ତୁ ସେମାନେ ଅଭିଯୋଗ ଉପରେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି ।

ସୂଚନାଯୋଗ୍ୟ ଯେ, 'ଜିଲାପାଳଙ୍କ ଭଡ଼ା କାର ନମ୍ବର ପ୍ଲେଟ୍ ରଙ୍ଗ ବଦଳିଲା' ଶୀର୍ଷକ ଖବର ଗତ ଜୁନ୍ ୬ରେ ଧରିତ୍ରୀରେ ପ୍ରକାଶ ପାଇଥିଲା । ଉକ୍ତ କାର୍ ନମ୍ବର ପ୍ଲେଟ୍‌ର ରଙ୍ଗ ଜୁନ ୧ ସୁଦ୍ଧା ଧଳା (ପ୍ରାଇଭେଟ୍) ଥିବାବେଳେ ଜୁନ୍ ୩ରେ ହଠାତ୍ ହଳଦିଆ (ଟ୍ୟାକ୍ସି) ହୋଇଯାଇଥିଲା । ଏ ସମ୍ପର୍କରେ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ପ୍ରତାପ କୁମାର ପଣ୍ଡା କହିଥିଲେ, କୌଣସି ପ୍ରାଇଭେଟ୍ କାର ଭଡ଼ାରେ ଲାଗିଲେ ଅର୍ଥାତ୍ ଟ୍ୟାକ୍ସି ଭାବେ ବ୍ୟବହାର ହେଲେ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯିବା ନିୟମ ରହିଛି । ଯେତେଥର ଧରାପଡିବ ସେତେ ଥର ୧୦ ହଜାର ଟଙ୍କା ହିସାବରେ ଜରିମାନା ଆଦାୟ ହୁଏ ବୋଲି ସେ କହିଥିଲେ । କିନ୍ତୁ ଜିଲାପାଳଙ୍କ ଭଡ଼ା କାର୍ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ଶୂନ । ହାଇକୋର୍ଟର ବରିଷ୍ଠ ଆଇନଜୀବୀ ବିଶ୍ୱମ୍ଭର ବେଉରିଆ କହିଛନ୍ତି ଯେ, କୌଣସି ପ୍ରାଇଭେଟ୍ କାର୍‌ର ଟ୍ୟାକ୍ସି ପର୍ମିଟ୍ ନ ଥିଲେ ଭଡ଼ାସୂତ୍ରରେ ସରକାରୀ ବ୍ୟବହାରରେ ଲାଗିପାରିବ ନାହିଁ । ଟେଣ୍ଡର ପ୍ରକ୍ରିୟାରେ କଟିଯିବା କଥା । ଏ ବାବଦରେ ସରକାରୀ ଭାବେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ । ଏପରି କି କେହି ଚାହିଁଲେ ହାଇକୋର୍ଟରେ ଆଶ୍ରୟ ନେଇପାରିବେ । ଜଗତ୍‌ସିଂହପୁର କୋର୍ଟର ବରିଷ୍ଠ ଆଇନଜୀବୀ ରବୀନ୍ଦ୍ରନାଥ ମହାନ୍ତି କହିଛନ୍ତି ଯେ, ଏହା ବେଆଇନ କାର୍ଯ୍ୟ । ତେଣୁ ଗାଡ଼ି ଲାଇସେନ୍ସ ରଦ୍ଦ ସହ ସରକାରଙ୍କ ତରଫରୁ ମାମଲା ରୁଜୁ ହେବା କଥା ।

### ଡିଜେଲ ୧୭ ...

ପେଟ୍ରୋଲ ଦର ଅପରିବର୍ତ୍ତିତ ୮୦.୪୩ ଟଙ୍କା ରହିଛି । ଅପରପକ୍ଷରେ ଚେନ୍ନାଇରେ ଡିଜେଲ ୧୩ ପଇସା ବୃଦ୍ଧିପାଇ ଦର ୭୮.୫୦ ଟଙ୍କା ଏବଂ ପେଟ୍ରୋଲ ୮୩.୬୩ ଟଙ୍କାରେ ବିକ୍ରି ହେଉଛି । କୋଲକାତାରେ ଡିଜେଲ ସର୍ବାଧିକ ୧୮ ପଇସା ବଢ଼ି ୭୬.୬୭ ଟଙ୍କା ଛୁଇଁଛି । ଏଠାରେ ପେଟ୍ରୋଲ ଅପରିବର୍ତ୍ତିତ ୮୨.୧୯ ଟଙ୍କା ରହିଛି । ଏହାବାଦ ମୁମ୍ବାଇରେ ଡିଜେଲ ଲିଟର ପିଛା ୧୫ ପଇସା ବଢ଼ି ୭୯.୭୧ ଟଙ୍କା ଛୁଇଁଛି । ଏଠାରେ ପେଟ୍ରୋଲ ଲିଟର ୮୧.୦୧ ଟଙ୍କାରେ ବିକ୍ରି ହେଉଛି । ନୂଆଦିଲ୍ଲୀରେ ପେଟ୍ରୋଲଠାରୁ ଡିଜେଲ ଦର ଉଚ୍ଚରେ ରହିଛି । ରାଜ୍ୟଗୁଡ଼ିକରେ ଲାଗୁ ହେଉଥିବା ଭାଟ୍ ଯୋଗୁ ଇନ୍ଧନ ଦରରେ ଭିନ୍ନତା ଦେଖାଯାଉଛି ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋରା ଧନ**
**ଚଣ୍ଡାଳ ଖାଏ ।**

ଅନ୍ୟଠୁ ଠକାଠକି କରି ଅଣାଯାଇଥିବା ଧନ କେବେହେଲେ ଭୋଗ ହୋଇ ନ ଥାଏ । ଅସତ୍ ଉପାୟରେ ଉପାର୍ଜନ କରାଯାଉଥିବା ଧନ କୌଣସି ସତ୍ କର୍ମରେ ନ ଲାଗି ଦୁଃଖର କାରଣ ପାଲଟିଥାଏ । ପାପ ଅର୍ଜିତ ଧନ ଭୋଗ ନ ହୋଇ ରୋଗ ବୈରାଗରେ କିମ୍ବା ଅଯଥାରେ ବ୍ୟୟ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଚିନ୍ତା ଖାଏ ଗଣ୍ଡି, ଲୁଣ ଖାଏ ହାଣ୍ଡି;**
**ଅକର୍ମା ଖାଏ ଖାଣ୍ଡି, ତେଲ ଖାଏ ମାଣ୍ଡି ।**

ଚିନ୍ତା ମଣିଷର ଶରୀର ଉପରେ କୁପ୍ରଭାବ ପକାଇଥାଏ । ଅତ୍ୟଧିକ ଚିନ୍ତା କରିବସିଲେ ଶରୀର ରୋଗାକ୍ରାନ୍ତ ହୋଇପଡ଼ିଥାଏ । ଲୁଣ ମାଟି ହାଣ୍ଡିକୁ ନଷ୍ଟ କରିଦେଇଥାଏ । ମହାପ୍ରସାଦ ଦିଆଯାଉଥିବା କୁଡ଼ୁଆର ଭଙ୍ଗା ଅଂଶକୁ ଖାଣ୍ଡି କୁହାଯାଏ । ଯିଏ କାମଦାମ ନ କରି ଅକର୍ମା ଭଳି ବସି ରହେ ସିଏ ମାଗି ଯାଚି ପର ଆଗରେ ହାତ ପାତି ଖାଇଥାଏ । ସେହିପରି କେଶରେ ଲଗାଯାଉଥିବା ତେଲ ମାଣ୍ଡି ବା ତକିଆରେ ଲାଗି ଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟସାଧନ ସଙ୍ଗକୁ ପାରିବାରିକ ସମସ୍ୟାକୁ ସୁଧାରି ନେବାର ପ୍ରଯତ୍ନ କରିପାରନ୍ତି । ଅବଶ୍ୟ ଆବଶ୍ୟକତା ପୂରଣ କରିବା ସକାଶେ ଧାରକରଜ କରିବାକୁ ବନ୍ଧୁଙ୍କୁ ଅନୁରୋଧ କରିବାକୁ ପଡିପାରେ । ବିଶେଷ ଭ୍ରମଣଜନିତ ଶାରୀରିକ କ୍ଳାନ୍ତି ଓ ଅବସାଦ ଦେଖାଦେବାର ଆଶଙ୍କା ରହିଛି ।

**ବୃଷ**
ବନ୍ଧୁମାନଙ୍କ କାର୍ଯ୍ୟଶୈଳୀକୁ ନାପସନ୍ଦ କରି ଅପ୍ରିୟତା ଅର୍ଜନ କରିବେ । ଆସନ୍ତାକାଲିର ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଦଉଡ କରିବାକୁ ପଡିପାରେ । ଘରକୁ ଆସୁଥିବା ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ ।

**ମିଥୁନ**
ଭୁଲ୍ ବୁଝାମଣା କାରଣରୁ ସହକର୍ମୀ କିମ୍ବା ପାଖ ପଡୋଶୀଙ୍କ ସହ ସମ୍ପର୍କରେ ହ୍ରାସ ଘଟିବ। କର୍ମକ୍ଷେତ୍ରର ସମସ୍ୟାକୁ କେନ୍ଦ୍ର କରି ମାନସିକ ସ୍ଥିରତା ରହି ନ ପାରେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସାମୟିକ ବାଧାପ୍ରାପ୍ତଜନିତ ଆଶା ଅପୂରଣ ରହିଯାଇପାରେ ।

**କର୍କଟ**
କର୍ମକ୍ଷେତ୍ରସ୍ଥ ବନ୍ଧୁମାନଙ୍କ ଆଶ୍ୱାସନା କ୍ରମେ ଅର୍ଥ ସମ୍ପର୍କୀୟ କୌଣସି ଅନୁଚିନ୍ତା ସାୟାହ୍ନେ ଦୂର ହେବ । ଦୀର୍ଘଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ । ଅଫିସ୍‌ରୁ ଫେରନ୍ତା ବାଟରେ କୌଣସି ମୂଲ୍ୟବାନ ଦ୍ରବ୍ୟ ଲାଭ ହୋଇପାରେ ।

**ସିଂହ**
ପରିବାରର ଆକସ୍ମିକ ଭାବରେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ । କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ । ଶିଳ୍ପ, ବାଣିଜ୍ୟ ଓ ପରିବହନ, ଏଜେନ୍ସି, ଗଣ ଯୋଗ ଯୋଗ ଓ ସାମ୍ବାଦିକତାରେ ପ୍ରଂଶସିତ ହେବେ ।

**କନ୍ୟା**
ଘରୋଇ ବ୍ୟାପାରକୁ ନେଇ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ । ତରବର ନ ହୋଇ କାମକଲେ ସମସ୍ୟାର ସରଳ ସମାଧାନ ହେବାରେ କୌଣସି ଅସୁବିଧା ରହିବ ନାହିଁ । ସ୍ୱାର୍ଥର ବଶବର୍ତ୍ତୀ ହୋଇ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ ।

**ତୁଳା**
ପରିବାରରେ କାହା ମନ କାହା ସଙ୍ଗରେ ନ ମିଶିବା କାରଣରୁ ମନ ଭଲ ରହିବ ନାହିଁ । ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇପାରେ । କୌଣସି ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ଅନୁଭବ କରିବେ ।

**ବିଛା**
କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ । ପ୍ରଶାସନିକ ସ୍ତରରେ ଅନ୍ୟମାନଙ୍କୁ ନିଜ କାମରେ ସହଭାଗିତା କରାଇପାରିବେ । ଯେ କୌଣସି କ୍ଷେତ୍ରରେ ହେଉନା କାହିଁକି, ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦେବା ଠିକ୍ ହେବନାହିଁ ।

**ଧନୁ**
କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ ଭାବୁଥିବା କଥାଟି ଆଜି ଯଥା ସମୟରେ ହୋଇଯିବ । ପରିବାରର ଆବଶ୍ୟକତାକୁ ଉପଲବ୍ଧି କରି ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି । କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ ।

**ମକର**
ସ୍ଥଗିତ ରହିଥିବା କାମଗୁଡିକ ସୁବିଧାରେ ସମ୍ପନ୍ନ ହୋଇଯିବ କିନ୍ତୁ ବହୁତ ଖର୍ଚ୍ଚାନ୍ତ ହେବାକୁ ପଡିବ । ଆଜି ଦିନଟିରେ ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ । ବନ୍ଧୁମାନଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ ।

**କୁମ୍ଭ**
ନିଜର ଲୋକମାନେ ଯେତେ ପ୍ରକାରର ସମସ୍ୟା ସୃଷ୍ଟି କଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ । ଏକ ଭିନ୍ନ ପରିସ୍ଥିତିରେ ଦୀର୍ଘ ଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ । ପରିବାରରେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ ।

**ମୀନ**
ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇପାରନ୍ତି । ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ପରିସ୍ଥିତିକୁ ସୁଧାରି ନେବେ । ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହା କି ବ୍ୟସ୍ତତାର କାରଣ ହୋଇପାରେ ।

ଆଜି ଶ୍ରାବଣ କୃଷ୍ଣ ଚତୁର୍ଦ୍ଦଶୀ ରବିବାର ଜୁଲାଇ ୧୯ ତାରିଖ, ରାଶିନକ୍ଷତ୍ର- ଆରଦ୍ରା/ମିଥୁନ, କନ୍ୟା ରାଶିର ଘାତଚନ୍ଦ୍ର, ମେଷ ରାଶିର ଘାତବାର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬.୧୪ମି. ଗତେ ଘ.୦୯.୪୩ମି. ମଧ୍ୟେ, ସନ୍ଧ୍ୟା ଘ.୦୭.୫୨ମି.ଗତେ ଘ.୦୯.୨୦ମି.ମଧ୍ୟେ ଅମୃତବେଳା । ସକାଳ ଘ.୦୫.୨୨ମି. ଗତେ ଘ.୦୬.୧୪ମି. ମଧ୍ୟେ, ଘ.୦୧.୧୧ମି. ଗତେ ଘ.୦୨.୦୩ମି. ମଧ୍ୟେ, ସନ୍ଧ୍ୟା ଘ.୦୭.୦୮ମି.ଗତେ ଘ.୦୭.୫୨ମି.ମଧ୍ୟେ, ରାତ୍ରି ଘ.୧୨.୧୫ମି. ଗତେ ଘ.୦୩.୧୦ମି. ମଧ୍ୟେ ମାହେନ୍ଦ୍ରବେଳା । ଅପରାହ୍ନ ଘ.୦୪.୪୭ମି. ଗତେ ଘ.୦୬.୨୫ମି. ମଧ୍ୟେ ରାହୁ କାଳ ।

**କୋଭିଡ୍ ଆମ୍ବୁଲାନ୍ସରେ ରୋଗୀଙ୍କୁ ନେଲେ ବିଜୁ ଯୁବବାହିନୀ**

ହିଞ୍ଜିଳିକାଟୁ: ହିଞ୍ଜିଳିକାଟୁ ବ୍ଲକ ଖଣ୍ଡରା ଗ୍ରାମରେ ଶନିବାର ପୂର୍ବାହ୍ନରେ ଜଣେ କୋଭିଡ୍ ଲକ୍ଷଣ ଥିବା ବୃଦ୍ଧଙ୍କୁ ନେବାକୁ କୋଭିଡ୍ ଆମ୍ବୁଲାନ୍ସ ଆସିଥିଲା। ମାତ୍ର ସ୍ୱାସ୍ଥ୍ୟକର୍ମୀ ଓ ସହଯୋଗୀ ଆସି ନ ଥିଲେ। ଖବର ପାଇ ଚାନ୍ଦୁଲି ବିଜୁ ଯୁବବାହିନୀ ସଭାପତି ସୁନୀଲ କୁମାର ପଣ୍ଡା ଓ ତାଙ୍କ ସହଯୋଗୀ ପହଞ୍ଚି ପିପିଇ କିଟ୍ ପିନ୍ଧି ରୋଗୀଙ୍କୁ ଟେକି ଆମ୍ବୁଲାନ୍ସକୁ ନେଇଥିଲେ।

# ୧୪ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଅଧାପନ୍ତରିଆ

ବାବୁଲା ପ୍ରଧାନ
ଭଞ୍ଜନଗର,୧୮।୭(ଡି.ଏନ.ଏ)

ପାଣିପାଗ ପରିବର୍ତ୍ତନ ଯୋଗୁ ଅନିୟମିତ ବର୍ଷା ହେଉଛି। ଏହାଦ୍ୱାର ବେଶୀ ପ୍ରଭାବିତ ହେଉଛନ୍ତି ଚାଷୀ। ତେଣୁ ରାଜ୍ୟ ସରକାର ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଜମିକୁ ଜଳସେଚିତ ଯୋଜନା କରିଥିଲେ। ୨୦୧୭ ଡିସେମ୍ବରରୁ ଗଞ୍ଜାମ ଜିଲାରେ ୧୪ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଏବାବଦରେ ୪୦୪ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଗତ ଜୁନ୍‌ରେ ସମସ୍ତ ୧୪ ପ୍ରକଳ୍ପ କାମ ଶେଷ କରିବା ପାଇଁ ଠିକା କମ୍ପାନୀ ସହ ସରକାରଙ୍କ ଚୁକ୍ତି ହୋଇଥିଲା। କିନ୍ତୁ କମ୍ପାନୀ ନିର୍ଦ୍ଧାରିତ ସମୟରେ କାମ ସମ୍ପୂର୍ଣ୍ଣ କରିପାରିନାହିଁ। ପ୍ରାକୃତିକ ଦୁର୍ବିପାକ, ଦୁବୃର୍ତ୍ତମାନେ ପାଇପ ଗଦାରେ ନିଆଁ ଲଗାଇ ଦେବାସହ ବର୍ତ୍ତମାନ କୋଭିଡ୍ କଟକଣା ଆଦି ଯୋଗୁ କାମ ବିଳମ୍ବ ହେଉଥିବା ଦର୍ଶାଇଛନ୍ତି କମ୍ପାନୀ କର୍ତ୍ତୃପକ୍ଷ। ଅଧିକ ୬ମାସ ସମୟ ଦେବାପାଇଁ ସରକାରଙ୍କୁ ଅନୁରୋଧ କରିଥିଲେ, କିନ୍ତୁ ସରକାର ମନା କରି ଦେଇଥିଲେ। ଫଳରେ ପ୍ରକଳ୍ପ କାର୍ଯ୍ୟ କିଭଳି ଓ କେବେ ପୂର୍ଣ୍ଣାଙ୍ଗ ହେବ ତାହାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ଅନ୍ୟପଟେ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଚାଷୀମାନେ ଉପକୃତ ହେବେ ବୋଲି ଚାହିଁ ବସିଛନ୍ତି। ସରକାର ପ୍ରକଳ୍ପ ଗୁଡିକ ତୁରନ୍ତ କିଭଳି ପୂର୍ଣ୍ଣାଙ୍ଗ ହୋଇ ଚଳିତ ଖରିଫ ଋତୁରେ ଜମିକୁ ଜଳସେଚନ ହୋଇପାରିବ ସେନେଇ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି।


ପୂର୍ଣ୍ଣାଙ୍ଗ ଅପେକ୍ଷାରେ ଗଣ୍ଡିଶୁଳା ପ୍ରକଳ୍ପ

- **କାର୍ଯ୍ୟକ୍ଷମ ହେଲେ ଜଳସେଚିତ ହେବ ୧୪ ହଜାର ହେକ୍ଟର ଜମି**
- **ପରୀକ୍ଷାମୂଳକ ଭାବେ ଚାଲିଛି ୬ ପ୍ରକଳ୍ପ**

ପ୍ରକାଶ ଯେ, ଦକ୍ଷିଣାଞ୍ଚଳରେ ୧୪ଟି ପାର୍ବତୀଗିରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଗଞ୍ଜାମ ଜିଲା ୧୪ ହଜାର ୧୪୦ ହେକ୍ଟର ଜମିକୁ ପାଇପ ଯୋଗେ ଜଳସେଚନ ଯୋଜନା ଲକ୍ଷ୍ୟ ରଖାଯାଇଥିଲା। ଏନେଇ ୨୦୧୭ ଡିସେମ୍ବରରେ କମ୍ପାନୀ ସହ ଚୁକ୍ତି ହୋଇଥିଲା।

ଭଞ୍ଜନଗର ବ୍ଲକର ଗଣ୍ଡିଶୁଳା, ତୁରୁମୁ ଓ ହରିଗଡ ଠାରେ ୩ ପ୍ରକଳ୍ପ କାର୍ଯ୍ୟ ହେଉଛି। ଗଣ୍ଡିଶୁଳା ପ୍ରକଳ୍ପ କାମ ଅଧା ହୋଇଛି। ଦିନେ ଦୁଇଦିନ ମଧ୍ୟରେ ଅଧା ଅଞ୍ଚଳ ଜମିକୁ ବିଛା ହୋଇଥିବା ପାଇପ ମାଧ୍ୟମରେ ପରୀକ୍ଷାମୂଳକ ଭାବେ ପାଣି ଦିଆଯିବା ଯୋଜନା ଅଛି। ସେହିଭଳି ତୁରୁମୁ ଓ ହରିଗଡ ପ୍ରକଳ୍ପକୁ ମଧ୍ୟ ଚଳିତ ଖରିଫ୍ ଋତୁରେ ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯିବ। ତୁରୁମୁ ନିକଟରେ ଥିବା ପ୍ରକଳ୍ପରେ ୨୦୧୮ ମସିହାରେ ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ। ଫଳରେ କମ୍ପାନୀର ୩ କୋଟି ୮୦ ଲକ୍ଷ ଟଙ୍କା କ୍ଷତି ହୋଇଥିଲା। ଏନେଇ ତାରସିଂ ପୋଲିସ ମାମଲା ରୁଜୁ କରିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଚିହ୍ନଟ କରିପାରିନାହିଁ। ସିଙ୍ଗିପୁର,ଗୋକୁଳପୁର, ହନୁମନ୍ତପଲ୍ଲୀ,ମାଧବରିଡା ପ୍ରକଳ୍ପ କାମ ପୂର୍ଣ୍ଣାଙ୍ଗ ହେବାସହ ପରୀକ୍ଷାମୂଳକ ଭାବେ ଚାଲିଛି। ଅନ୍ୟ ୮ ପ୍ରକଳ୍ପ କାମ ସରିନାହିଁ।

ଏନେଇ ପ୍ରକଳ୍ପ ଦାୟିତ୍ୱରେ ଥିବା କମ୍ପାନୀର ଗଞ୍ଜାମ ଜୋନ୍ ପରିଚାଳକ ଅରୁଣ ମହାରଣାଙ୍କ ସହ ଯୋଗାଯୋଗ କରିବାରୁ ସେ ଏଠାରେ କହିଛନ୍ତି, ବର୍ତ୍ତମାନ ୬ଟି ପ୍ରକଳ୍ପ ପରୀକ୍ଷାମୂଳକ ଭାବେ ଚାଲିଛି। ଅନ୍ୟ ପ୍ରକଳ୍ପ ଗୁଡିକ ବିଭିନ୍ନ କାରଣ ଯୋଗୁ ପୂର୍ଣ୍ଣାଙ୍ଗ ହୋଇପାରିନାହିଁ। ଆଗାମୀ ଦିନରେ ସମସ୍ତ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ଯୋଜନା ଅଛି। ପ୍ରକଳ୍ପ କାମ ତୁରନ୍ତ ସରିଲେ ଚାଷୀମାନେ ଉପକୃତ ହେବେ। ଗଣ୍ଡିଶୁଳା ପ୍ରକଳ୍ପରୁ ଛେଦାଭୁମି ପର୍ଯ୍ୟନ୍ତ ପାଇପ ଲାଇନ ଆସିବ। ଉକ୍ତ କାମ ସରିନାହିଁ। ଲାଲସିଂ ପର୍ଯ୍ୟନ୍ତ ପାଇପ ଲାଇନ ବଢ଼ାଗଲେ ଅଞ୍ଚଳର ଚାଷୀମାନେ ଉପକୃତ ହେବେ ବୋଲି ଚାଷୀ ତଥା ସରପଞ୍ଚଙ୍କ ପ୍ରତିନିଧି ଲେନିନ ରାଉତ କହିଛନ୍ତି।



ଶଟ୍‌ଡାଉନ୍ ଯୋଗୁ କନ୍ଧମାଳ ଜିଲା ବାଲିଗୁଡା ରାସ୍ତାରେ ପୋଲିସ ଜଗି ରହିଛନ୍ତି।

## ଟିକିରି ଥାନାର ୨ କନଷ୍ଟେବଲ ନିଲମ୍ବିତ

**ଥାନାରୁ ଫେରାର ବେଳେ ମୃତ୍ୟୁ ଘଟଣା**

ରାୟଗଡ଼ା ଅଫିସ,୧୮।୭:

ରାୟଗଡ଼ା ଟାଉନ୍ ଥାନା ପରିସରରୁ ଫେରାର୍ ହେବା ସମୟରେ ଜଣେ ଅପରାଧୀଙ୍କ ମୃତ୍ୟୁ ଘଟଣାରେ ୨ କନଷ୍ଟେବଲ ନିଲମ୍ବିତ ହୋଇଛନ୍ତି। ସେମାନେ ହେଲେ ଟିକିରି ଥାନାରେ କାର୍ଯ୍ୟରତ ସନ୍ତୋଷ ଶବର ଏବଂ ଆର୍.ଏନ୍. ଶବର। କର୍ତ୍ତବ୍ୟରେ ଅବହେଳା ଯୋଗୁ ଦୁହିଁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ରାୟଗଡ଼ା ଏସ୍‌ପି ଶର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏକ ବଳାତ୍କାର ଅଭିଯୋଗ ମାମଲାରେ ୧୩ ତାରିଖରେ ସନ୍ତୋଷ ପଣ୍ଡୁ ନାମକ ଯୁବକଙ୍କୁ ବିଷମକଟକ ଅଞ୍ଚଳରୁ ଟିକିରି ପୋଲିସ ଗିରଫ କରିଥିଲା। ପରେ ତାଙ୍କୁ ଡାକ୍ତରୀ ମାଇନା ପାଇଁ ରାୟଗଡ଼ା ଅଣାଯାଇଥିବାବେଳେ କୋର୍ଟ ଚାଲାଣ ପୂର୍ବରୁ ରାୟଗଡ଼ା ଟାଉନ୍ ଥାନା ପରିସରରୁ ସେ ଫେରାର୍ ହେଉଥିଲେ। ଏହି ସମୟରେ ଥାନା ନିକଟରେ ଏକ ଟ୍ରକ୍ ଧକ୍କାରେ ସେ ଗୁରୁତର ହୋଇଥିଲେ। ସେହିଦିନ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ପରିବାର ଲୋକେ ଘଟଣାର ତଦନ୍ତ ଦାବି କରିଥିଲେ। ସୋମବାର ମୃତ ସନ୍ତୋଷଙ୍କ ସ୍ତ୍ରୀ ଗୀତା, ପରିବାରର ଅନ୍ୟ ସଦସ୍ୟଙ୍କ ସମେତ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକଙ୍କ ବୟାନ ରେକର୍ଡ ହେବ ବୋଲି ଜଣାପଡ଼ିଛି। ରାୟଗଡ଼ା ଜିଲା ଜଜ୍‌ଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିଜେଏମ୍ ରାଜେନ୍ଦ୍ର କୁମାର ଦାଶ ଘଟଣାସ୍ଥଳକୁ ଯାଇ ଘଟଣାର ଅନୁସନ୍ଧାନ କରିଥିଲେ। ମାନବାଧିକାର କମିଶନଙ୍କ ନିର୍ଦ୍ଦେଶକ୍ରମେ ମାମଲାର ବିଚାର ବିଭାଗୀୟ ତଦନ୍ତ ହେବ ବୋଲି ଜଣାପଡ଼ିଛି।

# ଏମ୍‌ଏସ୍‌ଏମ୍‌ଇ କ୍ଲଷ୍ଟର କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୮।୭(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ଦ୍ୱାରା ବର୍ତ୍ତମାନ ସୁଦ୍ଧା ରାଜ୍ୟର ୫ଟି ପ୍ରକଳ୍ପକୁ ମଞ୍ଜୁରି ମିଳିଛି। ସେଗୁଡ଼ିକ ମଧ୍ୟରେ ବରଗଡ଼ ରାଇସ୍ ବ୍ରାନ୍ କ୍ଲଷ୍ଟର, ଗଞ୍ଜାମ କାଜୁବାଦାମ କ୍ଲଷ୍ଟର, କଟକ-ଭୁବନେଶ୍ୱର ଫାର୍ମାସ୍ୟୁଟିକାଲ୍ କ୍ଲଷ୍ଟର, ବାଲେଶ୍ୱର ରାଇସ୍ ବ୍ରାନ୍ କ୍ଲଷ୍ଟର ଏବଂ ବଲାଙ୍ଗୀର ରାଇସ୍ ମିଲ୍ କ୍ଲଷ୍ଟର ରହିଛି। ଏଥିମଧ୍ୟରୁ ବରଗଡ଼ ରାଇସ୍ ବ୍ରାନ୍ କ୍ଲଷ୍ଟର, ଗଞ୍ଜାମ କାଜୁବାଦାମ କ୍ଲଷ୍ଟର ଏବଂ କଟକ-ଭୁବନେଶ୍ୱର ଫାର୍ମାସ୍ୟୁଟିକାଲ୍ କ୍ଲଷ୍ଟର କାର୍ଯ୍ୟ ସରିଛି। ବାକି କ୍ଲଷ୍ଟର କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏମ୍‌ଏସ୍‌ଏମ୍‌ଇ ବିଭାଗ ପକ୍ଷରୁ ଭର୍ଚୁଆଲ୍ ବୈଠକରେ ବିଭାଗୀୟ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷାବେଳେ ଏନେଇ ସୂଚନା ଦିଆଯାଇଛି।

**ସମୀକ୍ଷା କଲେ ସଚିବ**

- **ଉଚିତ୍ ସମୟରେ ଡିପିଆର୍ ଓ ବିନିଯୋଗ ପତ୍ର ଦାଖଲ ନ କଲେ କାର୍ଯ୍ୟାନୁଷ୍ଠାନ**
- **ଆଗାମୀ ଦିନରେ ହେବ ଆଉ ୫ କ୍ଲଷ୍ଟର**

ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକଙ୍କୁ ନେଇ ଆୟୋଜିତ ବୈଠକରେ ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଶୁଭା ଶର୍ମା, ଶିଳ୍ପ ନିର୍ଦ୍ଦେଶକ ଜି. ରେଘୁ, ଅତିରିକ୍ତ ଶାସନ ସଚିବ ଉଦୟ ନାରାୟଣ ଦାସ, ଖଦି ଓ ଗ୍ରାମୋଦ୍ୟୋଗ କମିଶନର ନିର୍ଦ୍ଦେଶକ ଏସ୍.କେ. ମହାନ୍ତି, ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ପରିଚାଳନା ନିର୍ଦ୍ଦେଶକ ପି.କେ. ସାହାଣୀ ପ୍ରମୁଖ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଅବଗତ ହୋଇଥିଲେ। ଏହାବ୍ୟତୀତ ଆଗାମୀ ଦିନରେ ପାରାଦୀପର ଶୁଖୁଆ ମାଛ କ୍ଲଷ୍ଟର, ବରଗଡ଼ର ଇଥେନଲ୍ କ୍ଲଷ୍ଟର, ବଲାଙ୍ଗୀରର ରାଇସ୍ ମିଲ୍ କ୍ଲଷ୍ଟର, କଟକର ଇଞ୍ଜିନିୟରିଂ କ୍ଲଷ୍ଟର, ଭୁବନେଶ୍ୱରର ଅଟୋମୋବାଇଲସ୍ କ୍ଲଷ୍ଟର, ପାହାଳର ରସଗୋଲା କ୍ଲଷ୍ଟର ଏବଂ ଅନୁଗୋଳର ଫ୍ଲାଏ ଆସ୍ କ୍ଲଷ୍ଟର ହେବାର ରହିଛି। ଆଇଆଇଡି ସ୍କିମ୍‌ରେ ଖୋର୍ଦ୍ଧା, ରାୟଗଡ଼ା ଓ ପାରାଦ୍ୱୀପ ପାଇଁ ଅନ୍ତଃକରଣ ବିକାଶ ନିମନ୍ତେ ୩ଟି ପ୍ରକଳ୍ପ ପ୍ରସ୍ତାବ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ୧୩ଟି ପ୍ରକଳ୍ପର ଡିପିଆର୍ ଇଡ୍‌କୋ ଦ୍ୱାରା ଦାଖଲ କରାଯାଇଛି। ଜି.ଆଇ ଟ୍ୟାଗ୍ ନିମନ୍ତେ ରହିଥିବା ପ୍ରସ୍ତାବ ଉପରେ ଆନୁଷଙ୍ଗିକ ପଦକ୍ଷେପ ନେବାକୁ କୁହାଯାଇଛି। କିଛି ଜିଲା ଆଶାନୁରୂପକ ଭାବେ ମଞ୍ଜୁର ଅର୍ଥ ସହାୟତା ହିତାଧିକାରୀଙ୍କୁ ପ୍ରଦାନ କରିଥିବାବେଳେ ଅନ୍ୟ କିଛି ଜିଲା ନୈରାଶ୍ୟଜନକ ପ୍ରଦର୍ଶନ କରୁଛନ୍ତି। ଯଥାଶୀଘ୍ର ଏ ଦିଗରେ ଯତ୍ନବାନ ହେବାକୁ ପ୍ରମୁଖ ସଚିବ ତାଗିଦ୍ କରିଥିଲେ। ଲକ୍‌ଡାଉନ୍ ସମୟରେ ବାକି ପ୍ରକଳ୍ପର ଡିପିଆର୍ ପ୍ରସ୍ତୁତ କାର୍ଯ୍ୟ ସାରିବାକୁ କହିଥିଲେ। ବିଶେଷକରି ବିଭିନ୍ନ ଶିଳ୍ପ କ୍ଲଷ୍ଟରଗୁଡ଼ିକରେ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରି ନ ଥିବାରୁ ସଚିବ ଶର୍ମା ଅସନ୍ତୋଷ ପ୍ରକାଶ କରିବା ସହ ଡିପିଆର୍ ଓ ବିନିଯୋଗ ପତ୍ର ଠିକ୍ ସମୟରେ ଦାଖଲ ନ କଲେ ସଂପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଏହି ବିଭାଗ 'ମୋ ସରକାର' ଅଧୀନରେ ଆସୁଥିବାରୁ ହିତାଧିକାରୀମାନଙ୍କଠାରୁ ଆସୁଥିବା ମତାମତ ଆଧାରରେ କାର୍ଯ୍ୟ କରିବାକୁ କୁହାଯାଇଥିଲା।

# ଗୁମିକୁ ରାସ୍ତା ସମସ୍ୟାର ସମାଧାନ ହେଲା

**୬କି.ମି. ଚାଲିଚାଲି ଯାଇ ପହଞ୍ଚିଲେ ଅଧ୍ୟକ୍ଷ ଓ ୩ ବ୍ଲକ କର୍ମଚାରୀ**

ଖଜୁରିପଡ଼ା,୧୮।୭(ଡି.ଏନ.ଏ.)

ରାସ୍ତା ନିର୍ମାଣରେ ଜମି ସାଜିଛି ବାଧକ। ବର୍ଷବର୍ଷ ଧରି ଗମନାଗମନ ସୁବିଧାରୁ ବଞ୍ଚିତ ରହିଛନ୍ତି ୧୫ ପରିବାର। ଖର୍ଚ୍ଚ ହୋଇନପାରି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅର୍ଥ ଓ ବିଧାୟକ ପାଣ୍ଠି ପଡ଼ିରହିଛି। ଏପରି ସମସ୍ୟା ଦେଖା ଦେଇଥିଲା ଖଜୁରିପଡା ବ୍ଲକ ପିରିକୁଡି ପଞ୍ଚାୟତ ଗୁମି ଗ୍ରାମରେ। ଏହି ଦୁର୍ଗମ ଅଞ୍ଚଳକୁ ସମସ୍ୟା ସମାଧାନ ପାଇଁ ବୁଧବାର ୬କିମି ଚାଲିଚାଲି ଯାଇଥିଲେ ବ୍ଲକ ଅଧ୍ୟକ୍ଷ ବୀରେନ୍ଦ୍ର କହଁର ଓ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରିଣୀ ସୋନମ ବେହେରା, କନିଷ୍ଠ ଯନ୍ତ୍ରୀ ସନ୍ତୋଷିନୀ ସାହୁ ଓ ସହକାରୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ସାହୁ। କେତେଜଣ ବ୍ୟକ୍ତିଙ୍କ ଜମି ଦେଇ ରାସ୍ତା ଯାଉଥିବାରୁ ସେ ଜମି ଛାଡୁ ନ ଥିଲେ। ଫଳରେ ଏହାର ବିକଳ୍ପ ବ୍ୟବସ୍ଥା ଭାବେ ଗାଁ ନିକଟ ପାହାଡ଼ କଡ଼ଦେଇ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀଙ୍କ ସହ ଆଲୋଚନା କରି ରାଜି କରାଇଥିବା ଅଧ୍ୟକ୍ଷ କହିଛନ୍ତି। ବିଳମ୍ବରେ ହେଲେବି ସମସ୍ୟା ସମାଧାନ ହୋଇଥିବାରୁ ବିଧାୟକ ଅଙ୍ଗଦ କହଁର କୃତଜ୍ଞତା ଜଣାଇବା ସହ ଯଥାଶୀଘ୍ର ରାସ୍ତା ଆରମ୍ଭ ହେବ ବୋଲି କହିଛନ୍ତି।


ଗାଁରେ ବ୍ଲକ ଅଧ୍ୟକ୍ଷ ଓ କର୍ମଚାରୀ।

**ସଂକ୍ଷେପରେ**

## ନିଜ ବେକ କାଟିଲେ ମାନସିକ ବିକାରଗ୍ରସ୍ତ ଯୁବକ

କୋରାପୁଟ,୧୮।୭(ସ୍ୱ.ପ୍ର)-କୋରାପୁଟ ସହରରେ ମାନସିକ ବିକାରଗ୍ରସ୍ତ ଜଣେ ଯୁବକ ଶନିବାର ନିଜ ବେକ କାଟି ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ କୋରାପୁଟ ମେଡିକାଲରେ ଭର୍ତ୍ତି କରାଯାଇଛି। ଅପରାହ୍ନରେ ସହରର ଟ୍ରାଫିକ ଛକ ନିକଟରେ ଏପରି ଘଟଣା ଘଟିଛି। ସହରରେ ସପ୍ତାହାନ୍ତ ଶଟ୍‌ଡାଉନ ଚାଲିଥିବାବେଳେ ଟ୍ରାଫିକ ଛକ ନିକଟରେ ଯୁବକ (୩୦) ଜଣକ କୌଣସି କାରଣ ଯୋଗୁ ଧାରୁଆ ଅସ୍ତ୍ରରେ ନିଜ ବେକ କାଟି ଦେଇଥିଲେ। ଗୁରୁତର ଅବସ୍ଥାରେ ସେଠାରେ ପଡ଼ିଥିବାବେଳେ କାର୍ଯ୍ୟରତ ଟ୍ରାଫିକ କନ୍‌ଷ୍ଟେବଲ ଦେଖି ସ୍ଥାନୀୟ କେତେଜଣ ବ୍ୟକ୍ତିଙ୍କ ସହାୟତାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବାବେଳେ ତାଙ୍କ ପରିଚୟ ମିଳିପାରିନାହିଁ।

## କୋଭିଡ୍ ପରିଚାଳନା ପାଇଁ ବୁଦ୍ଧିଜୀବୀଙ୍କ ସହ ଆଲୋଚନା

କାଲିମେଳା,୧୮।୭(ଡି.ଏନ.ଏ)-ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିଚାଲିଛି। ମାଲକାନଗିରି ଜିଲାରେ ମଧ୍ୟ ଦିନକୁ ଦିନ ଆକ୍ରାନ୍ତ ସଂଖ୍ୟା ବୃଦ୍ଧି ପାଉଛି। ଶୁକ୍ରବାର ଗୋଟିଏ ଦିନରେ ୫୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କାଲିମେଳା ବ୍ଲକରେ କେତେକ କଟକଣା ମାନୁ ନ ଥିବା ନଜରକୁ ଆସିଛି। ଏନେଇ କାଲିମେଳା ବ୍ଲକ ପ୍ରଶାସନ ଶୁକ୍ରବାର ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ, ବ୍ୟବସାୟ ପ୍ରତିଷ୍ଠାନ ଲୋକ ପ୍ରତିନିଧି ଏବଂ ସାମାଜିକ କର୍ମୀଙ୍କୁ ନେଇ ତହସିଲଦାର ଆଲୋକ କୁମାର ଅନୁଗୁଳିଆ ଆଲୋଚନା କରିଛନ୍ତି। ଦୋକାନଗୁଡିକରେ ସାମାଜିକ ଦୂରତ୍ୱ, ମାସ୍କ ବ୍ୟବହାର କିମ୍ବା ହାତ ସାନିଟାଇଜର ବ୍ୟବସ୍ଥା କରାଯାଉନାହିଁ। ମେଡିକାଲଠାରେ ଥିବା ଆଇସୋଲେଶନ କେନ୍ଦ୍ରକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରିବା, ଅନ୍ୟ ଜିଲାରୁ ଆସୁଥିବା ଲୋକମାନେ କ୍ୱାରାଣ୍ଟାଇନରେ ନ ରହି ବାହାରେ ବୁଲୁଥିବା ବୁଦ୍ଧିଜୀବୀମାନେ ମତ ଦେଇଥିଲେ। ବ୍ଲକରେ ଲକ୍‌ଡାଉନ ନିୟମକୁ ଅଧିକ କଡ଼ାକଡ଼ି କରିବା,ସପ୍ତାହକୁ ଦିନେ ଛାଡ଼ି ଦିନେ ଦୋକାନ ବଜାର ଖୋଲିବା ନେଇ ପ୍ରସ୍ତାବ ଦେଇଥିଲେ। ତହସିଲଦାର ଏହାର ବିଚାର କରିବେ ବୋଲି ପ୍ରକାଶ କରି ଆଗାମୀ ଦିନରେ 'ମୋ ସାହି ମୋ ଦାୟିତ୍ୱ' ବ୍ୟବସ୍ଥା କରାଯିବ। ସାହିରେ ସ୍ୱେଚ୍ଛାସେବୀମାନେ ନଜର ରଖିବେ। ଅନ୍ୟ ଜିଲାକୁ ଯିବା ଆସିବା କରୁଥିବା ଲୋକଙ୍କ ତାଲିକା ପ୍ରସ୍ତୁତ କରିବେ। ବ୍ୟବସାୟ ପ୍ରତିଷ୍ଠାନଗୁଡିକ କରୋନା କଟକଣା ନ ମାନିଲେ ସେମାନଙ୍କୁ ଜରିମାନା ସହ ବ୍ୟବସାୟ ପ୍ରତିଷ୍ଠାନ ସିଲ୍ କରାଯିବ ବୋଲି ତହସିଲଦାର କହିଥିଲେ। ଆଲୋଚନା ବେଳେ ଆର୍‌ଆଇ ସୁରେଶ ପୂଜାରୀ, ବ୍ଲକ ଅଧ୍ୟକ୍ଷ ମାଲା ମାଡ଼ି,ବି. ଭାସ୍କର ରାଓ, ବିନୋଦ ସାହୁ, କାମସେନ ପ୍ରଧାନ,ଟୁଣ୍ଟୁ ଦେ,କାଳିଆ ଦ୍ୱିବେଦୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଫଟୋ: ବୈଠକରେ ତହସିଲଦାର ଆଲୋଚନା କରୁଛନ୍ତି।

## ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ: ୨ ମଦ ବ୍ୟବସାୟୀ ଗିରଫ

ମାଲକାନଗିରି,୧୮।୭(ଡି.ଏନ୍.ଏ.)-ମାଲକାନଗିରି ପୌର ଅଞ୍ଚଳରେ ମାଲ୍ୟବନ୍ତ ଛାତ୍ରାବାସରେ ହୋଇଥିବା ବିଏସ୍‌ଏଫ୍ କ୍ୟାମ୍ପର ସଙ୍ଗରୋଧ କେନ୍ଦ୍ରରେ ୩୬ ଜଣ ଯବାନ କରୋନା ସଂକ୍ରମିତ ହୋଇଥିଲେ। ଏହି କେନ୍ଦ୍ର ପଛପଟେ ଜଣେ ମହିଳା ଦେଶୀମଦ ବିକ୍ରି କରି ସେ ମଧ ସଂକ୍ରମଣର ଶିକାର ହୋଇଥିଲେ। ତାଙ୍କ ଜଣେ ଝିଅ ମଧ ସଂକ୍ରମିତ ହୋଇଥିଲେ। ପରେ ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଅନେକ ବ୍ୟକ୍ତି କରୋନାରେ ଆକ୍ରାନ୍ତ ହୋଇଛନ୍ତି। ତେବେ କରୋନା ସଂକ୍ରମଣରେ ଏକ ପ୍ରମୁଖ ଭୂମିକା ଉକ୍ତ ଚୋରାମଦ କାରବାର ବୋଲି ବୁଦ୍ଧିଜୀବୀମାନେ ଅଭିଯୋଗକରି ଏନେଇ ଅବକାରୀ ଓ ପୋଲିସକୁ ଦାୟୀ କରିଥିଲେ। ଫଳରେ ଏହାକୁ ଭିତ୍ତିକରି ଗୁରୁବାର ମାଲକାନଗିରି ଅବକାରୀ ଅଧୀକ୍ଷକ ଅଶୋକ କୁମାର ସେଠଙ୍କ ନେତୃତ୍ୱରେ ବିଭାଗର ୪ଟି ଟିମ୍ ପୌରାଞ୍ଚଳର ଲାଠିଆଗଡ଼ା, ଜେଲସାହି, ଚିଦାନନ୍ଦ ସାହି, ବିବିଗୁଡ଼ା, ମାଉଲିମା ମନ୍ଦିର ସାହିରେ ଚଢାଉ କରିଥିଲେ। ୩୭ ଲିଟର ଦେଶୀ ମହୁଲି ମଦ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଥିଲା। ଆଗାମୀ ଦିନରେ ଏପରି ଚଢ଼ାଉ ଜାରି ରହିବ। ଶୁକ୍ରବାର ପୌର ପରିଷଦ ପକ୍ଷରୁ ବିଭିନ୍ନ ସାହିରେ ଚଢାଉ କରାଯାଇଥିଲା। ଏହି ସମୟରେ ୩ଟି ସ୍ଥାନରୁ ୨୫ ଲିଟର ମଦ ଜବତ ହୋଇଛି।

## କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ସମସ୍ୟା ବୁଝିଲେ ଉପଜିଲାପାଳ


ଉପଜିଲାପାଳ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ଗୁଣପୁର,୧୮।୭(ଡି.ଏନ୍.ଏ.):

ରାୟଗଡ଼ା ଜିଲା ଗୁଣପୁର ସହର ଏବଂ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଶୁକ୍ରବାର ୧୫ ପଜିଟିଭ୍ ଚିହ୍ନଟ ହେବାପରେ ଶନିବାର ଉପଜିଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦର ବିଭିନ୍ନ କଣ୍ଟେନ୍‌ମେଣ୍ଟ ଜୋନ୍ ପରିଦର୍ଶନ କରି ଅଞ୍ଚଳବାସୀଙ୍କ ସୁବିଧା ଅସୁବିଧା ବୁଝିଛନ୍ତି। ଏ ନେଇ ସେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି। ପରେ ଅଗ୍ନିଶମ ବିଭାଗ ପକ୍ଷରୁ ଉକ୍ତ ଅଞ୍ଚଳଗୁଡ଼ିକୁ ସାନିଟାଇଜ୍ କରାଯାଇଛି। ସଂକ୍ରମିତ ଚିହ୍ନଟ ହୋଇଥିବା ସହରର କୁମୁଟିସାହି, ଗୋଲା ନାୟକ ସାହି, ନୀଳଚକ୍ରନଗର, କୁଣ୍ଡାବାଉରି ସାହି, ଆଦର୍ଶ ନଗର ଲେନ୍-୧, ଫୁଲବଗିଚା ସାହି, ମେଡିକାଲ କଲୋନୀ, ପୁରୁଣା ଗଣପର, ବ୍ରାହ୍ମଣ ସାହି ଏବଂ ଶାନ୍ତିନଗର-୨ ସମେତ ଶିରିଝୋଲି, ଆମ୍ବାବାଡ଼ି, ବିଜୟପର, ଚିନ୍ତାଲଗୁଡ଼ା ଅଞ୍ଚଳରେ ଲୋକଙ୍କ ସମସ୍ୟା ବୁଝିଥିଲେ। ଏହି ସମୟରେ ଉପଜିଲାପାଳଙ୍କ ସମେତ ନିର୍ବାହୀ ଅଧିକାରୀ ଉମାପ୍ରସାଦ ଦାସ, ବିଡିଓ ଶାନ୍ତିପ୍ରଭା ପ୍ରଧାନ ଏବଂ ସହାକରୀ ଯନ୍ତ୍ରୀ ଦୁର୍ଯ୍ୟୋଧନ ଜାନି ଉପସ୍ଥିତ ଥିଲେ।

## ରାୟଗଡ଼ାରୁ କିଙ୍ଗ୍‌ପିନ୍‌କୁ ଗିରଫକଲା ଏନ୍‌ସିବି ଟିମ୍

**ରାଞ୍ଚିରୁ ୨୫୫ କେଜି ଗଞ୍ଜେଇ ଜବତ ଘଟଣା**

ରାୟଗଡ଼ା ଅଫିସ,୧୮।୭:

ରାଞ୍ଚିରୁ ୨୫୫ କେଜି ଗଞ୍ଜେଇ ଜବତ ଘଟଣାରେ କିଙ୍ଗ୍‌ପିନ୍ ପ୍ରସିଦ୍ଧ କୁମାର ପାଣିଙ୍କୁ ଶନିବାର ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି)ର ଏକ ୫ଜଣିଆ ଟିମ୍ ରାୟଗଡ଼ାରୁ ଗିରଫ କରିଛି। ଇନ୍ସପେକ୍ଟର ଏସ୍.କେ.ମିଶ୍ରଙ୍କ ନେତୃତ୍ୱରେ ରାଞ୍ଚି ଏବଂ ଭୁବନେଶ୍ୱରରୁ ଆସିଥିବା ଟିମ୍ ତାଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ୧୪ ତାରିଖରେ ରାୟଗଡ଼ାରୁ ଏକ ପରିବା ବୋଝେଇ ଗାଡ଼ିରେ ଝାଡ଼ଖଣ୍ଡକୁ ଗଞ୍ଜେଇ ଚାଲାଣ କରାଯାଉଥିଲା। ରାଞ୍ଚିଠାରେ ଗାଡ଼ି ଜବତ କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୯ଜଣ ପୂର୍ବରୁ ଗିରଫ ହୋଇଥିଲେ। ଶନିବାର କିଙ୍ଗ୍‌ପିନ୍ ପ୍ରସିଦ୍ଧଙ୍କୁ ରାଣୀଗୁଡ଼ା ଫାର୍ମ ଅଞ୍ଚଳରୁ ଗିରଫ କରି ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇଥିବା ରାୟଗଡ଼ା ଟାଉନ୍ ଆଇଆଇସି ନିହାର ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ତେବେ ଘଟଣାର ତଦନ୍ତ ଜାରି ରହିଛି। ଅଧିକ ସୂଚନା ଦେଇହେବ ନାହିଁ ବୋଲି ଟିମ୍ ପ୍ରକାଶ କରିଛି।

## କଂଗ୍ରେସର ସମାଲୋଚନା, ଆନ୍ଦୋଳନ ଚେତାବନୀ

**ମାଲକାନଗିରି ଜିଲାରୁ ୧୦ ଡାକ୍ତର ଗଞ୍ଜାମକୁ ବଦଳି**

ମାଲକାନଗିରି,୧୮।୭ (ଡି.ଏନ୍.ଏ.)

କରୋନା ମୁକାବିଲା ପାଇଁ ରାଜ୍ୟ ସରକାର ବିଭିନ୍ନ ଜିଲାରୁ ଡାକ୍ତରମାନଙ୍କୁ ଗଞ୍ଜାମ ପଠାଉଛନ୍ତି। ମାଲକାନଗିରି ଜିଲାରୁ ଡେପୁଟେଶନରେ ୧୦ ଜଣ ଡାକ୍ତରଙ୍କୁ ପଠାଯାଇଛି। କାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରର ଦିନେଶ କୁମାର ପାତ୍ର, ଆଦିତ୍ୟ କୁମାର ଦାସ, ପଡ଼ିଆ ସ୍ୱାସ୍ଥ୍ୟକେନ୍ଦ୍ରର ସରିତା ମେହେର, ହରିହର ସିଂ, ଖଇରପୁଟ ସ୍ୱାସ୍ଥ୍ୟକେନ୍ଦ୍ରର ନମ୍ରତା ପାତ୍ର, ମାଥିଲି ସ୍ୱାସ୍ଥ୍ୟକେନ୍ଦ୍ରର ରାଜୀବ ମାଝି, ନାରାୟଣ ପ୍ରଧାନ, କୋରୁକୋଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରର ଅନାମିକା ସାହୁ, ପାଣ୍ଡ୍ରିପାଣି ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରପତି ମହାରଣାଙ୍କର ଗଞ୍ଜାମ ଡେପୁଟେଶନରେ ଯିବାକୁ ବଦଳି ହୋଇଛି। ସେମାନେ ଗଞ୍ଜାମ ଜିଲାରେ ସେମାନଙ୍କ କାର୍ଯ୍ୟ ତୁଲାଇବେ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଚିଠି କରିଛନ୍ତି। ଅନ୍ୟପକ୍ଷରେ ଏହି ଡାକ୍ତରଙ୍କ ବଦଳିକୁ ମାଲକାନଗିରି ଜିଲା କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ଏ ସମ୍ପର୍କରେ ଜିଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, କାର୍ଯ୍ୟକାରୀ ସଭାପତି ରାମ ପଟ୍ଟନାୟକ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଆଦିବାସୀଙ୍କ ପ୍ରତି ଅବହେଳାର ଆହୁରି ଏକ ନମୁନା ଏବେ ମାଲକାନଗିରିରେ ଦେଖିବାକୁ ମିଳିଲା। ଗଞ୍ଜାମ ଓ ଭୁବନେଶ୍ୱର ପରି ମାଲକାନଗିରିରେ ମଧ୍ୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସରକାର ଓ ଜିଲା ସ୍ୱାସ୍ଥ୍ୟ ବିଭାଗ କରୋନା ମୁକାବିଲାରେ ବିଫଳ ହୋଇ ମାଲକାନଗିରି ଜିଲାରୁ ୧୦ ଜଣ ଡାକ୍ତରଙ୍କୁ ଗଞ୍ଜାମ ଜିଲାକୁ ନେଇଛନ୍ତି। ଜିଲାରେ ୧୯୭ ଡାକ୍ତର ପଦବୀ ରହିଥିବା ବେଳେ ମାତ୍ର ୯୩ ଜଣ ଡାକ୍ତର ଏଠାରେ ନିଯୁକ୍ତି ପାଇଛନ୍ତି। ଅଧାରୁ ଅଧିକ ଡାକ୍ତର ନ ଥିବା ବେଳେ ରହିଥିବା ଡାକ୍ତରଙ୍କୁ ନେଇ ଜିଲାରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା କଷ୍ଟକର ହୋଇପଡୁଛି। ଏପରି ସ୍ଥଳେ ୧୦ ଡାକ୍ତରଙ୍କୁ ଗଞ୍ଜାମ ନେଇଯିବା ମାଲକାନଗିରି ଜିଲା ପ୍ରତି ସରକାରଙ୍କ ଆନ୍ତରିକତା ସ୍ପଷ୍ଟ ହୋଇଛି ବୋଲି ଉଭୟେ କହିଛନ୍ତି। ଆଗାମୀ ଦିନରେ ଏନେଇ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ହେବ ବୋଲି ଉଭୟେ ପ୍ରକାଶ କରିଛନ୍ତି।

## କୋଭିଡ୍ କେୟାର ସେଣ୍ଟର ପ୍ରସ୍ତୁତି ଅନୁଧ୍ୟାନ କଲେ ମନ୍ତ୍ରୀ

ବିଷମକଟକ,୧୮।୭:

ରାୟଗଡ଼ା ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାକୁ ନଜରରେ ରଖି ଜିଲା ପ୍ରଶାସନ ତରଫରୁ ବିଷମକଟକ ବ୍ଲକ୍ ସଦର ଏବଂ ନାକିରିଗୁଡ଼ାଠାରେ ୨ଟି ନୂତନ କୋଭିଡ୍ କେୟାର ସେଣ୍ଟର ପ୍ରସ୍ତୁତି କାର୍ଯ୍ୟ ଚାଲିଛି। ଶୁକ୍ରବାର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର କୁମାର ଦାସ ବିଷମକଟକ ବ୍ଲକ୍ ଗସ୍ତରେ ଆସି ଦୁଇ କୋଭିଡ୍ କେୟାର ସେଣ୍ଟରରେ ପ୍ରସ୍ତୁତି କାର୍ଯ୍ୟର ତଦାରଖ କରିଥିଲେ। ସେଠାରେ ସରକାରଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ, ପରିମଳ ବ୍ୟବସ୍ଥା, ପାନୀୟ ଜଳ ସୁବିଧା ସହ ଅନ୍ୟ ଆନୁଷାଙ୍ଗିକ ବ୍ୟବସ୍ଥା ରହିଛି କି ନାହିଁ, ତାହାର ଅନୁଧ୍ୟାନ କରିଥିଲେ। ସୂଚନାଯୋଗ୍ୟ, ନାକିରିଗୁଡ଼ାଠାରେ ୨ଶହ ଶଯ୍ୟା ଏବଂ ବିଷମକଟକ ସଦରଠାରେ ୩ଶହ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର ପ୍ରସ୍ତୁତ ହେଉଛି। ମନ୍ତ୍ରୀଙ୍କ ଗସ୍ତ ସମୟରେ ବିଡିଓ ଆଲବର୍ଟ ଲାକଡ଼ା, ତହସିଲଦାର ଶୁଭେନ୍ଦୁ ଜେନା, ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ।

ତୁମେ ଯାହା ଜାଣିଛ– ତାହା ହିଁ ଯେ ଏକମାତ୍ର ସତ୍ୟ– ଏବଂ ତୁମର ବିଶ୍ୱାସ ଯେ ଏକମାତ୍ର ସତ୍ୟ ଏବଂ ଅନ୍ୟମାନଙ୍କ ଜ୍ଞାନ ଓ ବିଶ୍ୱାସ ସତ୍ୟ ନୁହେଁ– ତୁମେ ଯଦି ଏହିପରି ଭାବୁଥାଅ– ତା'ହେଲେ ତୁମେ ଜାଣ ଯେ, ଅତୀତରେ ବିଭିନ୍ନ ଧର୍ମ ଓ ସଂପ୍ରଦାୟର ଲୋକମାନେ ଯାହା କରୁଥିଲେ– ତୁମେ ତାହା ହିଁ କରୁଛ। **–ଶ୍ରୀମା**



# ଦୁଇମିନିଟିଆ ଉପସ୍ଥାପନା



**ଆକାର ପଟେଲ**

ନ୍ୟୁଜ୍ ଏଜେନ୍ସି ଏଏନ୍‌ଆଇ ଚଳିତ ସପ୍ତାହରେ ରିପୋର୍ଟ କରିଛି ଯେ, ଅର୍ଥନୀତିକୁ ପୁନର୍ଜୀବିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବରିଷ୍ଠ ୫୦ ଜଣ ଅଧିକାରୀଙ୍କଠାରୁ ଇନପୁଟ୍ (ମତାମତ) ନେଇଛନ୍ତି। ଉକ୍ତ ବୈଠକରେ ଅର୍ଥ ଓ ବାଣିଜ୍ୟ ମନ୍ତ୍ରଣାଳୟର ଅଧିକାରୀମାନେ ଉପସ୍ଥିତ ରହି ସାମ୍ପ୍ରତିକ ପରିସ୍ଥିତି ଉପରେ ୯୦ ମିନିଟ୍ ଭିତରେ ନିଜ ନିଜର ମତ ଓ ତଥ୍ୟ ଉପସ୍ଥାପନ କରିଥିଲେ। ତେବେ ଯଦି ସମସ୍ତ ୫୦ ଜଣ ଅଧିକାରୀ ଇନପୁଟ୍ ଦେବାର ସୁଯୋଗ ପାଇଥିବେ, ପ୍ରତ୍ୟେକଙ୍କୁ ଦୁଇ ମିନଟରୁ କମ୍ ସମୟ ମିଳିଥିବ। ପୁଣି କେହି ଜଣେ ବୈଠକର ଉଦ୍ଦେଶ୍ୟ ଓ ଏଜେଣ୍ଡା ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିବେ। ତେଣୁ ପ୍ରତ୍ୟେକେ ଦୁଇ ମିନିଟ୍ ସମୟ ପାଇବା ସମ୍ଭବ ନୁହେଁ। ବୋଧହୁଏ ସେମାନଙ୍କ ମଧ୍ୟରୁ ଅନେକେ ଆଦୌ କହିବାର ସୁଯୋଗ ପାଇ ନ ଥିବେ। ଯଦି କହିଥିବେ, ଅର୍ଥନୀତି ସମ୍ବନ୍ଧରେ ଜଣେ ବିଶେଷଜ୍ଞ ଦୁଇ ମିନଟରେ କ'ଣ କହିପାରିବେ?

ଏଏନ୍‌ଆଇ କହିଛି ଯେ ଖାଉଟିଙ୍କ ଚାହିଦା ହ୍ରାସ ହେତୁ ଗତ ତ୍ରିମାସୀଗୁଡ଼ିକରେ ଅର୍ଥନୀତିରେ ମାନ୍ଦାବସ୍ଥା ଦେଖାଦେଇଛି। ଏହି ସମସ୍ୟାରୁ ଦେଶର ଅର୍ଥନୀତିକୁ କିପରି ଶୀଘ୍ର ପୁନରୁଦ୍ଧାର କରାଯାଇପାରିବ ତାହାର ଉପାୟ ବିଷୟରେ ଆଲୋଚନା କରିବା ଉକ୍ତ ବୈଠକର ଲକ୍ଷ୍ୟ ଥିଲା। ତେବେ ଦୁଇ ମିନିଟ୍‌ରେ କି ନିଦାନ ଦିଆଯାଇପାରିବ?

ଏପରି ଦୁଇମିନଟିଆ ଉପସ୍ଥାପନାରେ ବିଶଦ ବିବରଣୀ ରହିବ ନାହିଁ। ପ୍ରସ୍ତାବ ଅନୁଯାୟୀ କାମ କଲେ କି ସମସ୍ୟା ଆସିପାରେ ଏବଂ କାର୍ଯ୍ୟକାରୀ କରିବା ସମୟରେ ବି କି କି ଭୁଲ୍ ହୋଇପାରେ ସେଗୁଡ଼ିକ ଏଥିରେ ସ୍ଥାନ ପାଇପାରିବ ନାହିଁ। ଏଥିପାଇଁ ପର୍ଯ୍ୟାପ୍ତ ସମୟ ମିଳିବ ନାହିଁ। ଏଥିରେ କେବଳ ଗୋଟିଏ ପ୍ରକାର ସମାଧାନ ପାଇଁ ପ୍ରସ୍ତାବ ଆସିବ ଏବଂ ଯଦି ତାହା ଏକ ସ୍ଥାୟୀ ସମାଧାନ ପରି ମନେହୁଏ ଏବଂ ବିଶେଷତଃ ଯଦି ଏହା ମୌଳିକ ଓ ଅଭିନବ ଚିନ୍ତାଧାରା ପରି ଲାଗେ, ତେବେ ଏହା ଅନୁମୋଦନ ଲାଭ କରିବ।

ଏହା ହେଉଛି ତ୍ୱରିତ ମତାମତ ଓ ତରବରିଆ ନିଷ୍ପତ୍ତି ନେବାର ସମସ୍ୟା। କିନ୍ତୁ ଯେତେବେଳେ ୫୦ ଜଣଙ୍କୁ ଏକତ୍ର ଏକ ବୈଠକରେ ଯୋଗଦେଇ ସଂକ୍ଷିପ୍ତ ଏବଂ ବୁଦ୍ଧିଦୀପ୍ତ ଇନ୍‌ପୁଟ ଦେବାକୁ କୁହାଯାଏ, ତେବେ ନିଶ୍ଚୟ ଏହା ପସନ୍ଦଯୋଗ୍ୟ କାର୍ଯ୍ୟଶୈଳୀ ବୋଲି ମନେହେବ। ମୋଦିଙ୍କ ଏପରି ଶାସନଶୈଳୀ ବିଷୟରେ ମୁଁ ପୂର୍ବରୁ ଲେଖିଛି। ସେ ମଧୁ କିଶୋରଙ୍କ ସହ ଏକ ସାକ୍ଷାତ୍‌କାରରେ କହିଛନ୍ତି ଯେ, ସେ ଫାଇଲ ପଢ଼ନ୍ତି ନାହିଁ, କାରଣ ସେ ଏକାଡେମିକ୍ ଅଧ୍ୟୟନ ମାଧ୍ୟମରେ ଶାସନ କରିପାରିବେ ନାହିଁ। ସେ ଚାହାନ୍ତି ତାଙ୍କ ଲୋକମାନେ କୌଣସି ସମସ୍ୟାକୁ ଦୁଇମିନିଟ୍‌ର ସାରାଂଶରେ ଉପସ୍ଥାପନ କରନ୍ତୁ ଯାହାକୁ ସେ ହଜମ କରିବେ ଏବଂ ତା'ପରେ ନିଷ୍ପତ୍ତି ନେବେ।

ଏଠାରେ ସମସ୍ୟା ହେଉଛି କିଛି ଜିନିଷ ବହୁତ ଜଟିଳ, ଯାହାକୁ ସାର–ସଂକ୍ଷେପରେ ଉପସ୍ଥାପନ କରାଯାଇପାରିବ ନାହିଁ। ଅନେକ ଜିନିଷ ସ୍ୱଷ୍ଟ ନୁହେଁ। ଅନେକ ବିବରଣୀ ଠିକ୍ ନୁହେଁ, କାରଣ ସେଠାରେ ପର୍ଯ୍ୟାପ୍ତ ସୂଚନା କିମ୍ବା ତଥ୍ୟ ନାହିଁ। ଅନେକ ନିଷ୍ପତ୍ତିର ସମ୍ଭାବ୍ୟ ପରିଣାମଗୁଡ଼ିକ କ'ଣ ହୋଇପାରେ ତାହା ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ବିନା ବୁଝି ହେବ ନାହିଁ। କଳାଟଙ୍କା ଏହିପରି ଏକ ପ୍ରସଙ୍ଗ ଥିଲା, ଯେଉଁଥିପାଇଁ ବିମୁଦ୍ରୀକରଣ ପରି ଅଦୂରଦର୍ଶୀ ତରବରିଆ ନିଷ୍ପତ୍ତି ନିଆଗଲା। କୋଭିଡ୍ ଭଳି ଚାଇନା ସମ୍ପର୍କ ଅନ୍ୟ ଏକ ପ୍ରସଙ୍ଗ। ଦୁଇମାସ ଲକ୍‌ଡାଉନ୍‌ର ପ୍ରଭାବ ମଧ୍ୟ ଜଟିଳ। ଏହା ଅର୍ଥବ୍ୟବସ୍ଥା ପାଇଁ କ'ଣ କ୍ଷତି କରିପାରିବ ତାହା ଅତି ଯତ୍ନର ସହିତ ପରୀକ୍ଷା କରାଯିବା ଆବଶ୍ୟକ ଏବଂ ବିମୁଦ୍ରୀକରଣ କିମ୍ବା ସମୁଦାୟ ଲକ୍‌ଡାଉନ୍ ଭଳି କଣ୍ଟକରା ଅସ୍ତ୍ର ବ୍ୟବହାର କରିବା ପୂର୍ବରୁ ସତର୍କତା ଅବଲମ୍ବନ କରାଯିବା ଆବଶ୍ୟକ।

ଏଠାରେ ମୋର ଉଦ୍ଦେଶ୍ୟ ଅନାବଶ୍ୟକ ସମାଲୋଚନା କିମ୍ବା ଅବମାନନା କରିବା ନୁହେଁ। ମୋଦି ଯାହା ନିଷ୍ପତ୍ତି ନିଅନ୍ତି ତାହା ଆମ ସମସ୍ତଙ୍କୁ ପ୍ରଭାବିତ କରିଥାଏ ଏବଂ ଏହି ସମୟରେ ଆମ ଦେଶ ତଥା ଏହାର ଲୋକଙ୍କ ସ୍ୱାର୍ଥରେ କ'ଣ କରାଯାଇପାରିବ ତାହା ଆମକୁ ନିଶ୍ଚୟ ଦେଖିବା ଉଚିତ। ତେବେ ଏପରି ନିଷ୍ପତ୍ତି ଗ୍ରହଣ ଶୈଳୀକୁ ପରୀକ୍ଷା କରାଯିବା ଆବଶ୍ୟକ। ଏଠାରେ ଆଉ ଏକ ରିପୋର୍ଟ ଉପସ୍ଥାପନ କରୁଛି, ଯାହା ଜୁଲାଇ ୧୮ରେ ଇଣ୍ଡିଆନ୍ ଏକ୍ସପ୍ରେସରେ ପ୍ରକାଶ ପାଇଛି। ଶୀର୍ଷକ ହେଉଛି: ହଠାତ୍ ଲକ୍‌ଡାଉନ୍ ଯୋଗୁ ଉତ୍ପାଦଗୁଡ଼ିକର ସରବରାହ ବାଧାପ୍ରାପ୍ତ ହେବାରୁ ନିର୍ମାତାମାନେ ହତାଶ ହୋଇପଡ଼ିଛନ୍ତି। ଉକ୍ତ ରିପୋର୍ଟରେ ଗୋଟିଏ ଉଦାହରଣ ଦିଆଯାଇଛି। ଜୁଲାଇ ୧୩ ତାରିଖ ରାତି ୮ଟାରେ କର୍ନାଟକ ସରକାର ପରଦିନ ଅର୍ଥାତ୍ ୧୪ରୁ ଲକ୍‌ଡାଉନ ଘୋଷଣା କରି ଶିଳ୍ପଗୁଡ଼ିକୁ ବନ୍ଦ କରିବାକୁ କହିଦେଲେ। ଟୟୋଟା ପରି ଅଟୋମୋବାଇଲ୍ ନିର୍ମାତା ସମେତ କମ୍ପାନୀଗୁଡ଼ିକ ସେମାନଙ୍କ ଶ୍ରମିକମାନଙ୍କୁ ଘରକୁ ଯିବାକୁ କହିଦେଲେ ଏବଂ ବିକ୍ରେତାମାନଙ୍କୁ ମଧ୍ୟ ସୂଚନା ଦେଇଦେଲେ। କିନ୍ତୁ ପରଦିନ ସନ୍ଧ୍ୟାରେ ସରକାର ଅନ୍ୟ ଏକ ସର୍କୁଲାର ଜାରି କରି କହିଲେ ଯେ ନିର୍ମାତାମାନଙ୍କୁ ଲକ୍‌ଡାଉନରୁ ଛାଡ଼ କରାଗଲା। କିନ୍ତୁ ସେତେବେଳକୁ ଶ୍ରମିକମାନେ ଯାଇ ସାରିଥିଲେ। ଗୋଟିଏ ସପ୍ତାହର ଉତ୍ପାଦନ ନଷ୍ଟ ହୋଇଗଲା।

ଅନ୍ୟ ଏକ ସମସ୍ୟା ହେଉଛି ଯୋଗାଣ ଶୃଙ୍ଖଳା। ଗାଡ଼ି ନିର୍ମାଣ କାମ ସବୁ ଗୋଟିଏ ସ୍ଥାନରେ ହୁଏ ନାହିଁ। ମୁଖ୍ୟ କାରଖାନାରେ କେବଳ ଯୋଡ଼ାଯୋଡ଼ି କରାଯାଏ କିନ୍ତୁ ପାର୍ଟଗୁଡ଼ିକ ଦେଶର ବିଭିନ୍ନ ସ୍ଥାନରୁ ଆସିଥାଏ। କେତେକ ରାଜ୍ୟରେ ଲକ୍‌ଡାଉନ୍ ହୋଇଥିଲା ବେଳେ ମୁଖ୍ୟ କାରଖାନା ଲକଡାଉନ୍‌ରୁ ମୁକ୍ତ ହେଲେ ବି ଲକ୍‌ଡାଉନ ଥିବା ରାଜ୍ୟରୁ ପାର୍ଟ ଆସି ନ ପାରିବାରୁ ଉତ୍ପାଦନ ହୋଇପାରିଲା ନାହିଁ। ତାମିଲନାଡୁ, ମହାରାଷ୍ଟ୍ର, ବିହାର, ବଙ୍ଗଳା, କର୍ନାଟକ, ଉତ୍ତରପ୍ରଦେଶ, ଓଡ଼ିଶା, ଆସାମ ଏବଂ ଅନ୍ୟାନ୍ୟ ସ୍ଥାନରେ ଲକ୍‌ହାଉନ ଘୋଷଣା ହୋଇଥିଲା। କିନ୍ତୁ ଯୋଗାଣ ଶୃଙ୍ଖଳା ଜାରି ରଖିବାକୁ କୌଣସି ସମନ୍ୱୟ ନ ଥିଲା। ଲକ୍‌ଡାଉନ୍ ଦ୍ୱାରା ଅର୍ଥନୀତିରେ ହୋଇଥିବା କ୍ଷୟକ୍ଷତିର ଭରଣା କରିବା ଆମ ପାଇଁ ସହଜ ହେବ ନାହିଁ ଏବଂ ଏହାର ସମାଧାନ ଦୁଇ ମିନିଟ୍‌ର ଉପସ୍ଥାପନାରୁ ମିଳିପାରିବ ନାହିଁ।

aakar.patel@gmail.com

# ନଦୀର ନାମ ନର୍ଦ୍ଦମା



**ଚିତ୍ର ଚରିତ୍ର**

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ବିଶ୍ୱ ମହାମାରୀ କରୋନାକୁ ପ୍ରତିହତ କରିବାକୁ ଦିଆଯାଇଥିବା ସାମାଜିକ ଦୂରତ୍ୱର ଆହ୍ୱାନ ମଧ୍ୟରେ ଏଇ ଚାରିମାସ ହେଲା ବେଶ୍ ବଢ଼ିଯାଇଛି ବନ୍ଧୁ, ସମ୍ପର୍କୀୟ ବା ଜ୍ଞାତି ପରିଜନଙ୍କ ମଧ୍ୟରେ ପାର୍ଥିବ ଦୂରତା। ପ୍ରାତଃଚାଲି ସମୟର ଭେଟଭାଟ ବା ସନ୍ଧ୍ୟାକାଳୀନ ବନ୍ଧୁମିଳନ ତ ପ୍ରାୟ ସ୍ୱପ୍ନ ହୋଇଯାଇଛି ସେଇ ଅଦୃଶ୍ୟ ଭାଇରସ୍ ଅସୁରଟିର ଦୟାରୁ। ଷାଠିଏ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବରିଷ୍ଠ ନାଗରିକମାନେ ସେହି ଅସୁରଟିର ସହଜ ଶିକାର ହୋଇଯା'ନ୍ତି ବୋଲି ତୁହାକୁ ତୁହା ପ୍ରଚାର ହେଲା ପରେ ବୁଢ଼ାମାନଙ୍କ ସାନ୍ଧ୍ୟ ଆସର ଏକ ପ୍ରକାର ନିର୍ବାସନରେ ବିତାଡ଼ିତ। କାରାକକ୍ଷର କାଳକୋଠରିରେ ଚରମ ଏକାକିତ୍ୱ ମଧ୍ୟରେ ନିଜକୁ ଅବରୁଦ୍ଧ କରି ରଖିବା ହିଁ ଯେମିତି କରୋନାର ପରୋକ୍ଷ ଅଭିଶାପ! କେବଳ ଟେଲିଫୋନ୍ ମାଧ୍ୟମରେ ସମବୟସ୍କ ବନ୍ଧୁମାନଙ୍କ ସହ ନିଜକୁ ବାଣ୍ଟିବା ହିଁ ଏକମାତ୍ର ସାନ୍ତ୍ୱନା!!

ସେଦିନ ଏମିତି ଏକ ଫୋନ୍ ବାର୍ତ୍ତାଳାପ ମଧ୍ୟରେ ଜଣେ ବନ୍ଧୁଙ୍କଠୁଁ ଶୁଣିବାକୁ ମିଳିଲା ଏକ ଆବେଗସିକ୍ତ ଉଚ୍ଚାରଣ। ବିଶ୍ୱବକ୍ଷରୁ କରୋନାର ବିତାଡ଼ନ ପାଇଁ ସହସ୍ର ସହସ୍ର ସ୍ୱାସ୍ଥ୍ୟବିଜ୍ଞାନୀ କୋଟି କୋଟି ଟଙ୍କା ବ୍ୟୟରେ ବହୁବିଧ ଗବେଷଣା ଚାଲୁ ରଖିଥିଲା ବେଳେ ଆମର ଏ ବନ୍ଧୁ ମହାମାରୀର କାରଣ ସମ୍ପର୍କରେ ଏକ ଅଦ୍ଭୁତ ଯୁକ୍ତି ଉପସ୍ଥାପିତ କରି ଏ ଲେଖକକୁ ତଟସ୍ଥ କରି ଦେଇଥିଲେ। ବନ୍ଧୁ କହୁଥିଲେ, ''ଯୁଗ ଯୁଗ ଧରି ପାଣି, ପବନ ଓ ଆଲୋକ ଦେଇ ଏହି ସୃଷ୍ଟିକୁ ବଞ୍ଚାଇ ରଖିଥିବା ପ୍ରକୃତି ଆଉ କେତେ ସହନ୍ତା! ନିଜ ଜ୍ଞାନବିଜ୍ଞାନ ଓ ଧନଯୌବନରେ ଉନ୍ମତ୍ତ ହୋଇ ମଣିଷ ପ୍ରକୃତି ଉପରେ ଯେମିତି ଅତ୍ୟାଚାର କରି ଆସୁଛି, ତାହାର ପରିଣାମ ଆଉ କିଏ ଭୋଗନ୍ତା!! ଏ ସୃଷ୍ଟି କ'ଣ କେବଳ ମଣିଷମାନଙ୍କର ପୈତୃକ ସମ୍ପତ୍ତି? ମଣିଷ ସହ ଏଠାରେ ସୃଷ୍ଟି ହୋଇଥିବା ପଶୁପକ୍ଷୀ, କୀଟପତଙ୍ଗ ସଭିଙ୍କର ସମାନ ଅଧିକାର ଅଛି ବୋଲି ମଣିଷ ବୁଝିଲାନି। ତା' ଖାଇବା ପାଇଁ ସ୍ରଷ୍ଟା ଏଠି ଏତେ ପ୍ରକାର ଖାଦ୍ୟ ଖଞ୍ଜି ଦେଇଥିଲେ ବି ନିଜ ରସନା ତୃପ୍ତ କରିବାକୁ ସାପ, ବେଙ୍ଗ, ମୂଷା, ବାଦୁଡ଼ି ସମସ୍ତଙ୍କୁ ମାରି ଖାଇଲା ଏ ସର୍ବଗିଳା ମଣିଷ। ତା'ର ଏହି ଅନାଚାରର ପ୍ରତିଶୋଧ ନେବାପାଇଁ ଏବେ ରୁଦ୍ର ରୂପ ଧରି ମୁଣ୍ଡ ଟେକିଛି ପ୍ରକୃତି। ମାତ୍ର ବିଡ଼ମ୍ବନାର ବିଷୟ, ଏତେ ପରାଭବ ଭୋଗିଲା ପରେ ବି ମଣିଷ ତଥାପି ଚେତୁନାହିଁ।''

ଟେଲିଫୋନ୍‌ରେ ସମଗ୍ର ମଣିଷ ଜାତି ବିରୋଧରେ ବିଷୋଦ୍‌ଗାର କରୁଥିବା ବନ୍ଧୁଙ୍କର ଏ କ୍ଷୋଭ ଶେଷ ହୋଇଥିଲା ସଂପୂର୍ଣ୍ଣ ଆଞ୍ଚଳିକ ସ୍ତରରେ, ସେ ରହୁଥିବା ରାଜଧାନୀର ଏକ ଉପାନ୍ତ ଅଞ୍ଚଳର କେତେକ ପରିବେଶ ବିରୋଧୀ ଯୁବକମାନଙ୍କ ନୀତିବହିର୍ଭୂତ କାର୍ଯ୍ୟାନୁଷ୍ଠାନରେ। କଥା ହେଲା, ତାଙ୍କ କଲୋନୀର ମଧ୍ୟସ୍ଥଳରେ ରାସ୍ତା ଉପରେ ଏକ ବୁଲା କୁକୁର ମରି ପଡ଼ିଥିଲା। କୁକୁରଟିର ମୃତ୍ୟୁର କାରଣ ଯାହା ହେଉନା କାହିଁକି, ମ୍ୟୁନିସିପାଲିଟିର ସଫେଇ ଗାଡ଼ିକୁ ବାରମ୍ବାର ଖବର ଦେବା ସତ୍ତ୍ୱେ ସେମାନେ ନ ଆସିବା କାରଣରୁ ଜନ୍ତୁଟିର ଗଳିତ ଶବର ଦୁର୍ଗନ୍ଧ ସମଗ୍ର ପରିବେଶକୁ ବିଷାକ୍ତ କରିଦେଇଥିଲା। ଏମିତି ସମୟରେ କଲୋନୀର କେଇଜଣ ପରିବେଶପ୍ରେମୀ ଯୁବକ କୁକୁରଟିର ଶବ ସତ୍କାର କରିବାକୁ ଆଗେଇ ଆସିଲେ ଓ ସଂପୃକ୍ତ ସଫେଇ କର୍ମଚାରୀଙ୍କ ସମେତ ସମଗ୍ର ମ୍ୟୁନିସିପାଲିଟିର ସପ୍ତପୁରୁଷ ଉଦ୍ଧାର କରି କୁକୁରଟିର ଗଳିତ ଶବକୁ ବୋହି ନେଇ ଅନତି ଦୂରରେ ବହିଯାଉଥିବା କୁଆଖାଇ ନଦୀରେ ବିସର୍ଜନ କରିଆସିଲେ।

ପ୍ରଚଣ୍ଡ କ୍ରୋଧରେ ଥରୁଥିଲେ ବନ୍ଧୁ। ଟେଲିଫୋନ୍‌ରେ ଏହି ସମବୟସ୍କ ବନ୍ଧୁଟି ପାଖରେ ପେସ୍ କରୁଥିଲେ ତାଙ୍କ ଅସ୍ୱସ୍ତି ଓ ଅଶାନ୍ତି। ''ଆମର କି ଅଧିକାର ଅଛି ଚାଇନାର ଉହାନ ସହରର ସେଇ ବାଦୁଡ଼ିଖିଆ ମଣିଷଙ୍କୁ ଆଜିର ଏ ବିଶ୍ୱ ବିପ୍ୱାତ ପାଇଁ ଦାୟୀ କରିବାକୁ! ସାପ, ବେଙ୍ଗ ବା କୁକୁର, ବାଦୁଡ଼ିଙ୍କ ମାଂସ ଖାଇ ସେମାନେ ଏକ ଅସନ୍ତୁଳିତ ପରିବେଶ ପାଇଁ ଯେତିକି ଦାୟୀ, ଏକ କୁକୁରର ଗଳିତ ଶବକୁ ନଦୀକୁ ଫିଙ୍ଗି ଆମେ ସେମାନଙ୍କଠୁଁ କୋଉ କମ୍ ଦାୟୀ ଯେ!! ସରକାରଙ୍କ ଜଳଯୋଗାଣ ସଂସ୍ଥା କୁଆଖାଇ ନଦୀର ଜଳକୁ ଯେତେ ବିଶୋଧନ କରି ଛାଡ଼ିଲେ ବି ପାଣି ପିଇବା ବେଳେ ସେଇ କୁକୁରଟିର ଗଳିତ ଶବ ମୋ ଆଖି ଆଗରେ ନାଚି ଯାଉଛି ଓ ପାଣି ପ୍ରତି ବିକାର ଆସୁଛି। ଇତର ପଶୁମାନେ ଆଖିବୁଜି ନର୍ଦ୍ଦମା ପାଣି ପିଇଲା ଭଳି ଆମେ ଆଖି ବୁଜି ସେଇ ପାଣି ପିଇବାକୁ ପଡୁଛି।''

ବନ୍ଧୁ ତାଙ୍କର ଅସ୍ୱସ୍ତି ବୟାନ କରି ଫୋନ୍ ରଖିଦେଲେ। ଯେକୌଣସି ଅବ୍ୟବସ୍ଥା ବିରୁଦ୍ଧରେ ସାଧାରଣ ଲୋକଙ୍କ ପ୍ରତିକ୍ରିୟା ପ୍ରକାଶ ସବୁବେଳେ ଏହିଭଳି। କେଇ ସମୟ ପାଇଁ ହୋହଲ୍ଲା, ପାଟିତୁଣ୍ଡ ବା ଅତି ବେଶିରେ ସରକାରୀ ଦପ୍ତର ଆଗରେ ମିଳିତ ହଇଗୋଳ। ଅବସ୍ଥା ଅସମ୍ଭାଳ ହେଲେ କର୍ତ୍ତୃପକ୍ଷଙ୍କ ଆବିର୍ଭାବ ଓ ଘଟଣାର ତଦନ୍ତ ହୋଇ ବିହିତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶ୍ରୁତି ମିଳିଲା ପରେ ବେଶ୍ କିଛିଦିନ ପାଇଁ ନିର୍ବାସନରେ ଚାଲିଯାଏ ଲୋକମାନଙ୍କର ପ୍ରତିବାଦ ଓ ପ୍ରତିକ୍ରିୟା। ଅବ୍ୟବସ୍ଥା ସେମିତି ଲମ୍ବି ଲମ୍ବି ଚାଲିଥାଏ ଓ ଉଦାସୀନତାର ନିଦବଟିକା ଖାଇ ବାଧ ନିଦ୍ରାରେ ଶୋଇ ଘୁଙ୍ଗୁଡି ମାରୁଥାନ୍ତି ସାଧାରଣ ଜନତା!!!

କୁଆଖାଇ ନଦୀରେ ଗୋଟିଏ କୁକୁରର ଗଳିତ ଶବ ପ୍ରକ୍ଷେପଣକୁ ନେଇ ମୁଣ୍ଡ କୋଡ଼ି ହେଉଥିବା ବନ୍ଧୁଙ୍କୁ କିଏ କେମିତି ବୁଝନ୍ତା ଯେ କେବଳ କୁଆଖାଇ ନୁହେଁ କି ଓଡ଼ିଶାର ନଦୀସମୂହ ନୁହେଁ, ସମଗ୍ର ଭାରତବର୍ଷର କୌଣସି ନଦୀ ଆଉ ସେହି ପ୍ରାଚୀନ ଦେବକନ୍ୟାର ପ୍ରତିରୂପ ହୋଇ ପ୍ରବାହିତ ହେଉନାହାନ୍ତି। ଧୋବାଘାଟଠୁଁ ଆରମ୍ଭ କରି ଗୋରୁମଇଁଷିଙ୍କ ଗାଧୁଆ ତୁଠ ଯାଏ ବିଭିନ୍ନ ଭାବେ ଯାବତୀୟ ପ୍ରଦୂଷଣ ମଧ୍ୟରେ ଏମାନଙ୍କର ପବିତ୍ରତା ଏମିତି ନଷ୍ଟଭ୍ରଷ୍ଟ ହୋଇଯାଇଛି ଯେ ତାକୁ ମୁହଁରେ ଦେବା ଦୂରେ ଥାଉ, ଚର୍ମରୋଗ ଭୟରେ ତହିଁରେ ସ୍ନାନ କରିବାକୁ ବି ଦୁଇଥର ଚିନ୍ତା କରିବାକୁ ପଡ଼ିବ। ଶିଶୁଙ୍କ ଡାଇପରଠାରୁ ମହିଳାଙ୍କ ମାସିକ ପ୍ୟାଡ୍ ଯାଏ, ଯିଏ ଯାହା ପାଇଲା ତାକୁ ନେଇ ନଦୀଗର୍ଭରେ ବିସର୍ଜନ କରିବା ଯେମିତି ଏକ ଅଲିଖିତ ଆଇନ। ପୁଣି ଏସବୁ ବ୍ୟକ୍ତି–ବ୍ୟଭିଚାର ବାହାରେ ନଦୀ ପାର୍ଶ୍ୱରେ ଗଢ଼ି ଉଠିଥିବା ବିଭିନ୍ନ କଳକାରଖାନାର ବିଷାକ୍ତ ଅବଶେଷଗୁଡ଼ିକର ଶେଷ ଠିକଣା ପାଲଟିଯାଏ ଏହିସବୁ ନଦୀ, ଯେମିତି ସହରର ନାଳନର୍ଦ୍ଦମାର ସଙ୍ଗମସ୍ଥଳ ଥାଏ କଟକର କାଠଯୋଡ଼ି, କଲିକତାର ହୁଗୁଳି ଓ ବାରାଣସୀର ଗଙ୍ଗା ଭଳି ନଦୀସମୂହ।

କେଇ ବର୍ଷ ତଳେ ଜଣେ ବନ୍ଧୁ ତାଙ୍କ ପରଲୋକଗତ ପିତାଙ୍କ ଅସ୍ଥି ବିସର୍ଜନ କରିବାକୁ ବାରାଣସୀ ଯାଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶବ ସତ୍କାର କଲେ ମୃତକ ସିଧାସଳଖ ସ୍ୱର୍ଗ ଯାତ୍ରା କରନ୍ତି ବୋଲି ଯେଉଁ ବିଶ୍ୱାସଟିଏ ଆମ ଓଡ଼ିଆଙ୍କ ଚେତନାରେ ବସା ବାନ୍ଧି ରହିଛି ତାହାର ଏକ ପରିବର୍ଦ୍ଧିତ ସଂସ୍କରଣ ହେଉଛି ସ୍ୱର୍ଗଦ୍ୱାରରୁ ଅସ୍ଥି ସଂଗ୍ରହ କରି ତାକୁ ନେଇ ବାରାଣସୀର ଗଙ୍ଗା ଗର୍ଭରେ ବିସର୍ଜନ କରିବା। ତଦନୁଯାୟୀ ବନ୍ଧୁଙ୍କର ବାରାଣସୀ ଯାତ୍ରାରେ ସେ ଯେଉଁ ଅନୁଭୂତି ଅର୍ଜନ କରି ଫେରିଥିଲେ ଅତ୍ୟନ୍ତ ବିରକ୍ତିର ସହ ବୟାନ କରି ସେ କହୁଥିଲେ, ''ତାହା କ'ଣ ସେହି ପୁରାଣବର୍ଣ୍ଣିତ ହିମାଳୟସମ୍ଭୂତା ପୁଣ୍ୟତୋୟା ଗଙ୍ଗା, ଯେଉଁ କର୍ଦ୍ଦମାକ୍ତ ଜଳରେ ମୁଁ ଆଖି ବୁଜି ନାକ ବନ୍ଦ କରି ଅତି କଷ୍ଟରେ ବୁଡ଼ଟିଏ ପକାଇ ଉଠି ପଡ଼ିଥିଲି!''

ଗ୍ରୀକ୍ ଦାର୍ଶନିକ ହେରାକ୍ଲିଟସ୍ ଏକଦା କହିଥିଲେ, ''ଏକା ନଦୀରେ ତୁମେ ଦୁଇଥର ଗାଧୋଇ ପାରିବ ନାହିଁ!'' କଥାଟି ଯେଉଁ ତତ୍ତ୍ୱ ଆଧାରିତ ଦର୍ଶନ ହୋଇଥାଉ ନା କାହିଁକି, ଆମେ ବାଲ୍ୟକାଳରେ ଯେଉଁ ନଦୀରେ ଗାଧୋଇଥିଲେ ସଭ୍ୟତାର ବିକାଶ ଓ ଆଧୁନିକତାର ଆବାହନ ମଧ୍ୟରେ ସେ ନଦୀ ଏମିତି ପ୍ରଦୂଷିତ ହୋଇଯାଇଛି ଯେ ଦ୍ୱିତୀୟ ବାର ସେ ନଦୀରେ ଗାଧୋଇବାକୁ ଆଉ ମନ କହିବ ନାହିଁ। ବିଜ୍ଞାନ ମାନବ ସଭ୍ୟତାକୁ ବହୁଭାବେ ବିକଶିତ କରିଥିଲେ ମଧ୍ୟ ନଦୀ କୁହାଯାଉଥିବା ପ୍ରକୃତିର ଏହି ମହତ୍ ଦାନକୁ ମଣିଷ ବିକଶିତ କରିବା ପରିବର୍ତ୍ତେ ନିରନ୍ତର ନର୍ଦ୍ଦମାରେ ପରିଣତ କରିଚାଲିଛି, ଯେଉଁଥିପାଇଁ ଶ୍ରାବଣର ଆଦ୍ୟ ପର୍ବରେ ମଧ୍ୟ ପୂର୍ଣ୍ଣଗର୍ଭା ନଦୀ ଶୂନ୍ୟଗର୍ଭା ଦିଶୁଛି।

ଜଳ ହିଁ ପ୍ରତ୍ୟେକ ଜୀବନର ସଂଜୀବନୀ ଶକ୍ତି। ବିଶାଳ ଜଳରାଶିକୁ ନିଜ ଗର୍ଭରେ ଧାରଣ କରି କୁଳୁକୁଳୁ ନାଦରେ ପ୍ରବାହିତ ହେଉଥିବା ପ୍ରତ୍ୟେକ ନଦୀ ସମଗ୍ର ପ୍ରାଣୀ ଜଗତର ରକ୍ଷା କବଚ। ବିଶ୍ୱ ବ୍ରହ୍ମାଣ୍ଡର ପ୍ରତ୍ୟେକ ପ୍ରାନ୍ତରେ ପ୍ରବହମାନ ନଦୀ ସମୂହ ସେହି ଭୂଖଣ୍ଡର ସଭ୍ୟତା ଓ ସଂସ୍କୃତିର ପ୍ରାଣକେନ୍ଦ୍ର। ଆମ ଜନ୍ମଭୂମି ଭାରତବର୍ଷର ବକ୍ଷଦେଶରେ ପ୍ରବାହିତ ପ୍ରତ୍ୟେକ ନଦୀ ଏହି ଭୂଖଣ୍ଡର ଗୌରବୋଜ୍ଜ୍ୱଳ ଐତିହ୍ୟର ଗୋଟିଏ ଗୋଟିଏ ଉଜ୍ଜ୍ୱଳ ସ୍ୱାକ୍ଷର। ଗଙ୍ଗାଠାରୁ ଗୋଦାବରୀ ଯାଏଁ, ପୁଣି କୃଷ୍ଣାଠାରୁ କାବେରୀ ପର୍ଯ୍ୟନ୍ତ ସମସ୍ତ ନଦୀ ଯୁଗ ଯୁଗ ଧରି ବୈଶିଷ୍ଟ୍ୟମୟ ଭାରତର ଆଦିପର୍ବର ପ୍ରଥମ ପରିଚୟ। ସେହିପରି ଚିରସଲିଳା ମହାନଦୀ, ସୁବର୍ଣ୍ଣରେଖା, ବ୍ରାହ୍ମଣୀ ବା ବୈତରଣୀ ଉତ୍କଳୀୟ ଭୂଗୋଳର ଉଜ୍ଜ୍ୱଳ ସଙ୍କେତ, ଓଡ଼ିଶା ଇତିହାସର ଅମ୍ଳାନ ସ୍ୱାକ୍ଷର ଓ ସର୍ବୋପରି ଓଡ଼ିଆ ଜାତିର ଦୀପ୍ତିମାନ ଜୀବନରେଖା। ମଣିଷ ଆୟୁଷର ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ସେ ଆସେ ଓ ପୁଣି ଚାଲିଯାଏ। ମାତ୍ର ଯୁଗ ଯୁଗ ଧରି ପ୍ରତ୍ୟେକ ମଣିଷକୁ ବଞ୍ଚାଇ ରଖିଥିବା ନଦୀ ଅକ୍ଷୟ, ଅମର ଓ ଚିର ଆୟୁଷ୍ମାନ୍। ସେ ଆମକୁ ବଞ୍ଚାଏ, ବଢ଼ାଏ ଓ ସଂସାରରୁ ବିଦାୟ ନେଲାପରେ ଆମ ଅସ୍ଥିକୁ ତା' ଗର୍ଭରେ ସାଇତି ରଖେ। ସେ ଆମ ସଭ୍ୟତା ଓ ସଂସ୍କୃତିକୁ ଅନନ୍ତ କାଳ ଯାଏଁ ସମୃଦ୍ଧ କରି ଚାଲିଥାଏ ନିଜ ପ୍ରବାହର ଛଳ ଛଳ ରାଗିଣୀରେ। ସୁତରାଂ, ଆସନ୍ତୁ! ନଦୀକୁ ସବୁମତେ ରକ୍ଷା କରିବା, ସମ୍ମାନ ଜଣାଇବା ଓ ଗର୍ବର ସହ ତା'ର ଜୟଗାନ କରି କହିବା, 'ନଦୀ ଆମର ଓ ଆମେ ନଦୀର'!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# ଧନଶାଳୀ ଟେକ୍‌ନୋକ୍ରାଟ୍

ଭାରତୀୟ ବହୁରାଷ୍ଟ୍ରୀୟ ସୂଚନା ପ୍ରଯୁକ୍ତିବିଦ୍ୟା (ଆଇଟି) କମ୍ପାନୀ ଏଚ୍‌ସିଏଲ୍ ଟେକ୍ନୋଲୋଜି ଲିମିଟେଡ୍‌ର ମୁଖ୍ୟାଳୟ ଉତ୍ତରପ୍ରଦେଶର ନୋଏଡାରେ ରହିଛି। ଏଚ୍‌ସିଏଲ୍ ଏଣ୍ଟରପ୍ରାଇଜ୍‌ର ଏହା ସହାୟକ କମ୍ପାନୀ। ସଫ୍ଟୱେର ସର୍ଭିସ ବ୍ୟବସାୟକୁ ଏଚ୍‌ସିଏଲ୍ ପ୍ରବେଶ କରିବା ପରେ ଏଚ୍‌ସିଏଲ୍ ଟେକ୍ନୋଲୋଜି ଲିମିଟେଡ୍ ୧୯୯୧ରେ ସ୍ୱାଧୀନ ସଂସ୍ଥା ଭାବେ ମୁଣ୍ଡ ଟେକିଥିଲା। ବ୍ରିଟେନ୍, ଆମେରିକା, ଫ୍ରାନ୍ସ ଓ ଜର୍ମାନୀ ସମେତ ୪୪ ଦେଶରେ କମ୍ପାନୀର କାର୍ଯ୍ୟାଳୟ ରହିଛି। ବିଶ୍ୱବ୍ୟାପୀ ଗବେଷଣା ଓ ବିକାଶ (ଆର୍‌ଏଣ୍ଡଡି) ନେଟ୍‌ୱର୍କ ସ୍ଥାପନ କରିପାରିଥିବା ଏଚ୍‌ସିଏଲ୍ ଟେକ୍ନୋଲୋଜି ଲିମିଟେଡ୍‌ର 'ଇନୋଭେଶନ ଲାବ୍' ଏବଂ 'ଡେଲିଭରି ସେଣ୍ଟର' ଆଇଟି କ୍ଷେତ୍ରରେ ନୂଆ ପରୀକ୍ଷାନିରୀକ୍ଷା କରିଚାଲିଛି। ଏହାର ୧,୪୭,୧୨୩ କର୍ମଚାରୀ ରହିଥିବା ବେଳେ ଉପଭୋକ୍ତାଙ୍କ ମଧ୍ୟରେ ଅଛନ୍ତି ଫର୍ଚ୍ଚୁନ ୫୦୦ର ୨୫୦ ଏବଂ ଗ୍ଲୋବାଲ ୨୦୦୦ କମ୍ପାନୀର ୬୫୦। ଏରୋସ୍ପେସ୍ ଓ ପ୍ରତିରକ୍ଷା, ଅଟୋମୋଟିଭ୍, ବ୍ୟାଙ୍କିଙ୍ଗ୍, କ୍ୟାପିଟାଲ ମାର୍କେଟ୍‌ସ, ରସାୟନ ଓ ପ୍ରକ୍ରିୟା ଶିଳ୍ପ, ଶକ୍ତି, ସ୍ୱାସ୍ଥ୍ୟସେବା, ହାଇ–ଟେକ୍, ଇଣ୍ଡଷ୍ଟ୍ରିଆଲ୍ ମାନୁଫାକ୍‌ଚରିଂ, ଖାଉଟି ସାମଗ୍ରୀ, ବୀମା, ଜୀବ ବିଜ୍ଞାନ, ଗଣମାଧ୍ୟମ ଓ ମନୋରଞ୍ଜନ, ଖଣି ଓ ପ୍ରାକୃତିକ ସମ୍ବଳ, ତୈଳ ଓ ଗ୍ୟାସ୍, ଖୁଚୁରା, ଟେଲିକମ୍, ଭ୍ରମଣ, ପରିବହନ, ଲଜିଷ୍ଟିକ୍ସ ଆଣ୍ଡ ହସ୍ପିଟାଲିଟି ଭଳି ବିଭିନ୍ନ କ୍ଷେତ୍ରରେ ଏଚ୍‌ସିଏଲ୍ ଟେକ୍ନୋଲୋଜି ଲିମିଟେଡ୍‌ର ଉପସ୍ଥିତି କମ୍ପାନୀକୁ ବିଶ୍ୱର ଅନ୍ୟତମ ଆଇଟି କମ୍ପାନୀ ସ୍ତରକୁ ନେଇଯାଇଛି। ଏଭଳି ଏକ ବହୁରାଷ୍ଟ୍ରୀୟ କମ୍ପାନୀର ଦାୟିତ୍ୱ ଏବେ ଜଣେ ମହିଳାଙ୍କ ଉପରେ ନ୍ୟସ୍ତ କରାଯାଇଛି। ସେ ହେଉଛନ୍ତି ଏଚ୍‌ସିଏଲ୍‌ର ପ୍ରତିଷ୍ଠାତା ଶିବ ନାଦାରଙ୍କ ଏକମାତ୍ର କନ୍ୟା ରୋଶନୀ ନାଦାର। ପିତାଙ୍କ ପରେ ସେ ଏଚ୍‌ସିଏଲ୍‌ର ଅଧ୍ୟକ୍ଷ ହୋଇଥିବାରୁ ଏବେ ତାଙ୍କ ବ୍ୟକ୍ତିତ୍ୱ ଅଧିକ ଉଜ୍ଜ୍ୱଳ ହୋଇଛି।

**ବ୍ୟକ୍ତିତ୍ୱ**



ରୋଶନୀ ନାଦାର

ରୋଶନୀ ନୂଆଦିଲ୍ଲୀରେ ବଢ଼ିବା ସହିତ ବସନ୍ତ ଭ୍ୟାଲି ସ୍କୁଲରେ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିଲେ। ଆମେରିକାର ଇଲନଏସ୍ଥିତ ନର୍ଥୱେଷ୍ଟର୍ନ ବିଶ୍ୱବିଦ୍ୟାଳୟରୁ କମ୍ୟୁନିକେଶନରେ ଡିଗ୍ରୀ ଅର୍ଜନ କରିଥିଲେ। ସେଠାରେ ରେଡିଓ, ଟେଲିଭିଜନ୍ ଓ ଚଳଚ୍ଚିତ୍ର ଉପରେ ତାଙ୍କ ଶିକ୍ଷା କେନ୍ଦ୍ରିତ ଥିଲା। ପରେ କିଲୋଗ୍ ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟରୁ ଏମ୍‌ବିଏ କରିଥିଲେ। ଏଚ୍‌ସିଏଲ୍‌ରେ ଯୋଗଦେବା ପୂର୍ବରୁ ରୋଶନୀ ବିଭିନ୍ନ କମ୍ପାନୀରେ ପ୍ରଯୋଜକ ଭାବେ କାର୍ଯ୍ୟ କରିଥିଲେ। ସେ ସିଏନ୍‌ବିସି ଚ୍ୟାନେଲର ଇଣ୍ଟର୍ନ ସହ ୱାର୍ଲ୍ଡ ଇକୋନୋମିକ୍ ଫୋରମ୍‌ର 'ଫୋରମ୍ ଅଫ୍ ୟଙ୍ଗ୍ ଗ୍ଲୋବାଲ ଲିଡର୍ସ'ର ଛାତ୍ରୀ ମଧ୍ୟ ଥିଲେ। ଉଚ୍ଚଶିକ୍ଷା ପରେ ସେ ସ୍କାଏ ନ୍ୟୁଜ୍ ଲଣ୍ଡନ କାର୍ଯ୍ୟାଳୟରେ କିଛି ସମୟ ପାଇଁ କାର୍ଯ୍ୟ କରିଥିଲେ। ପିତାଙ୍କ ପରାମର୍ଶ କ୍ରମେ ସେ ବିଦେଶରୁ ଚାକିରି ଛାଡ଼ି ୨୦୦୮ରେ ଭାରତ ଫେରିଆସି ଏଚ୍‌ସିଏଲ୍‌ରେ ଯୋଗଦେଇଥିଲେ। ସେଥିରେ କାର୍ଯ୍ୟ କରିବାର ଗୋଟିଏ ବର୍ଷ ପରେ ସେ ଏଚ୍‌ସିଏଲ୍ କର୍ପୋରେଶନ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ପଦବୀକୁ ଉନ୍ନୀତ ହୋଇଥିଲେ। ୧୭ ଜୁଲାଇ ୨୦୨୦ରେ ପିତା ଶିବ ନାଦାର ଅଧ୍ୟକ୍ଷ ପଦରୁ ଓହରିଯିବା ପରେ ରୋଶନୀ ସେଥିରେ ଅବସ୍ଥାପିତ ହୋଇଛନ୍ତି।

ଫୋର୍ବସ ପକ୍ଷରୁ ୨୦୧୯ରେ ପ୍ରକାଶିତ ବିଶ୍ୱର ୧୦୦ ପ୍ରଭାବଶାଳୀ ମହିଳାଙ୍କ ତାଲିକାରେ ରୋଶନୀ ସ୍ଥାନ ପାଇବା ପରେ ତାଙ୍କ ବ୍ୟକ୍ତିତ୍ୱ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚିତ ହୋଇଥିଲା। କେବଳ ବ୍ୟବସାୟିକ ଜୀବନକୁ ନେଇ ତାଙ୍କ ଜୀବନ ଗତିଶୀଳ ହୋଇ ନାହିଁ, ଜଣେ ସହୃଦୟ ମହିଳା ଭାବେ ସେ ଅନେକ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରି ଆସିଛନ୍ତି। ଫଳସ୍ୱରୂପ ତାଙ୍କୁ ୨୦୧୪ରେ ଏନ୍‌ଡିଟିଭି ୟଙ୍ଗ୍ ଫିଲାନ୍‌ଥ୍ରୋପିଷ୍ଟ ଅଫ୍ ଦି ଇୟର, ୨୦୧୫ରେ 'ଦି ୱାର୍ଲ୍ଡସ ମୋଷ୍ଟ ଇନୋଭେଟିଭ୍ ପିପୁଲ ଆୱାର୍ଡ' ଏବଂ '୨୦୧୭ରେ ଭୋଗ୍ ଇଣ୍ଡିଆ ଫିଲାନ୍‌ଥ୍ରୋପିଷ୍ଟ ଅଫ୍ ଦି ଇୟର' ସମ୍ମାନରେ ସମ୍ମାନିତ କରାଯାଇଛି। ଏଥିସହିତ ଶିବ ନାଦାର ଫାଉଣ୍ଡେଶନର ଶିକ୍ଷା ବିକାଶ କାର୍ଯ୍ୟକ୍ରମ ସହ ସେ ଜଡ଼ିତ ଅଛନ୍ତି। ବନ୍ୟପ୍ରାଣୀ ଓ ସଂରକ୍ଷଣ ଦିଗରେ ତାଙ୍କ ଆଗ୍ରହ ଥିବାରୁ ସେ 'ଦି ହାବିଟେଟ୍' ନାମରେ ଏକ ଟ୍ରଷ୍ଟ ଗଠନ କରିଛନ୍ତି, ଯାହା ଭାରତର ପ୍ରାକୃତିକ ବାସସ୍ଥଳକୁ ସୁରକ୍ଷିତ ରଖିବାରେ ବେଶ୍ ସହାୟକ ହୋଇପାରିଛି।

୩୮ ବର୍ଷୀୟା ରୋଶନୀ ଶାସ୍ତ୍ରୀୟ ସଙ୍ଗୀତରେ ତାଲିମପ୍ରାପ୍ତ ସଙ୍ଗୀତକାର। ୨୦୧୦ରେ ସେ ଶିଖର ମାଲହୋତ୍ରାଙ୍କୁ ବିବାହ କରିଥିଲେ। ସେମାନଙ୍କର ଅର୍ମାନ ଓ ଜାହାନ ନାମରେ ଦୁଇ ପୁଅ ଅଛନ୍ତି। ଭାରତର ସବୁଠାରୁ ଧନଶାଳୀ ମହିଳା ଭାବେ ରୋଶନୀଙ୍କୁ ବିବେଚନା କରାଯାଉଛି। ଏକ ବୃହତ୍ କମ୍ପାନୀର ଅଧ୍ୟକ୍ଷ ରୂପେ ଏତେବଡ଼ ଦାୟିତ୍ୱରେ ଥିଲେ ମଧ୍ୟ ସେ ପାରିବାରିକ ଜୀବନ ସହ ସମନ୍ୱୟ ରଖି ଆଗେଇ ଚାଲୁଥିବାରୁ ଯୁବପିଢ଼ିଙ୍କ ପାଇଁ ନିଶ୍ଚିତ ପ୍ରେରଣାର ଉତ୍ସ ପାଲଟିବେ।

**–ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ପରିଣତ ବୟସରେ ଜଣେ ଦିବ୍ୟାଙ୍ଗ ପରିବେଶକୁ କେତେ ଭଲ ପାଆନ୍ତି ତାହା ତାଙ୍କ କଥା ନୁହେଁ, କାର୍ଯ୍ୟରୁ ହିଁ ଜଣାପଡ଼େ, ଯାହା କରୁଛନ୍ତି କେରଳର ଏନ୍.ଏସ୍. ରାଜାପ୍ପାନ। କୋଟ୍ଟାୟାମର ମନିଆନିଙ୍କରୀ ନିବାସୀ ରାଜାପ୍ପାନଙ୍କୁ ବର୍ତ୍ତମାନ ବୟସ ୬୯। ୫ ବର୍ଷ ହେବ ସେ ଭେମ୍ବନାଦ ହ୍ରଦକୁ ପ୍ଲାଷ୍ଟିକ୍‌ମୁକ୍ତ କରିବା ଲାଗି ପ୍ରୟାସ ଜାରି ରଖିଛନ୍ତି। ତାଙ୍କର ନିଜସ୍ୱ ଡଙ୍ଗା ନାହିଁ, ତଥାପି ଭଡ଼ାରେ ଡଙ୍ଗା ନେଇ ସେ କାର୍ଯ୍ୟରେ ଲାଗିଛନ୍ତି। ପ୍ରତିଦିନ ସକାଳୁ ସେ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ କରିବା ଲାଗି ହ୍ରଦରେ ବୁଲନ୍ତି ଓ ସନ୍ଧ୍ୟାବେଳକୁ ତାହାକୁ ଏକ ସ୍ଥାନୀୟ ଏଜେନ୍ସିକୁ ବିକ୍ରି କରିଦିଅନ୍ତି। ଯାହା ଆୟ ହୁଏ ତାହା ତାଙ୍କ ଗୁଜୁରାଣ ମେଣ୍ଟାଇବାକୁ ନିଅଣ୍ଟ। କିନ୍ତୁ ପରିବେଶପ୍ରେମୀ ରାଜାପ୍ପାନ ଏଥିରୁ ଓହରି ନାହାନ୍ତି। ଡଙ୍ଗାଏ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ କଲେ ବି ଡଙ୍ଗାଭଡ଼ା ଦେବାପରେ ଯାହା ମିଳେ ସେଥିରେ ସେ ଚଳିବା କଷ୍ଟକର ହୋଇଥାଏ। ରୋଜଗାର ନୁହେଁ, ପ୍ରଦୂଷଣମୁକ୍ତ ହ୍ରଦ ତାଙ୍କୁ ଆନନ୍ଦ ଦିଏ ବୋଲି କହନ୍ତି ରାଜାପ୍ପାନ। ୫ ବର୍ଷ ବୟସ ହୋଇଥିବା ବେଳେ ସେ ପୋଲିଓ ଆକ୍ରାନ୍ତ ହୋଇ ଚାଲିବା ଶକ୍ତି ହରାଇଥିଲେ। ସେ ଏକ ଛୋଟ ଘରେ ଏକୁଟିଆ ରହୁଛନ୍ତି। କୋଭିଡ୍–୧୯ ମହାମାରୀରେ ପର୍ଯ୍ୟଟକଙ୍କ ସଂଖ୍ୟା ପୂରା କମିଯାଇଛି ଓ ହ୍ରଦ ପ୍ରଦୂଷଣ ବି ହ୍ରାସ ପାଇଛି। ଯାହାକୁ ନେଇ ସେ ଖୁବ୍ ଖୁସି ବୋଲି କୁହନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୯ ଜୁଲାଇ ୧୯୯୫**

- ଆମେରିକାର ମଧ୍ୟଭାଗ ଓ ପୂର୍ବାଞ୍ଚଳରେ ପ୍ରବଳ ଗରମ ପବନ ପ୍ରବାହିତ ହେବା ଫଳରେ ୩୦୦ ଲୋକଙ୍କ ପ୍ରାଣହାନି।
- ନାଇଜେରିଆର ସାମରିକ ସରକାର ବିରୁଦ୍ଧରେ ଏକ ସାମରିକ ବିଦ୍ରୋହ ପାଇଁ ଉଦ୍ୟମ କରୁଥିବା ମାମଲାରେ ଅଭିଯୁକ୍ତ ପୂର୍ବତନ ରାଷ୍ଟ୍ରପତି ଏଲୁସେଗନ ଓବାସଞ୍ଜୋଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି।
- ଆନ୍ତର୍ଜାତିକ ଆଇନ ବିଶାରଦ ରୋଷାଲିନ୍ ହିଗିନ୍‌ସ ପ୍ରଥମ ମହିଳା ଭାବେ ଆନ୍ତର୍ଜାତିକ ନ୍ୟାୟାଳୟକୁ ନିର୍ବାଚିତ।

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରକୃତ ସଫଳତା କ'ଣ

ମହାଶୟ,

ମନୁଷ୍ୟ କୌଣସି କର୍ମ କରି ଯେଉଁ ଫଳର ଆଶା ରଖିଥାଏ, ସେହି ଆଶା ପୂରଣ ହେବାକୁ ସଫଳତା କୁହାଯାଏ। ସଫଳତାର ପ୍ରଥମ ଆବଶ୍ୟକତା ହେଉଛି କର୍ମ। କାର୍ଯ୍ୟ କରିବା ପରେ ସଫଳତା ମିଳିବା ପାଇଁ ଧୈର୍ଯ୍ୟ ଦରକାର। ଧୈର୍ଯ୍ୟ, ଆତ୍ମବିଶ୍ୱାସ ସହ ଈଶ୍ୱରଙ୍କ ପ୍ରତି ଆସ୍ଥା ରଖି କର୍ମ କରିବା ଦରକାର। କର୍ମ କଲେ ଫଳ ମିଳିବା ନିଶ୍ଚିତ। ଏହା ସାର୍ବଜନୀନ ସତ୍ୟ। କର୍ମ କଲାବେଳେ ବାଧାବିଘ୍ନ ଓ ପ୍ରତିକୂଳ ପରିସ୍ଥିତିକୁ ସକାରାତ୍ମକ ମନୋଭାବ ସହ ସମ୍ମୁଖୀନ ହେବାକୁ ପଡ଼ିବ। ଚାଣକ୍ୟଙ୍କ ଭାଷାରେ ନିଜ ଭିତରେ ଥିବା ପାରିବାପଣିଆର ଯଥାର୍ଥ ଉପଯୋଗ ହେଲେ ସଫଳତା ମିଳିବ। ଭଗବାନ ଶ୍ରୀକୃଷ୍ଣ କହିଛନ୍ତି– ସବୁବେଳେ କର୍ମ ନୀରବତାର ସହ କରିବ, ଯେପରି କି ସଫଳତା ଚାରିଆଡେ କୌତୂହଳ ସୃଷ୍ଟି କରିବ। ସଫଳତା ଓ ପ୍ରକୃତ ସଫଳତା ଏକା କଥା ନୁହେଁ। ସତ୍‌କର୍ମ କରିବା ପରେ ମିଳିଥିବା ସଫଳତାରୁ ଯେଉଁ ଆତ୍ମସନ୍ତୋଷ ମିଳେ ତାହା ପ୍ରକୃତ ସଫଳତା। ଯେଉଁ ସଫଳତା ନିଜର ଓ ଅନ୍ୟମାନଙ୍କର ହିତ ସାଧନ କରେ ତାହା ପ୍ରକୃତ ସଫଳତା। ଜଣଙ୍କର ସଫଳତା ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ ହେଲେ, ତାହା ପ୍ରକୃତ ସଫଳତା। ସଫଳତା ପରେ ଅହଙ୍କାର ପରିବର୍ତ୍ତେ କୃତଜ୍ଞତା ଓ ସମର୍ପଣ ଭାବ ଆସିବା ଦରକାର। ଅହଙ୍କାର ଆସିଲେ ଅଧଃପତନ ଆରମ୍ଭ ହୁଏ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କେତେ ପରଶର ପରାସ ଲାଗି ଏ ପ୍ରାଣ
ପାଷାଣରୁ ବଳି ହୋଇଛି ତ ବଡ଼ ଟାଣ
ରୂପର ଝଲକେ ନିଭିଛି ଆଖିରୁ ଜ୍ୟୋତି
ଶିଶୁ ଖେଳ ପରା ଲାଗେ ପ୍ରୀତି ଅଭିମାନ।
(ରୂପର ମୋହ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 4 | | 0 | | | | 3 | | | D | | | | |
| 0 | | C | | | | | | | | E | | | 8 | |
| | 6 | | | 1 | B | 0 | C | 4 | | | | | | |
| 2 | | 7 | 4 | | | | | | | C | 9 | A | | |
| | 3 | | | 9 | A | | | | | | | | D | |
| | | | | | | | 4 | | | A | 6 | 3 | | |
| | | | C | 7 | | E | | | | 5 | | | 9 | |
| 8 | | | | | | | 9 | 1 | D | 3 | | 4 | | |
| | | | E | | | | | 2 | | | | | 0 | |
| | 5 | 9 | | 6 | | A | 0 | | | | 2 | | | C |
| 6 | 1 | 0 | | | E | | | B | | | C | | 4 | |
| | 7 | | | | | D | | | 9 | | 3 | 0 | 1 | |
| | B | | 1 | | 5 | | | 6 | | | | 8 | | 7 |
| | A | E | | | C | | | | | | 1 | | | |
| | | 5 | | | | | | 3 | 6 | 4 | 7 | | B | D |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 9 | D | 7 | 3 | E | 1 | A | 0 | 4 | 2 | 8 | C | 5 | B |
| A | C | 4 | 1 | 9 | 0 | 6 | 2 | 3 | B | D | 5 | E | 7 | 8 |
| 7 | 1 | 2 | 6 | 8 | 5 | D | B | E | 0 | 3 | C | 9 | 4 | A |
| B | 0 | 5 | A | 2 | 4 | 8 | 7 | C | E | 9 | 6 | D | 3 | 1 |
| 3 | E | 8 | B | C | D | 4 | 9 | 5 | 7 | A | 1 | 0 | 6 | 2 |
| 9 | 7 | 1 | E | D | B | 5 | 8 | 2 | 6 | C | 4 | 3 | A | 0 |
| D | 3 | 6 | 0 | 5 | C | B | 4 | 9 | 2 | 7 | A | 8 | 1 | E |
| 8 | 4 | 0 | 2 | A | 1 | C | E | 7 | 9 | 5 | 3 | B | D | 6 |
| E | 2 | B | 3 | 7 | 9 | A | 1 | 6 | 8 | 0 | D | 4 | C | 5 |
| C | 5 | A | 8 | 4 | 6 | 0 | 3 | D | 1 | E | B | 2 | 9 | 7 |
| 1 | 6 | 7 | 9 | 0 | 8 | 3 | C | A | D | B | E | 5 | 2 | 4 |
| 4 | D | C | 5 | E | 2 | 7 | 6 | 8 | 3 | 1 | 0 | A | B | 9 |
| 0 | A | 9 | 4 | 1 | 3 | E | 5 | B | C | 6 | 2 | 7 | 8 | D |
| 5 | B | E | C | 6 | 7 | 2 | D | 4 | A | 8 | 9 | 1 | 0 | 3 |
| 2 | 8 | 3 | D | B | A | 9 | 0 | 1 | 5 | 4 | 7 | 6 | E | C |

ଗତକାଲିର ଉତ୍ତର

# ଆଇପିଏଲ୍ ପାଇଁ ପ୍ରସ୍ତୁତି

**ନୂଆଦିଲ୍ଲୀ, ୧୮।୭**

ଚଳିତ ବର୍ଷ ଟି୨୦ ବିଶ୍ୱକପ ହେବ କି ନାହିଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏ ସମ୍ପର୍କରେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି)ର ଆନୁଷ୍ଠାନିକ ନିଷ୍ପତ୍ତିକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଅପେକ୍ଷା କରିଛି। ଟି୨୦ ବିଶ୍ୱକପ ବାତିଲ ହେଲେ ବିସିସିଆଇ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ର ୧୩ତମ ସଂସ୍କରଣ ସମ୍ପର୍କରେ ଘୋଷଣା କରିବ। ତେବେ ଇତିମଧ୍ୟରେ ଫ୍ରାଞ୍ଚାଇଜ୍‌ମାନେ ଏହି ଲିଗ୍‌କୁ ୟୁଏଇରେ କରାଇବା ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ''ଆଗୁଆ ଯୋଜନା ନିହାତି ଆବଶ୍ୟକ। ଆବୁଧାବିରେ କେଉଁ ହୋଟେଲ ବୁକ୍ କରାଯିବ, ଖେଳାଳି ଓ ଅଫିସିଆଲମାନେ କେବେ ଯିବେ, ୟୁଏଇରେ କ୍ୱାରାଣ୍ଟାଇନ୍ ପିରିୟଡ କେବେଠାରୁ ଆରମ୍ଭ ହେବ ସେ ସମ୍ପର୍କରେ ଯୋଜନା କରାଯିବା ଅତ୍ୟନ୍ତ ଜରୁରୀ। ଏହା ବ୍ୟତୀତ ଦେଶର ସ୍ୱାସ୍ଥ୍ୟ ବିଭାଗର ଗାଇଡଲାଇନ୍‌କୁ ମଧ୍ୟ ପାଳନ କରାଯିବ'' ବୋଲି ଜଣେ ଫ୍ରାଞ୍ଚାଇଜ୍ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଭାରତରେ ଆଇସୋଲେଶନ ପିରିୟଡ ଶେଷ କରି ୟୁଏଇ ଯିବାକଥା ଚିନ୍ତା କରାଯାଉଛି। ଭାରତରେ




ସମସ୍ତ ଖେଳାଳି ଓ କର୍ମକର୍ତ୍ତା ଜୈବ-ସୁରକ୍ଷିତ ସ୍ଥାନରେ ଆଇସୋଲେଶନ ସମୟ କାଟିବାପରେ କୋଭିଡ ଟେଷ୍ଟ ହେବ ଏବଂ ତା' ପରେ ଯାଇ ୟୁଏଇ ଯିବାକୁ ଯୋଜନା ରହିଛି ବୋଲି ଅନ୍ୟ ଏକ ଫ୍ରାଞ୍ଚାଇଜ୍‌ର ଜଣେ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। କାରଣ କୌଣସି ଜଣକ ଦେହରେ ଲକ୍ଷଣ ଥିଲେ ଅନ୍ୟକୁ ସଂକ୍ରମିତ କରିବାର ରିସ୍କ ରହିଛି। ତେଣୁ ଏଠାରେ କିଛି ସପ୍ତାହ ଆଇସୋଲେଶନରେ ରହି କୋଭିଡ ଟେଷ୍ଟ ହେବାପରେ ବାହାରକୁ ଯିବା ଭଲ ହେବ ବୋଲି ସେ କହିଛନ୍ତି। ଅଗଷ୍ଟ ଶେଷ କିମ୍ବା ସେପ୍ଟେମ୍ବର ଆରମ୍ଭ ବେଳକୁ ବିମାନ ଚଳାଚଳ ସ୍ୱାଭାବିକ ହେବା ଆଶା କମ୍। ତେଣୁ ଅଧିକାଂଶ ଦଳ ଭଡ଼ାରେ ଚାର୍ଟାର୍ଡ ବିମାନ ଆଣି ଯିବାକୁ ଯୋଜନା କରୁଛନ୍ତି। ଫଳରେ ଏକାଥରକେ ୩୦ରୁ ୪୦ ଜଣ ୟୁଏଇ ଯାଇ ପାରିବେ। ପ୍ରତିଯୋଗିତା ବାହାର ପରିବେଶରେ ହେବାକୁ ଯାଉଥିବାରୁ ଏକ କଟକଣା ଯୋଗୁ ପ୍ରତି ଦଳରେ ଅଧିକ ସଦସ୍ୟ ରହିବା ସ୍ୱାଭାବିକ। ଅନ୍ୟଜଣେ କର୍ମକର୍ତ୍ତାଙ୍କ ମତରେ ଆମେ ଭାରତରେ ଏକତ୍ରିତ ନ ହୋଇ ସିଧାସଳଖ ୟୁଏଇରେ ଏକାଠି ହେବାକଥା ଚିନ୍ତା କରୁଛୁ। ସେତେବେଳେ ବିମାନ ଚଳାଚଳ ସ୍ୱାଭାବିକ ହୋଇଥିଲେ ଆମେ ସେଥିରେ ଯିବାକୁ ପସନ୍ଦ କରିବୁ। ବିମାନର ପ୍ରଥମଶ୍ରେଣୀରେ ଯାତ୍ରା କଲେ ସାମାଜିକ ଦୂରତ୍ୱ ଭଲଭାବେ ରକ୍ଷା ହୋଇ ପାରିବ। ଯେଉଁ ଫ୍ରାଞ୍ଚାଇଜ୍ ଦଳ ଯେଉଁଠାରେ ରହିବା କଥା ସେଠାରେ ପହଞ୍ଚି କୋଭିଡ ଟେଷ୍ଟ ଦେଲେ ଭଲ ହେବ। ଏପରିସ୍ଥଳେ ଫ୍ରାଞ୍ଚାଇଜ୍ ମାଲିକମାନଙ୍କୁ ୮-୧୦ ଥର ଚାର୍ଟାର୍ଡ ଟ୍ରିପ୍ ପାଇଁ ଭଡ଼ା ଦେବାକୁ ପଡ଼ିବ ନାହିଁ। ଯଦି ବିମାନ ଚଳାଚଳ ସ୍ୱାଭାବିକ ନ ହୁଏ ତେବେ ଭିନ୍ନକଥା ଚିନ୍ତା କରାଯିବ ବୋଲି ସେ କହିଛନ୍ତି। ତେବେ ବିଦେଶୀ ଖେଳାଳିମାନେ ସିଧାସଳଖ ୟୁଏଇରେ ଏକତ୍ରିତ ହେବେ ବୋଲି ସମସ୍ତ ଫ୍ରାଞ୍ଚାଇଜ୍ କର୍ମକର୍ତ୍ତା ଯୋଜନା ରଖିଛନ୍ତି। ସେଠାରେ ସେମାନେ କ୍ୱାରାଣ୍ଟାଇନ୍‌ରେ ରହିବାପରେ ଦଳ ସହ ଯୋଗଦେବେ।

# ଆର୍ଚରଙ୍କୁ ଚେତାବନୀ ସହ ଜରିମାନା



**ମାଞ୍ଚେଷ୍ଟର, ୧୮।୭ (ପି.ଟି.):** ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟ ପୂର୍ବରୁ ଜୈବ-ସୁରକ୍ଷିତ ପ୍ରୋଟୋକଲ ଭଙ୍ଗ କରିଥିବାରୁ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କୁ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ ବୋର୍ଡ(ଇସିବି) ପକ୍ଷରୁ ଆନୁଷ୍ଠାନିକ ଭାବେ ଚେତାବନୀ ଦିଆଯିବା ସହ ଜରିମାନା(ଅର୍ଥରାଶି ପ୍ରକାଶ କରାଯାଇନାହିଁ) କରାଯାଇଛି। ଗତ ସୋମବାର ଆର୍ଚର ପ୍ରୋଟୋକଲ ଭାଙ୍ଗି ହୋଭ୍‌ସ୍ଥିତ ନିଜ ଘରକୁ ଚାଲି ଯାଇଥିଲେ। ଏଥିପାଇଁ ଅନୁମତି ନ ଥିବାରୁ ତାଙ୍କୁ ଦ୍ୱିତୀୟ ଟେଷ୍ଟରୁ ବାଦ୍ ଦିଆ ଯାଇଥିଲା। ଶୁକ୍ରବାର ସନ୍ଧ୍ୟାରେ ଶୃଙ୍ଖଳାଗତ କମିଟି ବୈଠକ ବସି ଏହା ଉପରେ ଶୁଣାଣି କରିଥିଲା। ଆର୍ଚରଙ୍କୁ ଲିଖିତଭାବେ ଚେତାବନୀ ଦିଆଯିବା ସହ ଜରିମାନା କରାଯାଇଥିଲା। ଏଥିପାଇଁ ପୂର୍ବରୁ କ୍ଷମା ମାଗି ସାରିଥିବା ଆର୍ଚର ତୃତୀୟ ଟେଷ୍ଟ ଖେଳାଳି ଚୟନ ପାଇଁ ଉପଲବ୍ଧ ହୋଇପାରିବେ। ବାର୍ବାଡସ ଜନ୍ମିତ ଆର୍ଚର ଏବେ ୫ ଦିନ ପାଇଁ ଆଇସୋଲେଶନରେ ଅଛନ୍ତି। ଏହି ସମୟ ମଧ୍ୟରେ ତାଙ୍କର ୨ ଥର କୋଭିଡ୍ ଟେଷ୍ଟ ହେବ। ଉଭୟ ରିପୋର୍ଟ ନେଗେଟିଭ୍ ଆସିଲେ ଯାଇ ତାଙ୍କର ଆଇସୋଲେଶନ ସମୟସୀମା ଶେଷ ହେବ। ଇଂଲଣ୍ଡ ପୁରୁଷ କ୍ରିକେଟ ଦଳର ପରିଚାଳନା ନିର୍ଦ୍ଦେଶକ ଆଶଲେ ଜାଇଲ୍ସଙ୍କ ଅଧ୍ୟକ୍ଷତାରେ ହୋଇଥିବା ଶୁଣାଣି ସମୟରେ ଆର୍ଚରଙ୍କ ଏଜେଣ୍ଟ ଓ ପ୍ରଫେଶନାଲ କ୍ରିକେଟର୍ସ ଆସୋସିଏଶନ ପ୍ରତିନିଧି ଉପସ୍ଥିତ ଥିଲେ।

# ତୃତୀୟ ଦିନ ଖେଳ ବାତିଲ

**ମାଞ୍ଚେଷ୍ଟର, ୧୮।୭:** ବର୍ଷା କାରଣରୁ ଇଂଲଣ୍ଡ-ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଟେଷ୍ଟର ତୃତୀୟ ଦିବସ ଖେଳ ବାତିଲ ହୋଇଛି। ଇଂଲଣ୍ଡ ପ୍ରଥମ ଇନିଂସକୁ ୪୬୯/୯ରେ ଘୋଷଣା କରିଥିବାବେଳେ ଦ୍ୱିତୀୟ ଦିବସ ଶେଷସୁଦ୍ଧା ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସରେ ୧ ଉଇକେଟ ହରାଇ ୩୨ ରନ କରିଥିଲା। ଜନ୍ କ୍ୟାମ୍ପବେଲ ୧୨ ରନ କରି ଆଉଟ ହୋଇଥିବାବେଳେ କ୍ରେଗ୍ ବ୍ରାଥୱେଟ ୬ ଓ ଆଲଜାରି ଜୋସେଫ ୧୪ ରନ କରି ଅପରାଜିତ ରହିଥିଲେ। ଇଂଲଣ୍ଡ ପକ୍ଷରୁ ସାମ୍ କୁରାନ ଏକମାତ୍ର ଉଇକେଟଟି ପାଇଥିଲେ। ଇଂଲଣ୍ଡ ପ୍ରଥମ ଇନିଂସରେ ଡୋମିନିକ୍ ସିବ୍‌ଲେ ୧୨୦ ଓ ବେନ୍ ଷ୍ଟୋକ୍ସ ୧୭୬ ରନ କରିଥିଲେ। ୱେଷ୍ଟଇଣ୍ଡିଜ ବୋଲରଙ୍କ ମଧ୍ୟରେ ରଷ୍ଟନ ଚେଜ୍ ୫ଟି, କେମର ରୋଚ୍ ୨ଟି ଏବଂ ଆଲଜାରି ଜୋସେଫ ଓ ଜାସନ ହୋଲ୍ଡର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

# ଖେଳରତ୍ନ ପାଇବେ ନାହିଁ ହରଭଜନ

**ନୂଆଦିଲ୍ଲୀ, ୧୮।୭ (ପି.ଟି.):** ବର୍ତ୍ତମାନ ସମୟରେ ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ରାଜୀବଗାନ୍ଧୀ ଖେଳ ରତ୍ନ ପୁରସ୍କାର ପାଇବା ପାଇଁ ମୋର ଯୋଗ୍ୟତା ନାହିଁ ବୋଲି କହିଛନ୍ତି ଭେଟେରାନ ଅଫ୍ ସ୍ପିନର ହରଭଜନ ସିଂ। ସେଥିଯୋଗୁ ପଞ୍ଜାବ ସରକାର ମୋ ପ୍ରାର୍ଥିପତ୍ରକୁ ପ୍ରତ୍ୟାହାର କରି ନେଇଛନ୍ତି। ଖେଳରତ୍ନ ପୁରସ୍କାର ପାଇଁ ଜଣେ ଖେଳାଳିଙ୍କର ଗତ ୩ ବର୍ଷର ଅନ୍ତର୍ଜାତୀୟ ପ୍ରଦର୍ଶନକୁ ବିଚାର କରାଯାଇଥାଏ ବୋଲି ସେ କହିଛନ୍ତି। ୪୦ ବର୍ଷୀୟ ହରଭଜନ କହିଛନ୍ତି, ପଞ୍ଜାବ ସରକାର ଖେଳରତ୍ନ ପୁରସ୍କାର ପାଇଁ ତାଙ୍କ ପ୍ରାର୍ଥିପତ୍ରକୁ କାହିଁକି ପ୍ରତ୍ୟାହାର କରିନେଲେ ଏହାଜାଣିବା ଲାଗି ତାଙ୍କ ନିକଟକୁ ଟେଲିଫୋନ୍ କଲ୍‌ର ସୁଅ ଛୁଟିବାରେ ଲାଗିଥିଲା। ତାଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର ପଛରେ ପଞ୍ଜାବ ସରକାରଙ୍କର କୌଣସି ଭୁଲ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ୪୧୭ ଟେଷ୍ଟ ଏବଂ ୨୬୯ ଅନ୍ତର୍ଜାତୀୟ ଉଇକେଟ ଅକ୍ତିଆର କରିଥିବା ହରଭଜନ ପୂର୍ବରୁ ଅର୍ଜୁନ ପୁରସ୍କାର ବ୍ୟତୀତ ପଦ୍ମଶ୍ରୀ ପୁରସ୍କାର ଲାଭ କରିସାରିଛନ୍ତି। ଭାରତ ତରଫରୁ ସେ ଶେଷ ଥର ପାଇଁ ୨୦୧୫ରେ ଟେଷ୍ଟ ଓ ଅନ୍ତର୍ଜାତୀୟ ଦିନିକିଆ ଖେଳିଥିଲେ।

# ତପିଙ୍କ ସହ ପେସାଦାର ସମ୍ପର୍କ ତୁଟାଇଲେ ଦୂତୀ

**ଭୁବନେଶ୍ୱର, ୧୮।୭ (କ୍ରୀଡ଼ା ପ୍ରତିନିଧି)**


ଦୂତୀ ଚାନ୍ଦ


ତପି ମିଶ୍ର

ବୁଝାମଣା ଭିତ୍ତିରେ ମ୍ୟାନେଜର ତପି ମିଶ୍ରଙ୍କ ସହ ପେସାଦାର ସମ୍ପର୍କ ତୁଟାଇଛନ୍ତି ସ୍ପ୍ରିଣ୍ଟ କୁଇନ୍ ଦୁତୀ ଚାନ୍ଦ। ନୂଆ ମ୍ୟାନେଜର ନିଯୁକ୍ତ ହେବା ପର୍ଯ୍ୟନ୍ତ ତାଙ୍କ ସହ duteechand@gmail.comରେ ଯୋଗାଯୋଗ ଜାରି ରଖିବା ପାଇଁ ଦୂତୀ ଶନିବାର ସୋସିଆଲ ମିଡିଆ ମାଧ୍ୟମରେ ଜଣାଇଛନ୍ତି।

# ହାମିଲଟନଙ୍କୁ ପୋଲ୍ ପୋଜିଶନ

**ବୁଦାପେଷ୍ଟ, ୧୮।୭ (ଏପି):** ମର୍ସିଡିଜ୍‌ର ଲୁଇସ୍ ହାମିଲଟନ ତାଙ୍କ ଟିମ୍‌ମେଟ୍ ଭାଲଟେରି ବୋଟାସଙ୍କୁ ପଛରେ ପକାଇ ହଙ୍ଗେରିଆନ ଫର୍ମୁଲା ୱାନ ଗ୍ରାଁ ପ୍ରି ପୋଲ୍ ପୋଜିଶନ ହାସଲ କରିଛନ୍ତି। ଚଳିତ ସିଜନରେ ଏହାଥିଲା ହାମିଲଟନଙ୍କ କ୍ରମାଗତ ଦ୍ୱିତୀୟ ପୋଲ ପୋଜିଶନ। ଫର୍ମୁଲା ୱାନ କ୍ୟାରିୟରରେ ତାଙ୍କ ପୋଲ ପୋଜିଶନ ରେକର୍ଡ ୯୦କୁ ବୃଦ୍ଧି ପାଇଛି। ହାମିଲଟନ କହିଛନ୍ତି, ରେସ୍‌ରେ ବୋଟାସ ତାଙ୍କୁ କଡ଼ା ଟକ୍କର ଦେଇଥିଲେ ଏବଂ ଚାପ ସୃଷ୍ଟି କରିଥିଲେ। ହଙ୍ଗାରୋରିଙ୍ଗ୍ ସର୍କିଟରେ ହାମିଲଟନ ୭ଥର ବିଜୟ ହାସଲ କରିସାରିଛନ୍ତି। ଫର୍ମୁଲା ୱାନ କିମ୍ବଦନ୍ତୀ ମାଇକେଲ ସୁମାକରଙ୍କ ସିଙ୍ଗଲ ଟ୍ରାକ୍ ରେକର୍ଡ (୮ ବିଜୟ) ସମକକ୍ଷ ହେବାଲାଗି ତାଙ୍କୁ ଏଠାରେ ଆଉ ଏକ ମାତ୍ର ଟାଇଟଲ ଆବଶ୍ୟକ। ସୁମାକର ମ୍ୟାଗ୍ନି-କୋର୍ସଠାରେ ଯେତେବେଳ ଫ୍ରେଞ୍ଚ ଗ୍ରାଁ ପ୍ରି ଅନୁଷ୍ଠିତ ହେଉଥିଲା ସେଠାରେ ୮ ବିଜୟ ସହ ରେକର୍ଡର ଅଧିକାରୀ ହୋଇଥିଲେ। ଏଠାରେ ଶନିବାର ଅନୁଷ୍ଠିତ କ୍ୱାଲିଫାଇଙ୍ଗ ରେସ୍‌ରେ ଯଥାକ୍ରମେ ବୋଟାସଙ୍କଠାରୁ .୧୦୭ ଏବଂ ରେସିଂ ପଏଣ୍ଟ ଡ୍ରାଇଭର ଲାନ୍ସ ଷ୍ଟ୍ରୋଲ୍‌ଙ୍କଠାରୁ .୯୩ ଦ୍ରୁତତମ ଥିଲେ।



**MILK UNION SAMBALPUR**
**VEHICLE REQUIRED ON HIRE**

**1.** TATA Ace or similar type of vehicle required on Hire for Dhama- Jayantpur Milk Route running both morning and evening covering 132 K.M.
**2.** TATA Ace or similar type of vehicle required on Hire for Gourpali- Jayantapur Milk Route running both morning and evening covering 74 K.M.
**3.** Max Pick up or similar type vehicle required on Hire for Tenteltikira- Barpali Milk Route running both morning and evening covering 143 K.M. (Morning-78 & Evening- 65)

Interested parties may purchase and submit Tenders by **27.07.2020**,
Tender Paper cost- **Rs. 200/- + GST EMD- Rs. 2,000/-**

**ADVERTISEMENT**

Advt. No.7052 Date 18.07.2020
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BARGARH**
In pursuance to Order No.HFW-FW-FWMISC-0020-2020 /16705/H&FW Dated - 14.07.2020 of the Joint Secretary to Govt., H&FW Department, Odisha, applications are invited from unemployed trained and registered ANMs/ Staff Nurses for engagement of one trained manpower at COVID Care Home at each Gram Panchayat (253 nos.)

| Sl. No. | Name of the Post | Qualification | Total remuneration per day | Date & time for Submission of documents |
|---|---|---|---|---|
| 1 | ANM | HSC examination & shall have completed ANM Course from institutions recognized by Govt. and approved by INC and must have registered in the Odisha Nursing Council. | Rs.850/day | From Dt.20.07.2020 to Dt.22.07.2020 Time 10.00 A.M. to 5.30 P.M. at District Training Unit, NHM, Bargarh |
| 2 | Staff Nurse | GNM/B.Sc. Nursing from any institution duly approved by INC and must have registered in the Odisha Nursing Council. | Rs.1000/day | |

In case of non-availability of unemployed ANM then the candidature of unemployed Staff Nurses will be taken into consideration for engagement in place of ANM. The selection procedure and work assignment shall be followed up as outlined inthe aforesaid order of the Govt. H & FW Department. The interested eligible candidates are required to submit their application with one set of self attested photocopy of relevant documents in person at Office of the CDM & PHO, Bargarh on or before dt.22.07.2020 from 10.00 A.M. to 5.30 P.M. The application should superscripted with "Applied for ANM/Staff Nurse for COVID Care Home". The details terms & condition and prescribed application form can be downloaded from the official website of Bargarh District i.e. www.bargarh.nic.in. Incomplete application in any form and late submission beyond the date i.e. dt.22.07.2020 will be rejected. The undersigned reserves the right to cancel any application without assigning any reason thereof. All candidates are requested to maintain hygiene, wear mask and maintain social distance at the venue of submission of documents.

**Sd./- Chief District Medical & PHO, Bargarh**

ଓଡ଼ିଶା ସରକାର
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଘୋଷଣା**

**No. RDM-LAA-MBJ-0066/2018/41141/R&DM,** **Dated: 24 Dec. 2019**

No. XXI-24: ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ ୨୦୧୩ (RFCTLAR&R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ଜିରେଇ (ଅତିରିକ୍ତ), ଥାନା- ତିରିଙ୍ଗ ସଂ.-୪୯, ତହସିଲ- ତିରିଙ୍ଗ, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଇଚ୍ଛା ଜଳ ଭଣ୍ଡାର (ଓଡ଼ିଶା ଅଂଶ) ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୪୬୦୬୬ ତା୨୨।୧୨।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ଜିରେଇ (ଅତିରିକ୍ତ), ଥାନା- ତିରିଙ୍ଗ ସଂ.-୪୯, ଜିଲ୍ଲା- ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖ ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ **www.mayurbhanj.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ **http://revenue.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷୀ, ବାରିପଦା ସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ - କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: ମୟୂରଭଞ୍ଜ, ତହସିଲ: ତିରିଙ୍ଗ**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଜିରେଇ (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୨.୦୩ | ଏକର ୧.୨୯ | ଏଥି ସହିତ ସଂଲଗ୍ନ |

**ତଫସିଲ - ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: ମୟୂରଭଞ୍ଜ, ତହସିଲ: ତିରିଙ୍ଗ**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୨୬।୦୩।୨୦୧୯

ରାଜ୍ୟପାଳଙ୍କ ଆଦେଶକ୍ରମେ
**ସ୍ୱା./- ଅତିରିକ୍ତ ଶାସନ ସଚିବ**

**ଭୂମି ଅନୁସୂଚୀ**

ଭୂ-ଅର୍ଜନ ମାମଲା ସଂଖ୍ୟା - ୭୧/୨୦୧୭
**ଏ.୧.୨୯ଡି.**

ସୁବର୍ଣ୍ଣରେଖା ଜଳସଚେନ ପ୍ରକଳ୍ପ ଇଚ୍ଛା ଜଳଭଣ୍ଡାର (ଓଡ଼ିଶା ଅଂଶ ଅତିରିକ୍ତ) ମାମଲା ସଂଖ୍ୟା ୩/୧୬ ଅଧିଗ୍ରହଣ କରାଯାଉଥିବା ନିଅଣ୍ଟ ଗୋଚର ପ୍ରତିବଦଳ ଭରଣା ନିମନ୍ତେ ମୌଜା- ଜିରେଇ, ଥାନା- ତିରିଙ୍ଗ ନଂ.-୪୯, ତହସିଲ- ତିରିଙ୍ଗ, ଜିଲ୍ଲା- ମୟୂରଭଞ୍ଜ

| ଖାତା ନଂ. ଓ ସତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୩ ରୟତି | ୧୫୮ | ୧.୫୨ | ୦.୭୮ | ଶାରଦ ତିନି | କର୍ତ୍ତା ମାଝୀ, ପି.- ଗୋପାନ ମାଝୀ, ଟୁରା ମାଝୀ, ପି.- ଲକ୍ଷ୍ମଣ ମାଝୀ, ଅର୍ଜୁନ ମାଝୀ, ପି.- କିଶୁନ ମାଝୀ, ଲକ୍ଷ୍ମଣ ମାଝୀ, ପି.-- କର୍ତ୍ତା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୨୯ | ୧୬୪ | ୦.୫୧ | ୦.୫୧ | ଶାରଦ ଦୁଇ | ଲକ୍ଷ୍ମଣ ମାଝୀ, ମଦନ ମାଝୀ, ମଦନ ମୋହନ ସୋରେନ, ବାଘରାୟ ସୋରେନ, ଅନନ୍ତ ସୋରେନ, ପି.- ବାସ୍ତା ସୋରେନ ଓରଫ ମାଝୀ, ବାସ୍ତା ସୋରେନ, ମାନ୍ଦ ସୋରେନ, ପି.- ସିଦ୍ଧେଶ୍ୱର ସୋରେନ, ସାଲଗେ ସୋରେନ, ସ୍ୱା.- ସିଦ୍ଧେଶ୍ୱର ସୋରେନ, ରାଇମାତ ସୋରେନ, ସ୍ୱା.- ପୂର୍ଣ୍ଣଚନ୍ଦ୍ର ସୋରେନ, ସିଦା ସୋରେନ, ଶ୍ୟାମଚରଣ ସୋରେନ, ମଦନ ମୋହନ ସୋରେନ, ପି.- ପୂର୍ଣ୍ଣଚନ୍ଦ୍ର ସୋରେନ, ଜା: ସାନ୍ତାଳ, ବା: ନିଜଗାଁ |
| ମୋଟ | ୨ ପ୍ଲଟକୁ | ଏ.୨.୦୩ ଡେ.ମି. | ଏ.୧.୨୯ ଡେ.ମି. | | |

**OIPR-24001/14/0048/2021**

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
**(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮**
**ଭୁବନେଶ୍ୱର-୭୫୧୦୧୨**

ସଂଖ୍ୟା 6381/IND-II-PH-831 ତାରିଖ 17.07.2020

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲଦାର, ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରି, ବରଦା ଏବଂ ବରାମଣ ଗ୍ରାମରେ ୯୮.୪୨ ହେକ୍ଟର (୨୪ଟି ଖଣି ଲିଜ୍) ପରିମିତ ଅଞ୍ଚଳରେ ଅବସ୍ଥିତ ଡଙ୍କାରି, ବରଦା ଏବଂ ବରାମଣ ପାହାଡ ଅନ୍ତର୍ଗତ ପଥରଖଣିର (କ୍ଲଷ୍ଟର-୫) ଖନନ (ଗୃହ ନିର୍ମାଣ ପଥର /ରୋଡ ମେଟାଲ ଉତ୍ପାଦନ) ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇ ପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୨୫।୦୮।୨୦୨୦ରିଖ ଦିବା ୦୨.୩୦ ଘଟିକା ସମୟରେ ଓଡ଼ିଶାର ଯାଜପୁର ଜିଲ୍ଲା ମହିସଭା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ । ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଓଡ଼ିଶା ସରକାରଙ୍କ Covid-19 SOP ଏବଂ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କ ତା୨୯।୦୩।୨୦୨୦ରିଖ ସାମାଜିକ ଦୂରତା ଉପରେ ପର୍ଯ୍ୟବସିତ Covid-19 Master Circlular, ଅନୁଯାୟୀ କାର୍ଯ୍ୟକାରୀ କରାଯିବ ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ଯାଜପୁର ।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ଯାଜପୁର ।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧ ୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, କଳିଙ୍ଗ ନଗର, ଯାଜପୁର ।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କଳିଙ୍ଗନଗର, ଯାଜପୁରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ ।

ସ୍ୱା./-ସଦସ୍ୟ ସଚିବ

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
**(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮**
**ଭୁବନେଶ୍ୱର-୭୫୧୦୧୨**

ସଂଖ୍ୟା ୬୩୯୭/IND-II-PH-832 ତାରିଖ ୧୭।୦୭।୨୦୨୦

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲଦାର, ଧର୍ମଶାଳା ତହସିଲ ଅନ୍ତର୍ଗତ ଲୁଣିବର ଗ୍ରାମରେ ୨୨.୨୬ ହେକ୍ଟର (୦୫ଟି ଖଣି ଲିଜ୍) ପରିମିତ ଅଞ୍ଚଳରେ ଅବସ୍ଥିତ ଲୁଣିବର ପାହାଡ ଅନ୍ତର୍ଗତ ପଥରଖଣିର (କ୍ଲଷ୍ଟର-୬) ଖନନ (ଗୃହ ନିର୍ମାଣ ପଥର /ରୋଡ ମେଟାଲ ଉତ୍ପାଦନ) ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇ ପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୨୭।୦୮।୨୦୨୦ରିଖ ଦିବା ୧୦.୩୦ ଘଟିକା ସମୟରେ ଓଡ଼ିଶାର ଯାଜପୁର ଜିଲ୍ଲା ପୁରୁଣାବଉଳମାଳ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ । ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଓଡ଼ିଶା ସରକାରଙ୍କ Covid-19 SOP ଏବଂ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କ ତା୨୯।୦୩।୨୦୨୦ରିଖ ସାମାଜିକ ଦୂରତା ଉପରେ ପର୍ଯ୍ୟବସିତ Covid-19 Master Circlular, ଅନୁଯାୟୀ କାର୍ଯ୍ୟକାରୀ କରାଯିବ ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ଯାଜପୁର ।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ଯାଜପୁର ।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧ ୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, କଳିଙ୍ଗ ନଗର, ଯାଜପୁର ।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କଳିଙ୍ଗନଗର, ଯାଜପୁରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ ।

ସ୍ୱା./-ସଦସ୍ୟ ସଚିବ

# ୪ ଜିଲ୍ଲାରୁ ୩୫ ପଜିଟିଭ୍ ଚିହ୍ନଟ

**ନବରଙ୍ଗପୁର/କୋରାପୁଟ/କୁନ୍ଦୁରା/ମାଲକାନଗିରି/କୋରୁକୋଣ୍ଡା, ୧୮।୭(ବି.ପ୍ର./ସ୍ୱ.ପ୍ର./ଡି.ଏନ.ଏ.)**

ଶନିବାର ଦକ୍ଷିଣଓଡ଼ିଶାର ୪ଟି ଜିଲ୍ଲାରୁ ୩୫ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ନବରଙ୍ଗପୁର ଜିଲ୍ଲାରେ ୨୨, କୋରାପୁଟ ୪, ମାଲକାନଗିରି ୮ ଓ ରାୟଗଡା ଜିଲ୍ଲାରୁ ଜଣେ ପଜିଟିଭ୍ ବାହାରିଛନ୍ତି। ନବରଙ୍ଗପୁର ଜିଲ୍ଲାରେ ଗତ ୨୪ ଘଣ୍ଟା ମଧ୍ୟରେ ୨୨ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୨ କରୋନା ଯୋଦ୍ଧା ରହିଥିବା ଜିଲାପାଳ ଅଜିତ୍ କୁମାର ମିଶ୍ର ସୂଚନା ଦେଇଛନ୍ତି। ନୂତନ ସଂକ୍ରମିତମାନେ ନବରଙ୍ଗପୁର ପୌରାଞ୍ଚଳ ସମେତ କୋଷାଗୁମୁଡ଼ା ଏବଂ ନନ୍ଦାହାଣ୍ଡି ବ୍ଲକ୍ ଅଞ୍ଚଳର ବୋଲି ଜଣାପଡ଼ିଛି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୬୨ରେ ପହଞ୍ଚିଛି। ଏଥିମଧ୍ୟରୁ ୧୨୯ଜଣ ସୁସ୍ଥ ହୋଇ ଫେରିଥିବାବେଳେ ୩୩ ସକ୍ରିୟ ମାମଲା ରହିଛି। ନୂତନ ସଂକ୍ରମିତମାନଙ୍କୁ ନବରଙ୍ଗପୁରସ୍ଥିତ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ପଜିଟିଭ୍ ଚିହ୍ନଟ ହୋଇଥିବା ଅଞ୍ଚଳଗୁଡ଼ିକୁ ପ୍ରଶାସନ ପକ୍ଷରୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇ କଣ୍ଟାକ୍ଟ ଟ୍ରେସିଂ ଚାଲିଥିବା ଜଣାପଡ଼ିଛି।

କୋରାପୁଟ ଜିଲାରେ ଶନିବାର ପୁଣି ୪ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ଜିଲାରେ ପଜିଟିଭଙ୍କ ସଂଖ୍ୟା ୨୨୨ରେ ପହଞ୍ଚିଛି। ଚିହ୍ନଟ ସମସ୍ତ ବ୍ୟକ୍ତି ଗଞ୍ଜାମ ଫେରନ୍ତା। ଜିଲାର କୁନ୍ଦୁରା ବ୍ଲକସ୍ଥିତ ସଙ୍ଗରୋଧ କେନ୍ଦ୍ରରୁ ସେମାନେ ଚିହ୍ନଟ ହୋଇଥିବା ଜିଲାପାଳ ମଧୁସୂଦନ ମିଶ୍ର କହିଛନ୍ତି। ସେମାନେ ସମସ୍ତେ ଗୋଟିଏ ପରିବାରର ବୋଲି ଜଣାପଡ଼ିଛି। ପରିବାରର ମହିଳା ଜଣକ ଏକ ସେବାଶ୍ରମ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଅଛନ୍ତି। ସେ ତାଙ୍କ ବାପାଙ୍କ ଦେହ ଖରାପ ଶୁଣି ପରିବାର ସମସ୍ତେ ଗଞ୍ଜାମ ଜିଲାକୁ ଯାଇଥିଲେ। ସେଠାରୁ ଫେରିବା ପରେ ପରିବାରର ୪ ଜଣଙ୍କୁ ପ୍ରଶାସନ କ୍ୱାରାଣ୍ଟାଇନ୍‌ରେ ରଖିଥିଲା। ସେମାନଙ୍କୁ ଜୟପୁର କୋଭିଡ୍ ହସ୍ପିଟାଲ ପଠାଯାଇଛି। ବିଡିଓ ସ୍ନେହପ୍ରଭା ମାଝି, ତହସିଲଦାର ଆୟୁବ ମଣ୍ଡଳ, ଅତିରିକ୍ତ ତହସିଲଦାର ଏବଂ ଏବିଡିଓ କୈଳାସ ଚନ୍ଦ୍ର ରଥ କ୍ୱାରାଣ୍ଟାଇନ ସେଣ୍ଟର ରାସ୍ତାକୁ ସମ୍ପୂର୍ଣ୍ଣ ସିଲ୍ କରି ଦେଇଛନ୍ତି। ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ଏଯାବତ୍ ୭୫ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

ମାଲକାନଗିରି ଜିଲାରେ ଶନିବାର ୮ ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ବାଲିମେଲା ବିଜ୍ଞାପିତ ଅଞ୍ଚଳ ପରିଷଦର ୪ଜଣ ଥିବାବେଳେ ମାଲକାନଗିରି ପୌରାଞ୍ଚଳରୁ ଆଉ ୪ଜଣ ଚିହ୍ନଟ ହୋଇଛନ୍ତି। ବାଲିମେଲା ଆକ୍ରାନ୍ତଙ୍କ ମଧ୍ୟରୁ ୩ଜଣ ଅନ୍ୟମାନଙ୍କ ସଂସ୍ପର୍ଶରେ ଆସି ଆକ୍ରାନ୍ତ ହୋଇଥିବା ବେଳେ ଅନ୍ୟ ଜଣେ ଗୃହ ସଙ୍ଗରୋଧରେ ଥିବା ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ଆକ୍ରାନ୍ତ ହୋଇଛନ୍ତି। ସେହିପରି ମାଲାକନଗିରି ପୌରାଞ୍ଚଳ ୪ଜଣ ଅନ୍ୟମାନଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡିଛି। ଏହି ୮ଜଣଙ୍କୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୨୭୪ରେ ପହଞ୍ଚିଛି। ୧୪୧ ଜଣ ସୁସ୍ଥ ହୋଇଛନ୍ତି। ୧୩୩ ଜଣ ଚିକିତ୍ସାଧୀନ ଅଛନ୍ତି।

ରାୟଗଡ଼ା ସହରାଞ୍ଚଳରୁ ଶନିବାର ପୁଣି ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେ ହେଲେ ରାଣୀଗୁଡ଼ା ଫାର୍ମ ୧୦ମ ଗଳିର ଜଣେ ୩୮ ବର୍ଷୀୟ କରୋନା ଯୋଦ୍ଧା। ତାଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିବାବେଳେ ରିପୋର୍ଟ ପଜିଟିଭ୍ ଆସିଥିବା ଜଣାପଡ଼ିଛି। ତାଙ୍କୁ ଜେକେପୁରସ୍ଥିତ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ସିଡିଏମ୍ଓ ଡା. ଆର୍ତ୍ତବନ୍ଧୁ ନାୟକ ସୂଚନା ଦେଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୮୯ରେ ପହଞ୍ଚିଛି। ଏଥିମଧ୍ୟରୁ ୧୨୬ଜଣ ସୁସ୍ଥ ହୋଇଥିବାବେଳେ ୬୩ ସକ୍ରିୟ ମାମଲା ରହିଥିବା ଜଣାପଡ଼ିଛି।



କୁନ୍ଦୁରା ଅଞ୍ଚଳରେ ପ୍ରଶାସନ ପକ୍ଷରୁ କରାଯାଇଥିବା ଆବଦ୍ଧ ଅଞ୍ଚଳ ।

## କୋଡ଼ିଙ୍ଗା: ୨୪ ପର୍ଯ୍ୟନ୍ତ ଶଟ୍‌ଡାଉନ୍ କଲେ ସରପଞ୍ଚ

**କୋଡ଼ିଙ୍ଗା, ୧୮।୭(ଡି.ଏନ୍.ଏ.):**

ନବରଙ୍ଗପୁର ଜିଲାରୁ ଚିହ୍ନଟ ୨୨ ପଜିଟିଭ୍ ମଧ୍ୟରେ କେବଳ କୋଡ଼ିଙ୍ଗା ପଞ୍ଚାୟତର କୋଡ଼ିଙ୍ଗା ଗ୍ରାମରୁ ୧୧ ଜଣ ରହିଛନ୍ତି। କୋଡ଼ିଙ୍ଗା ପଞ୍ଚାୟତ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୫ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଏମାନେ ଉତ୍ତର ପ୍ରଦେଶ ଫେରନ୍ତା ବୋଲି ଜଣାପଡ଼ିଛି। ସେହିପରି ଅନ୍ୟ ୬ଜଣ ଗଞ୍ଜାମ ଜିଲାରୁ ଫେରିଥିଲେ। ୭ଦିନ ସଙ୍ଗରୋଧରେ ରହିବା ପରେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ସେମାନେ ମଧ୍ୟ ସ୍ୱାବ୍ ରିପୋର୍ଟ ମଧ୍ୟ ପଜିଟିଭ୍ ଆସିଛି। କୋଡ଼ିଙ୍ଗାରୁ ପ୍ରଥମଥର ପାଇଁ ୧୧ ସଂକ୍ରମିତ ବାହାରିଥିବାବେଳେ ସଂକ୍ରମଣକୁ ଏଡ଼ାଇବା ପାଇଁ ସରପଞ୍ଚ ଉମାଇ ଭତ୍ରା କୋଡ଼ିଙ୍ଗା ଗ୍ରାମକୁ ୧୮ରୁ ୨୪ ପର୍ଯ୍ୟନ୍ତ ୭ଦିନ ପାଇଁ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି।

## ସଂକ୍ଷେପରେ

### ପୂର୍ବତନ କାଉନସିଲର ବିଜେଡିରୁ ନିଲମ୍ବିତ

କୋରାପୁଟ, ୧୮।୭(ସ୍ୱ.ପ୍ର.)-କୋରାପୁଟ ମ୍ୟୁନିସିପାଲିଟିର ପୂର୍ବତନ କାଉନସିଲର ତଥା ବିଜେଡି ସଦସ୍ୟ ରାମ ମାଝିଙ୍କୁ ଦଳ ବିରୋଧୀ କାର୍ଯ୍ୟ ଯୋଗୁ ଶନିବାର ଦଳରୁ ନିଲମ୍ବିତ କରାଯାଇଛି। ଜିଲା ବିଜେଡି ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ତାଙ୍କୁ ନିଲମ୍ବିତ କରିଥିବା ସୂଚନା ଦେଇଛନ୍ତି। ଦଳର ବରିଷ୍ଠ ନେତୃବୃନ୍ଦଙ୍କ ପ୍ରତି ଆଶାଳୀନ ମନ୍ତବ୍ୟ, ଦଳୀୟ କର୍ମୀଙ୍କୁ ପଥଭ୍ରଷ୍ଟ କରିବା, ଦଳୀୟ ଶୃଙ୍ଖଳା ଭଙ୍ଗ କରିବା, ଦଳୀୟ କାର୍ଯ୍ୟକ୍ରମରେ ଅସହଯୋଗ ଯୋଗୁ ତାଙ୍କ ପ୍ରତି ଏପରି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

### ଅନିର୍ଦ୍ଦିଷ୍ଟ କାଳ ଯାଏ ମାଲକାନଗିରି ପୌରାଞ୍ଚଳ ଶଟ୍‌ଡାଉନ୍

ମାଲକାନଗିରି, ୧୮।୭ (ଡି.ଏନ୍.ଏ.)- ମାଲକାନଗିରି ପୌର ପରିଷଦ ଅଞ୍ଚଳରେ କରୋନା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଶନିବାରଠାରୁ ଅନିର୍ଦ୍ଦିଷ୍ଟ କାଳ ଯାଏ ମାଲକାନଗିରି ପୌର ପରିଷଦ ଅଞ୍ଚଳକୁ ଶଟ୍‌ଡାଉନ୍ ଘୋଷଣା କରିଛି। ଜନସାଧାରଣଙ୍କ ଅସୁବିଧା ନ ହେବା ଲାଗି ପ୍ରତ୍ୟେକ ୱାର୍ଡରେ ୨/୩ଜଣ ବ୍ୟବସାୟୀଙ୍କୁ କିରାନା ଓ ପନିପରିବା ବିକ୍ରୟ କରିବା ପାଇଁ ଅନୁମତି ପ୍ରଦାନ କରାଯାଇଛି। ଏମାନଙ୍କୁ ସହଯୋଗ କରିବାକୁ ମଧ୍ୟ ଜଣକୁ ଭଲ୍ୟୁଣ୍ଟିୟର ରୂପେ ରଖାଯାଇଛି। ପ୍ରତ୍ୟେକ ୱାର୍ଡରେ ଜଣେ ଲେଖାଏ ଶିକ୍ଷକ ଓ ୱାର୍ଡ ଅଧିକାରୀ ଏହାର ଦେଖାରଖା ଦାୟିତ୍ୱରେ ଅଛନ୍ତି। ସମସ୍ତ କିରାନା ପନିପରିବା ଦୋକାନ ଏବଂ ୱାର୍ଡ ଅଧିକାରୀଙ୍କ ଫୋନ ନମ୍ବର ମଧ୍ୟ ପ୍ରଦାନ କରାଯାଇଛି। ଆବଶ୍ୟକ ସମୟରେ ଜନସାଧାରଣ ୱାର୍ଡ ଅଧିକାରୀଙ୍କ ସହ ଯୋଗାଯୋଗ କରିପାରିବେ ବୋଲି କୁହାଯାଇଛି। ଜନସାଧାରଣ ଏହି ଦୋକାନଗୁଡିକୁ ଜିନିଷ ଆଣିବାକୁ ଯିବାବେଳେ ଚାଲିଚାଲି ଯିବେ, ମାସ୍କ ଲଗାଇ, ସାମାଜିକ ଦୂରତ୍ୱ ରକ୍ଷା କରିବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

### କଣ୍ଟେନ୍‌ମେଣ୍ଟ ଜୋନ୍‌ରୁ ରୋଗୀଙ୍କୁ ନେଲାନି ଆମ୍ବୁଲାନ୍ସ -ବୃଦ୍ଧଙ୍କ ଜୀବନ ଚାଲିଗଲା

ଗୁଣପୁର, ୧୮।୭(ଡି.ଏନ୍.ଏ.): ରୋଗୀଙ୍କୁ ନେବାପାଇଁ ଆମ୍ବୁଲାନ୍ସ ଆସିଲା। ହେଲେ କଣ୍ଟେନ୍‌ମେଣ୍ଟ ଜୋନ୍ ବୋଲି ଜାଣି ଡାକ୍ତରଖାନା ନେବାକୁ ମନା କରିଦେଲା। ଫଳରେ ରୋଗୀଙ୍କ ଜୀବନ ଚାଲିଗଲା। ରାୟଗଡ଼ା ଜିଲା ଗୁଣପୁର ସହର କୁମୁଟିସାହିରେ ଘଟିଛି ଏପରି ଏକ ଅଭାବନୀୟ ଘଟଣା। ସୂଚନା ଅନୁଯାୟୀ, ସାହିରୁ ପଜିଟିଭ ଚିହ୍ନଟ ହେବାପରେ ଶୁକ୍ରବାର କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଥିଲା। ତେବେ ଶନିବାର ସାହିର ଜି. କିଷ୍ଟା ରାଓ(୬୨)ଙ୍କ ପେଟ ବ୍ୟଥା ଏବଂ ନିଃଶ୍ୱାସ ପ୍ରଶ୍ୱାସରେ ଅସୁବିଧା ହୋଇଥିଲା। ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଆମ୍ବୁଲାନ୍ସ ମଧ୍ୟ ଆସି ପହଞ୍ଚିଥିଲା। କିନ୍ତୁ କଣ୍ଟେନ୍‌ମେଣ୍ଟ ଅଞ୍ଚଳର ରୋଗୀ ବୋଲି ଜାଣି ଚାଲିଯାଇଥିଲା। ବେସରକାରୀ ଡାକ୍ତର ମଧ୍ୟ କେହି ଆସି ନ ଥିଲେ। ପରେ ପରିବାର ଲୋକେ ସ୍ୱାସ୍ଥ୍ୟକେନ୍ଦ୍ର ସହ ଯୋଗାଯାଗ କରିଥିଲେ। ବହୁ ଚେଷ୍ଟା ପରେ ସନ୍ଧ୍ୟାରେ ମେଡିକାଲ ଟିମ୍ ଆସି ଘରେ ପହଞ୍ଚିଥିଲେ। ମାତ୍ର ସେତେବେଳକୁ କ୍ରିଷ୍ଟାଙ୍କ ଜୀବନ ଚାଲିଯାଇଥିଲା। ଏଭଳି ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।

## ସାପ କାମୁଡ଼ାରେ ୨ ଜୀବନ ଗଲା

**ଚନ୍ଦାହାଣ୍ଡି/ପାପଡ଼ାହାଣ୍ଡି, ୧୮।୭(ଡି.ଏନ୍.ଏ.)**

ସାପ କାମୁଡ଼ାରେ ନବରଙ୍ଗପୁର ଜିଲାରେ ଶନିବାର ୨ଜଣଙ୍କ ମୃତ୍ୟୁ ଘଟିଛି। ଜିଲାର ଚନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ଦଲବେଡ଼ା ଗ୍ରାମର ପରମେଶ୍ୱର ମାଝି(୨୫) ରାତିରେ ଶୋଇଥିବା ସମୟରେ ଏକ ବିଷଧର ସାପ କାମୁଡ଼ିଥିଲା। ପରିବାର ଲୋକେ ସକାଳେ ଆମ୍ବୁଲାନ୍ସ ଯୋଗେ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରା ଯାଇଛି। ସେହିପରି ପାପଡ଼ାହାଣ୍ଡି ବ୍ଲକ୍ ମୋକିଆ ପଞ୍ଚାୟତ ଅନ୍ତର୍ଗତ ଡଙ୍ଗରିଗୁଡ଼ା ଗ୍ରାମର ରଘୁନାଥ ଭତ୍ରା(୩୦) ରାତିରେ ଶୋଇଥିବାବେଳେ ଏକ ସାପ କାମୁଡ଼ିଥିଲା। ଏ ନେଇ ସେ ପରିବାର ଲୋକଙ୍କୁ ଜଣାଇବା ପରେ ତୁରନ୍ତ ତାଙ୍କୁ ପାପଡ଼ାହାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ସୁକାନ୍ତ ଜିଲା ଯୁବକଂଗ୍ରେସ ସଭାପତି

**ଜୟପୁର, ୧୮।୭(ଡି.ଏନ.ଏ.)**

ରାଜ୍ୟ ଯୁବକଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କା ରାଜ୍ୟର ୧୦ଟି ଜିଲାରେ ନୂତନ ଯୁବ କଂଗ୍ରେସ ସଭାପତି ନିଯୁକ୍ତ କରିଛନ୍ତି। କୋରାପୁଟ ଜିଲାର ନୂତନ ସଭାପତି ଭାବେ ସୁକାନ୍ତ ପଟ୍ଟନାୟକ ନିଯୁକ୍ତ ହୋଇଛନ୍ତି। ସୁକାନ୍ତ କଂଗ୍ରେସର ଜଣେ ଯୁବନେତା ଭାବେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିଲେ। ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ସଭାପତି ଭାବେ ସେ ୨ଥର ରହିଥିଲେ।

# ଆମ୍ବୁଲାନ୍ସ କର୍ମଚାରୀଙ୍କ ଅବହେଳାରୁ ଶିଶୁକନ୍ୟା ମୃତ

**ଏମ୍‌ଭି ୭୯, ୧୮।୭(ଡି.ଏନ.ଏ.)**

- ଗ୍ରାମକୁ ଆସି ରୋଗୀ ନ ନେଇ ଫେରିଯାଇଥିଲା
- ସେମାନଙ୍କୁ ଅପେକ୍ଷା କରିବାର ଥିଲା: ଡାକ୍ତର
- କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ମାଲକାନଗିରି ଜିଲା ପଡ଼ିଆ ବ୍ଲକ ଅନ୍ତର୍ଗତ ତାଣ୍ଡବାଇ ପଞ୍ଚାୟତର ମେଟାଗୁଡା ଗ୍ରାମରେ ଏକ ଦେଢମାସର ଶିଶୁକନ୍ୟାର ମୃତ୍ୟୁ ହୋଇଛି। ଅସୁସ୍ଥ ଶିଶୁଟିକୁ ପଡିଆ ଡାକ୍ତରଖାନା ନେବାକୁ ଆସିଥିବା ଆମ୍ବୁଲାନ୍ସ ଅପେକ୍ଷା ନ କରି ଚାଲିଯିବାରୁ ଚିକିତ୍ସା ନ ପାଇ ଶିଶୁଟିର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଖବରରୁ ଜଣାପଡିଛି ମେଟାଗୁଡା ଗ୍ରାମର କୁରା ରାମାଙ୍କ ସ୍ତ୍ରୀ ଓ ତାଙ୍କ ଦେଢମାସର ଶିଶୁକନ୍ୟା ହଠାତ୍ ଶୁକ୍ରବାର ସନ୍ଧ୍ୟାରେ ଅସୁସ୍ଥ ହୋଇ ପଡିଥିଲେ। ଏନେଇ କୁରା ଗ୍ରାମରେ ଥିବା ଆଶା ଦିଦିଙ୍କୁ ଜଣାଇଥିଲେ। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ଆବଶ୍ୟକ ପଡିଥିଲା। ଗ୍ରାମର ଜଣେ ବ୍ୟକ୍ତି ଆମ୍ବୁଲାନ୍ସକୁ ଯୋଗାଯୋଗ କରି ଡାକିଥିଲେ। ତେବେ ଆମ୍ବୁଲାନ୍ସ ଗ୍ରାମକୁ ଆସି କୁରାଙ୍କ ଘରଠାରୁ ଦୂରରେ ଅଳ୍ପ ସମୟ ରହି ଫେରିଯାଇଥିଲା। ମାତ୍ର ଗୁରୁତର ଥିବା ମା' ଓ ଶିଶୁକନ୍ୟାଙ୍କୁ ନେଇ ନ ଥିଲା। ଗ୍ରାମକୁ ଆମ୍ବୁଲାନ୍ସ ଆସିଥିବା ଜାଣି ପରିବାର ଲୋକେ ଆମ୍ବୁଲାନ୍ସ ନିକଟକୁ ଯିବା ବେଳକୁ ଆମ୍ବୁଲାନ୍ସ ଚାଲିଯାଇଥିଲା। ପରେ ପରେ ଶିଶୁକନ୍ୟାର ମୃତ୍ୟୁ ହୋଇଥିଲା ବୋଲି ବାପା କୁରା କହିଛନ୍ତି। ଆମ୍ବୁଲାନ୍ସ କର୍ମଚାରୀଙ୍କ ଅବହେଳା ଯୋଗୁ ଏଭଳି ହେଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପାଣ୍ଡୁ ଚରଣ ମଣ୍ଡଳଙ୍କୁ ପଚାରିବାରୁ ସେ ଏହା ଦୁଃଖଦାୟକ ବୋଲି ପ୍ରକାଶ କରି ଆମ୍ବୁଲାନ୍ସ କର୍ମଚାରୀ ଉଭୟ ମା' ଓ ଶିଶୁଙ୍କୁ ଦୀର୍ଘ ସମୟ ଧରି ଅପେକ୍ଷା କରିବାର ଥିଲା ବୋଲି କହିଛନ୍ତି। ଆମ୍ବୁଲାନ୍ସ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଶଟ୍‌ଡାଉନ୍‌ରେ ସାନିଟାଇଜ୍ ହେଉଛି ସହର

**ରାୟଗଡ଼ା ଅଫିସ, ୧୮।୭:**

ରାୟଗଡ଼ା ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ତେଣୁ ସଂକ୍ରମଣକୁ ଏଡ଼ାଇବା ପାଇଁ ଜିଲାରେ ଶନିବାର ଓ ରବିବାରକୁ ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ତେବେ ସହରାଞ୍ଚଳରେ ପଜିଟିଭ ସଂଖ୍ୟା ବଢୁଥିବାରୁ ପ୍ରଶାସନ ପକ୍ଷରୁ ଶଟ୍‌ଡାଉନ୍‌ରେ ସାନିଟାଇଜ୍ କାର୍ଯ୍ୟ ଆରମ୍ଭ ହୋଇଛି। ଅଗ୍ନିଶମ ବିଭାଗ ଏବଂ ଜେକେ କାଗଜକଳର ସାନିଟାଇଜ୍ ଟିମ୍ ଦ୍ୱାରା ଶନିବାର ସହରର ବସ୍‌ଷ୍ଟାଣ୍ଡ ଛକ, ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ୱାର୍ଡ ଅଞ୍ଚଳକୁ ସାନିଟାଇଜ୍ କରାଯାଇଛି। ସେହିପରି ରବିବାର ଆଉ କେତେକ ଅଞ୍ଚଳକୁ ବିଶୋଧିତ କରାଯିବ ବୋଲି ସୂଚନା ମିଳିଛି। ରାୟଗଡ଼ା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ଚାଲିଥିବାବେଳେ ତହସିଲଦାର ଉମାଶଙ୍କର ବେହେରା ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ବିଶୋଧନ କାର୍ଯ୍ୟକୁ ତଦାରଖ କରିଥିଲେ।

## ଦଶମ ଶ୍ରେଣୀ ଟପ୍ପରଙ୍କୁ ୫-ଟି ସଚିବଙ୍କ ପ୍ରଶଂସା

**ମାଲକାନଗିରି, ୧୮।୭ (ଡି.ଏନ୍.ଏ.)**

**ଖଇରପୁଟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ**

ଚଳିତ ବର୍ଷ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ମାଲକାନଗିରି ଜିଲା ଖଇରପୁଟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ଅମ୍ରିତ ପାତ୍ର ୯୫.୪ ପ୍ରତିଶତ ମାର୍କ ରଖି ଟପ୍ପର ହୋଇଛନ୍ତି। ଏହା ମାଲକାନଗିରି ଜିଲା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ପ୍ରକାଶ କରିଛନ୍ତି। ଏ ବିଷୟରେ ଶନିବାର ପାଣ୍ଡିଆନ୍ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଅମ୍ରିତଙ୍କୁ ଅଭିନନ୍ଦନ ଜଣାଇ ତାଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ଦିନରେ ତାଙ୍କର ଉଚ୍ଚଶିକ୍ଷା ସମ୍ପର୍କରେ ସେ ପଚାରି ବୁଝିଥିଲେ। ଭବିଷ୍ୟତରେ ଜଣେ ଡାକ୍ତର ହୋଇ ଲୋକଙ୍କ ସେବା କରିବା ପାଇଁ ଆଶା ରଖିଥିବା ଅମ୍ରିତ କହିଥିଲେ।

## କୃପାସିନ୍ଧୁଙ୍କୁ ସହାୟତା କଲେ ଯୁବକ ସଂଘ

**ବୈପାରୀଗୁଡା, ୧୮।୭ (ଡି.ଏନ୍.ଏ.)**

**ଧରିତ୍ରୀ ପ୍ରଭାବ**

୩୦ ହଜାର ଟଙ୍କା ଅଭାବରୁ ଅସ୍ତ୍ରୋପଚାର କରିପାରୁ ନ ଥିବା ଜଣେ ବ୍ୟକ୍ତିଙ୍କୁ ସ୍ଥାନୀୟ ଅଞ୍ଚଳର ଯୁବକମାନେ ସହାୟତା କରିବାକୁ ଆଗେଇ ଆସିଛନ୍ତି। ଏନେଇ ଏକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ସ୍ଥାନୀୟ ବଜାରରେ ୩୦ ବର୍ଷ ହେବ ଇସ୍ତ୍ରୀ ଦୋକାନ କରି ପରିବାର ଚଳାଉଥିବା କୃପାସିନ୍ଧୁ ସେଠୀ (୫୦) ଗତ ମେ ମାସରେ ଘରେ ପଡିଯିବାରୁ ତାଙ୍କ ଡାହଣ ଗୋଡ ଖଞ୍ଜା ଖସି ଯାଇଥିଲା। କୋରାପୁଟ ମେଡିକାଲ କଲେଜରେ କରୋନା ପାଇଁ ଓଟି ବନ୍ଦ ଥିବାରୁ ଅସ୍ତ୍ରୋପଚାର ହୋଇପାରି ନ ଥିଲା। ସେ ଛତିଶଗଡ ଜଗଦଲପୁର ମେଡିକାଲ ଯିବାରୁ ଅସ୍ତ୍ରେପଚାର ପାଇଁ ୩୦ ହଜାର ଟଙ୍କା ଲାଗିବ ବୋଲି ମେଡିକାଲ ପକ୍ଷରୁ କୁହାଯିବାରୁ ଟଙ୍କା ଯୋଗାଡ କରି ନ ପାରି ପରିବାର ଲୋକେ ତାଙ୍କୁ ଗ୍ରାମକୁ ଫେରାଇ ଆଣିଥିଲେ। ତାଙ୍କର ଏପରି ଦୁର୍ଦ୍ଦଶା ନେଇ ଗତ ୧୩ରେ ଧରିତ୍ରୀରେ '୩୦ ହଜାର ଟଙ୍କା ପାଇଁ ହୋଇପାରୁନି ଅସ୍ତ୍ରୋପଚାର 'ଶୀର୍ଷକ ଖବର ପ୍ରକାଶ ପାଇଥିଲଶ। । ଖବର ଜାଣିବା ପରେ ସ୍ଥାନୀୟ ମହାବୀର ଯୁବ ସଙ୍ଗଠନ ପକ୍ଷରୁ କୃପାସିନ୍ଧୁଙ୍କୁ ଆବଶ୍ୟକ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ସେ ଖୁବ୍‌ଶୀଘ୍ର ଜଗଦଲପୁର ମେଡିକାଲ ଯିବେ ବୋଲି ଜଣାପଡିଛି।

# ୨୦୦ ଶଯ୍ୟାବିଶିଷ୍ଟ ଅତିରିକ୍ତ ଚିକିତ୍ସାଳୟ କୋଠା ଭିତ୍ତିପ୍ରସ୍ତର ସ୍ଥାପନ

**ନବରଙ୍ଗପୁର, ୧୮।୭(ବି.ପ୍ର.):**

ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ୩ଦିନିଆ ନବରଙ୍ଗପୁର ଜିଲା ଗସ୍ତର ଶେଷଦିନରେ ଶନିବାର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ନିର୍ମାଣ ହେବାକୁଥିବା ୨୦୦ ଶଯ୍ୟା ବିଶିଷ୍ଟ ଅତିରିକ୍ତ କୋଠା ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କୋଠା ନିର୍ମାଣ ପାଇଁ ରାଜ୍ୟ ସରକାର ୧୦କୋଟି ୮୩ଲକ୍ଷ ଟଙ୍କା ବ୍ୟୟ ମଞ୍ଜୁର କରିଛନ୍ତି। ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବାକୁ ଦାସବର୍ମା ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଗଣମାଧ୍ୟମ ସହ ଆଲୋଚନାବେଳେ ଜିଲାରେ କରୋନା ପରିଚାଳନା ପଦକ୍ଷେପ ନେଇ ସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ଏହି ଅତିରିକ୍ତ କୋଠା ନିର୍ମାଣ ହେଲେ ଜିଲାର ଅନେକ ରୋଗୀ ସୁବିଧା ପାଇବେ ବୋଲି ଦାସବର୍ମା ଏବଂ ଜିଲାପାଳ ଅଜିତ୍ କୁମାର ମିଶ୍ର କହିଛନ୍ତି। ଉଲ୍ଲେଖଯୋଗ୍ୟ, ଜିଲା ମୁଖ୍ୟ ଚିକିତ୍ସାଳୟ ଏବେ ୧୨୦ଶଯ୍ୟା ବିଶିଷ୍ଟ ରହିଥିବାବେଳେ ନୂତନ କୋଠା ନିର୍ମାଣ ଦ୍ୱାରା ଏହା ୩୨୦ ଶଯ୍ୟାକୁ ବୃଦ୍ଧି ପାଇବ। ପରେ ରାଜ୍ୟ ଉପାଧ୍ୟକ୍ଷ ନିଜ ସହଯୋଗୀ ଓ ଅଧିକାରୀଙ୍କ ସହ ମିଶି ଚିକିତ୍ସାଳୟ ପରିସରରେ ଚାରାରୋପଣ କରିଥିଲେ।





ଭୂମିପୂଜନ କାର୍ଯ୍ୟକ୍ରମରେ ଯୋଜନାବୋର୍ଡ ଉପାଧ୍ୟକ୍ଷଙ୍କ ସହ ଅନ୍ୟମାନେ ଉପସ୍ଥିତ ।

- ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ୩ଦିନିଆ ନବରଙ୍ଗପୁର ଗସ୍ତ
- ୧୦କୋଟି ୮୩ଲକ୍ଷ ମଞ୍ଜୁର
- ନିର୍ଦ୍ଧାରିତ ସମୟରେ କାମ ସାରିବାକୁ ନିର୍ଦ୍ଦେଶ

# ସାମାଜିକ, ଆର୍ଥିକ କ୍ଷେତ୍ରରେ ଦୁର୍ବଳ ହେଉଛନ୍ତି ଲୋକେ

**ନବରଙ୍ଗପୁର, ୧୮।୭ (ବି.ପ୍ର.)**

- ନନ୍ଦାହାଣ୍ଡି ବ୍ଲକରେ ନାହିଁ ଜାତୀୟକରଣ ବ୍ୟାଙ୍କ, ଏଟିଏମ୍
- ହେଡ୍ କ୍ୱାର୍ଟର୍ସରେ ରହୁନାହାନ୍ତି ଅଧିକାରୀ

ନବରଙ୍ଗପୁର ଜିଲାରେ ୧୯୬୮ରେ ୧୧ ପଞ୍ଚାୟତକୁ ନେଇ ଗଠିତ ହେଲା ନନ୍ଦାହାଣ୍ଡି ବ୍ଲକ। ଡଙ୍ଗରଭେଜା ପଞ୍ଚାୟତରେ ହେଲା ବ୍ଲକ ହେଡକ୍ୱାର୍ଟର। ଏଠାରେ ତହସିଲ, ଲ୍ୟାମ୍ପସ୍, ଗ୍ରାମୀଣ ଜଳଯୋଗାଣ, ପ୍ରାଣୀ ସମ୍ପଦ ବିଭାଗ, କୃଷି ବିଭାଗ, ଗୋଷ୍ଠୀ ଶିକ୍ଷା ବିଭାଗ, ଅଗ୍ନିଶମ, ଫାଣ୍ଡି ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଦି ରହିଛି। ଫାଣ୍ଡି, ଅଗ୍ନିଶମ ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଏଠାରେ ରହୁଥିବା ବେଳେ ଅନ୍ୟ ବିଭାଗର କର୍ମଚାରୀମାନେ ଜିଲାସଦର ମହକୁମାରେ ରହି ଯାତାୟାତ କରି ଅଫିସ କରୁଛନ୍ତି। କ୍ୱାର୍ଟର୍ସରେ ଅଧିକାରୀ ଓ କର୍ମଚାରୀଙ୍କ ବଦଳରେ ଅନ୍ୟ ଲୋକେ ରହୁଛନ୍ତି। କୃଷି ବିଭାଗ କାର୍ଯ୍ୟାଳୟ ଗଛପଡି ଭାଙ୍ଗିଯିବା ପରେ ଆଉ ନିର୍ମାଣ ହେଉନି। ପ୍ରାଣୀ ସମ୍ପଦ ବିଭାଗରେ ଅନେକ ସମୟରେ ତାଲା ଝୁଲୁଛି। ପ୍ରାଣୀ ଚିକିତ୍ସକ ନ ଥିବାରୁ ବ୍ଲକରେ ଗୋପାଳନ ସଂଖ୍ୟା କମିଯାଉଛି। ଲୋକେ ସାମାଜିକ ଆର୍ଥିକ କ୍ଷେତ୍ରରେ ଦୁର୍ବଳ ହେଉଛନ୍ତି। ସେହିଭଳି ବ୍ଲକରେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ବ୍ୟତୀତ ଅନ୍ୟ କୌଣସି ଜାତୀୟକରଣ ବ୍ୟାଙ୍କ କି ଏଟିଏମଟିଏ ନାହିଁ। ଲକଡାଉନ ଭଳି ସମୟରେ ଲୋକମାନେ ୫ଶହ ଟଙ୍କା ଉଠାଣ ପାଇଁ ନବରଙ୍ଗପୁର ୧୮ କି.ମି. ଦୂର ଖର୍ଚ୍ଚାନ୍ତ ହୋଇ ଯାଉଛନ୍ତି। ଅଞ୍ଚଳବାସୀ ବାରମ୍ବାର ଦାବି କରୁଥିଲେ ମଧ୍ୟ ଜାତୀୟକରଣ ବ୍ୟାଙ୍କ ଖୋଲୁନି। ଅଧିକ ଟଙ୍କା ଉଠାଣ ସମୟରେ ଆଞ୍ଚଳିକ ବ୍ୟାଙ୍କ ତାହା ଯୋଗାଇ ପାରୁନି। ଫଳରେ ବ୍ୟବସାୟୀମାନେ ନବରଙ୍ଗପୁର ବ୍ୟାଙ୍କ ଉପରେ ନିର୍ଭର କରୁଛନ୍ତି। ଲୋକେ ଏ ସବୁ ସମସ୍ୟା ନେଇ ଜିଲାପାଳଙ୍କ ନିକଟରେ ବାରମ୍ବାର ଦାବି ସତ୍ତ୍ୱେ ନବରଙ୍ଗପୁରରେ ଗୋଟିଏ ଜାତୀୟକରଣ ବ୍ୟାଙ୍କ ଏଟିଏମ ସ୍ଥାପନ ହୋଇପାରୁନି। ଜରୁରିକାଳୀନ ସମୟରେ ଟଙ୍କା ଉଠାଇ ହେଉନି। ବ୍ଲକ ହେଡକ୍ୱାର୍ଟର୍ସରେ ଅଧିକାରୀ ଓ କର୍ମଚାରୀମାନେ ରହୁନାହାନ୍ତି ବୋଲି ଡଙ୍ଗରଭେଜାର ନରସିଂହ ତ୍ରିପାଠୀ ଓ ମଧୁସୂଦନ ନାୟକ କହିଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଭତ୍ତା, ଆବାସ ଟଙ୍କା ପାଉଥିବା ଲୋକଙ୍କ ଖାତା ନବରଙ୍ଗପୁରସ୍ଥିତ ଜାତୀୟକରଣ ବ୍ୟାଙ୍କରେ ଅଛି। ସ୍ୱଳ୍ପ ଟଙ୍କା ଉଠାଣ ପାଇଁ ମଧ୍ୟ ଜିଲା ସଦର ମହକୁମାକୁ ଯିବାକୁ ପଡୁଛି। ପାନୀୟ ଜଳ ଯୋଗାଣ ବିଭାଗ କ୍ୱାର୍ଟର୍ସରେ ତାଲା ଝୁଲୁଛି। କେହି କର୍ମଚାରୀ ଆସୁନାହାନ୍ତି ବୋଲି ଡଙ୍ଗରଭେଜାର ବ୍ୟବସାୟୀ ଶଶିକାନ୍ତ ତ୍ରିପାଠୀ କହିଛନ୍ତି। ଏବେ ଚାଷ ସମୟ। ମାତ୍ର ୧୧ ପଞ୍ଚାୟତ ପାଇଁ ୪ଜଣ କ୍ଷେତ୍ର କର୍ମଚାରୀ ରହିଛନ୍ତି। ଚାଷ ସମସ୍ୟା ନେଇ କୃଷକଙ୍କ ସହ କର୍ମଚାରୀଙ୍କ ସମ୍ପର୍କ ରହୁନି। ସେବା ମନୋଭାବ ନେଇ ଲୋକଙ୍କ ପାଇଁ କାମ କରନ୍ତୁ। ନ ହେଲେ ବ୍ଲକ ବିକାଶ କ୍ଷେତ୍ରରେ ଆହୁରି ପଛକୁ ଚାଲିଯିବ ବୋଲି କହନ୍ତି ଦହଣାର ତାରା ପ୍ରସାଦ ତ୍ରିପାଠୀ। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ତଥା ନନ୍ଦାହାଣ୍ଡି ବ୍ଲକ ଭାରପ୍ରାପ୍ତ ବିଡିଓ ରତ୍ନାକର ସାହୁଙ୍କୁ ପଚାରିବାରୁ ସେ କହିଲେ ଯେ, ରାତି ୮ ଟା ପର୍ଯ୍ୟନ୍ତ କାର୍ଯ୍ୟାଳୟ ଚାଲୁଛି। କ୍ୱାର୍ଟର୍ସରେ କର୍ମଚାରୀ ରହୁଛନ୍ତି। ବ୍ଲକର ଅନ୍ୟାନ୍ୟ ସମସ୍ୟା ପ୍ରତି ପ୍ରଶାସନ ଅବଗତ ଅଛି। ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ସାହୁ କହିଥିଲେ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
HINDUSTHAN TOWER
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ନିଜ ଖାଲି ଜମି, ଛାତ, ଖେତ ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ମଲ୍ଟିମିଡିଆ ଡିଜିଟାଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 60 ଲକ୍ଷ | ଭଡ଼ା: 45 ହଜାର | + ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବୋଲେରୋ
(କାମ ଆମର, ବିଶ୍ୱାସ ଆପଣଙ୍କର)
94517-83485
94535-88342

କାମ ନ ହେଲେ ପୂରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ୍ୟ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ - My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଥାଆନ୍ତି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

କରୋନା ପରେ Income ପାଇଁ ଆମ କମ୍ପାନୀ
INDUS TOWER LTD.
ନିଜ ଖାଲି ଜମି, ଛାତ, ଖେତ, ପ୍ଲଟ୍‌ରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ- 65 ଲକ୍ଷ | ଭଡ଼ା- 65,000 | ବାଇକ୍ ଅନ୍ୟାନ୍ୟ ସୁବିଧା
1ରୁ 100 କଲରଙ୍କୁ ବିଶେଷ ରିହାତି
କାମ ଆମର - ବିଶ୍ୱାସ ଆପଣଙ୍କର
75290-79967
B-34/7 A Block Vijay Enclave, Bururi, New Delhi

PM ଜନଧନ ଯୋଜନା ଅଧୀନରେ Online Loan Apply କରନ୍ତୁ
ଲକ୍‌ଡାଉନ୍ ପରେ ଟଙ୍କାର ଆବଶ୍ୟକତାକୁ ନେଇ ଚିନ୍ତିତ ହୁଅନ୍ତୁ ନାହିଁ
MAHALAXMI FINANCE
Reg. No. MH31140D55
ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ବ୍ୟବସାୟ, ପ୍ରପର୍ଟି, ଗ୍ରୁପ୍ ସବୁ ଋଣ ମାତ୍ର 24 ଘଣ୍ଟାରେ
50 ଲକ୍ଷ ପର୍ଯ୍ୟନ୍ତ ସହଜ କିସ୍ତିରେ ଋଣ ପରିଶୋଧ କରନ୍ତୁ
1% ସୁଧ, 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
94670-03315
5/96, Paschim Vihar, Delhi.

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ୧୦ ସାଙ୍ଗଠନିକ ଜିଲା ପାଇଁ ଯୁବ କଂଗ୍ରେସ ସଭାପତି ନିଯୁକ୍ତ

ରାଜ୍ୟ ଯୁବ କଂଗ୍ରେସ ୧୦ ସାଙ୍ଗଠନିକ ଜିଲା ପାଇଁ ସଭାପତି ନିଯୁକ୍ତ କରିଛି। ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କା ଏହି ନିଯୁକ୍ତି ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଜଗତସିଂହପୁର ଜିଲା ପାଇଁ ପ୍ରଶାନ୍ତ ମଲ୍ଲିକଙ୍କୁ ସଭାପତି ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଅନୁଗୋଳ ପାଇଁ ରଞ୍ଜନ ଥାପା, କୋରାପୁଟ ସୁକାନ୍ତ ପଟ୍ଟନାୟକ, ବଲାଙ୍ଗୀର ପ୍ରେମ ପ୍ରକାଶ ମିଶ୍ର, କଳାହାଣ୍ଡି ସାଓ୍ୱାଲ ମଙ୍ଗରାଜ, କେନ୍ଦ୍ରାପଡା ସତ୍ୟପ୍ରିୟ ସାମଲ, କଟକ ଆର୍ଯ୍ୟବୀର ଲେଙ୍କା ଓ କଟକ (ନଗର) ଜିଲା କଂଗ୍ରେସ ସଭାପତି ଭାବେ ବିକି ଚକ୍ରବର୍ତ୍ତୀଙ୍କୁ ନିଯୁକ୍ତି ଦିଆଯାଇଛି।

# ଗଞ୍ଜାମ ପରେ ଖୋର୍ଦ୍ଧା ସ୍ଥିତି ସଙ୍ଗିନ

**ଭୁବନେଶ୍ୱର, ୧୮।୭(ବ୍ୟୁରୋ)**

ରାଜ୍ୟର ୫ କରୋନା ହଟ୍‌ସ୍ପଟ୍ ଜିଲା ମଧ୍ୟରେ ରହିଛି ଗଞ୍ଜାମ, ଗଜପତି, ଖୋର୍ଦ୍ଧା, କଟକ ଓ ଯାଜପୁର। ତେବେ ଗଞ୍ଜାମ ଜିଲାରେ ମହାମାରୀ ଭୟଙ୍କର ରୂପ ନେଇଥିବାବେଳେ ପ୍ରତିଦିନ ଏଠାରେ ସର୍ବାଧିକ ଆକ୍ରାନ୍ତ ଚିହ୍ନଟ ହେଉଥିବା ଏକାଧିକ ଜୀବନ ଯାଉଛି। ଏବେ ଏହା ତଳକୁ ଖୋର୍ଦ୍ଧା ଜିଲା ରହିଛି। ଗଞ୍ଜାମ ସଂକ୍ରମିତଙ୍କ ପାଇଁ ରାଜଧାନୀରେ ସଂକ୍ରମଣ ବଢ଼ିଥିବା କୁହାଯାଉଥିବାବେଳେ ଏବେ ପୂରା ଖୋର୍ଦ୍ଧା ଜିଲାରେ ସ୍ଥିତି ଉତ୍କଟ ହେବାରେ ଲାଗିଛି। ଦ୍ୱିତୀୟ ସର୍ବାଧିକ ସଂକ୍ରମିତ ଜିଲାର ସ୍ଥାନ ନେଇଛି ଖୋର୍ଦ୍ଧା। ଶେଷ ୨୪ ଘଣ୍ଟାରେ ରାଜ୍ୟରେ ୫୯୧ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୩୯୪ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିଥିବାବେଳେ ୧୯୭ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୬,୭୦୧ରେ ପହଞ୍ଚିଛି। ଏଥିମଧ୍ୟରୁ ଗଞ୍ଜାମରେ ସବୁଠୁ ଅଧିକ ୫,୨୮୦ଜଣ ଓ ଖୋର୍ଦ୍ଧା ଜିଲାରେ ଦ୍ୱିତୀୟ ସର୍ବାଧିକ ୧,୮୬୫ଜଣ ଆକ୍ରାନ୍ତ ହୋଇଛନ୍ତି। ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସୂଚନା ଅନୁସାରେ, ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ଗଞ୍ଜାମରେ ସର୍ବାଧିକ ୧୮୨ ଥିବାବେଳେ ଖୋର୍ଦ୍ଧାରୁ ୧୨୧, କଟକ ୩୮, ବରଗଡ଼ ୩୫, ଜଗତ୍‌ସିଂହପୁର, ମୟୂରଭଞ୍ଜ ଓ ନବରଙ୍ଗପୁରରୁ ୨୨ଜଣ ଲେଖାଏ, ସମ୍ବଲପୁର ୨୦, ଯାଜପୁର ୧୯, ସୁନ୍ଦରଗଡ଼ ୧୮, ବାଲେଶ୍ୱର ୧୩, ନୟାଗଡ଼ ୧୧, ବଲାଙ୍ଗୀର ଓ ଢେଙ୍କାନାଳରୁ ୯ଜଣ ଲେଖାଏ, ମାଲକାନଗିରି ଓ କେନ୍ଦ୍ରାପଡ଼ାରୁ ୮ଜଣ ଲେଖାଏ, କେନ୍ଦୁଝର ଓ ପୁରୀରୁ ୬ଜଣ ଲେଖାଏ, ବୌଦ୍ଧ ଓ ଝାରସୁଗୁଡ଼ାରୁ ୫ଜଣ ଲେଖାଏ, କୋରାପୁଟ ୪, ଦେବଗଡ଼ ଓ ଭଦ୍ରକରୁ ୩ଜଣ ଲେଖାଏ ଏବଂ ଅନୁଗୋଳ ଓ ରାୟଗଡ଼ା ଜିଲାରୁ ଜଣେ ଲେଖାଏ ରହିଛନ୍ତି। ସେପଟେ ରାଜ୍ୟରେ କରୋନାରେ ଆଉ ୩ଜଣଙ୍କର ମୃତ୍ୟୁ ହୋଇଛି। ଦୁଇଜଣ ପୁରୁଷ

### ରାଜ୍ୟରେ ଆଉ ୫୯୧ ଚିହ୍ନଟ, ୩ ମୃତ, ୬୦୭ ସୁସ୍ଥ

- ଖୋର୍ଦ୍ଧା ଦ୍ୱିତୀୟ ସର୍ବାଧିକ ସଂକ୍ରମିତ ଜିଲା
- ଗଞ୍ଜାମରେ ୫,୨୮୦ ଓ ଖୋର୍ଦ୍ଧାରେ ୧,୮୬୫ ଆକ୍ରାନ୍ତ
- କରୋନାଜନିତ ମୃତ୍ୟୁ ସଂଖ୍ୟା ୮୬ ହେଲା

ଗଞ୍ଜାମ ଜିଲାର ହୋଇଥିବାବେଳେ ବୟସ ଯଥାକ୍ରମେ ୬୩ ଓ ୬୦ବର୍ଷ ରହିଛି। ସେହିଭଳି ଗଜପତି ଜିଲାର ଜଣେ ମୃତକ ହେଉଛନ୍ତି ୪୮ବର୍ଷୀୟ ମହିଳା। ଏହାକୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁସଂଖ୍ୟା ୮୬ରେ ପହଞ୍ଚିଛି। ଗଞ୍ଜାମରେ ୫୨ଜଣଙ୍କ ଜୀବନ କରୋନା ନେଇଥିବାବେଳେ ୩ଜଣଙ୍କର ଅନ୍ୟ ରୋଗରେ ମୃତ୍ୟୁ ଘଟିଛି। ଆକ୍ରାନ୍ତ ଭଳି ମୃତ୍ୟୁ ସଂଖ୍ୟାରେ ଖୋର୍ଦ୍ଧା ଜିଲା ଦ୍ୱିତୀୟରେ ରହିଛି। ଏଠାରେ ୧୩ଜଣଙ୍କର କରୋନାଜନିତ ମୃତ୍ୟୁ ଘଟିଥିବାବେଳେ ୬ଜଣ ଆକ୍ରାନ୍ତଙ୍କ ଅନ୍ୟ ରୋଗରେ ଜୀବନ ଯାଇଛି। ନୂଆ ମୃତକଙ୍କୁ ମିଶାଇ ଗଜପତିରେ ଏହି ମୃତ୍ୟୁସଂଖ୍ୟା ୩ରେ ପହଞ୍ଚିଛି। ଅନ୍ୟପଟେ ରାଜ୍ୟର ୨୧ ଜିଲାରୁ ପୁଣି ୬୦୭ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଗଞ୍ଜାମ ଜିଲାରେ ସର୍ବାଧିକ ୨୭୯ଜଣ ଓ ଖୋର୍ଦ୍ଧାରେ ୫୦ଜଣ ସୁସ୍ଥ ହୋଇଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ଆରୋଗ୍ୟ ସଂଖ୍ୟା ୧୧,୯୩୭କୁ ବୃଦ୍ଧି ପାଇଛି। ଗଞ୍ଜାମ ଜିଲାରେ ଆରୋଗ୍ୟଙ୍କ ସଂଖ୍ୟା ୩,୫୫୪ରେ ପହଞ୍ଚିଛି ଓ ଆଉ ୧,୬୭୧ ସକ୍ରିୟ ସଂକ୍ରମିତ ରହିଛନ୍ତି। ସେହିଭଳି ଖୋର୍ଦ୍ଧା ଜିଲାରେ ସୁସ୍ଥ ହୋଇଥିବା କରୋନା ରୋଗୀଙ୍କ ସଂଖ୍ୟା ୧,୦୯୦ ରହିଥିବାବେଳେ ୭୫୬ଜଣ ସକ୍ରିୟ ରୋଗୀ ରହିଛନ୍ତି।

## ଦୁର୍ଦ୍ଦାନ୍ତ ଅପରାଧୀ ଜଗାଙ୍କୁ ହତ୍ୟା

### ୩ ଅଟକ

**ଭୋଗରାଇ, ୧୮।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଞ୍ଚଳର ଦୁର୍ଦ୍ଦାନ୍ତ ଅପରାଧୀ ରତନ ଦାସ ଓରଫ୍ ଜଗା(୨୮)ଙ୍କୁ ଶୁକ୍ରବାର ବିଳମ୍ବିତ ରାତିରେ ହତ୍ୟା କରାଯାଇଛି। ତାଙ୍କ ଘର କମର୍ଦ୍ଦା ଥାନା ଅଧୀନ ଖୁରୁଣ୍ଟିଆ ଗ୍ରାମରେ। କମର୍ଦ୍ଦା ପୋଲିସ ଶନିବାର ସକାଳେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଏକ ହତ୍ୟା ମାମଲା (ନଂ. ୭୫/୨୦) ରୁଜୁ କରିବା ସହିତ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ଏହା ସହ ସନ୍ଦେହରେ ୩ଜଣ ବ୍ୟକ୍ତିଙ୍କୁ କମର୍ଦ୍ଦା ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଏହାସହ ସ୍ଥାନୀୟ ଗ୍ରାମରୁ ଏକ ଡମ୍ପର ଓ ଟ୍ରାକ୍ଟର ଜବତ କରାଯାଇଛି। ସୂଚନା ଅନୁଯାୟୀ, ଜଗା ରାସ୍ତାରେ ଏକ ଡମ୍ପରରୁ ଜବରଦସ୍ତି ଚାନ୍ଦା ମାଗୁଥିବାବେଳେ ଗାଡ଼ିରେ ଥିବା ଡ୍ରାଇଭର ଓ ଖଲାସୀଙ୍କ ମଧ୍ୟରେ ଗଣ୍ଡଗୋଳ-ଧସ୍ତାଧସ୍ତି ହୋଇଥିଲା।



ରତନ ଦାସ

ପରେ ପାଖ ଗ୍ରାମର କେତେକ ବ୍ୟକ୍ତି ସଂଘବଦ୍ଧ ହୋଇ ଜଗାଙ୍କୁ ଘେରିଯାଇ ଲୁହାରଡ଼ରେ ତାଙ୍କ ମୁଣ୍ଡକୁ ଜୋରରେ ବାଡ଼େଇ ଦେବା ପରେ ଡମ୍ପର କିମ୍ବା ଟ୍ରାକ୍ଟର ଚଳାଇ ହତ୍ୟା କରି ସେଠାରୁ ଚମ୍ପଟ ମାରିଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ଜଗାଙ୍କ ନାମରେ ବାଲେଶ୍ୱର, ଜଳେଶ୍ୱର, କମର୍ଦ୍ଦା, ଭୋଗରାଇ ସମେତ ଗୋଆ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗରେ ହତ୍ୟା, ରାହାଜାନୀ, ଛିନ୍‌ତାଇ, ଡକାୟତି, ବଳାତ୍କାର ଭଳି ଗୁରୁତର ଅଭିଯୋଗ ବିଭିନ୍ନ ଥାନାରେ ରହିଛି।

## ବାଣ ଫୁଟି ଯୁବକଙ୍କ ଆଙ୍ଗୁଳି ଛିଣ୍ଡିଗଲା

**ଦେବଗଡ,୧୮।୭(ଡି.ଏନ.ଏ.)**

ଦେବଗଡ ଥାନା ଅଧୀନ ନୂଆଗାଁରେ ଶନିବାର ଅପରାହ୍ଣରେ ବାଣ ଫୁଟି ଜଣେ ଯୁବକଙ୍କ ୪ଟି ଆଙ୍ଗୁଳି ଛିଣ୍ଡି ଯାଇଛି। ଏହି ଯୁବକ ଜଣକ ହେଲେ ଗାଁର ପ୍ରସନ୍ନ ମୁଣ୍ଡା (୨୨)। ପରିବାର ଲୋକେ ଚିକିତ୍ସା ନିମନ୍ତେ ତାଙ୍କୁ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତିକରିଥିଲେ। ମାତ୍ର ଅବସ୍ଥା ଗୁରୁତର ଥିବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ ବୁର୍ଲା ଭିମ୍‌ସାର ସ୍ଥାନାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁସାରେ, କିଛିଦିନ ପୂର୍ବେ ତାଙ୍କ ଘରର ପିଲାମାନେ ରାସ୍ତାରୁ ଏକ ଅଫୁଟା ନଡିଆ ବାଣ ଗୋଟାଇଆଣି ଘରେ ରଖିଥିଲେ। ଶନିବାର ପିଲାମାନେ ଘର ଭିତରେ ଏହି ବାଣରେ ନିଆଁ ଲଗାଉଥିଲେ। ଏହାଦେଖି ପ୍ରସନ୍ନ ପିଲାଙ୍କ ହାତରୁ ଜଳନ୍ତା ବାଣଟିକୁ ଛଡାଇ ନେଇ ଘର ବାହାରକୁ ଫିଙ୍ଗୁଥିବାବେଳେ ତାହା ଫୁଟି ଯାଇଥିଲା।

# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

No.: RDM-LAA-MBJ-0019-2018/23898/R&DM    Dated: 02 Jul 2018

No.: XXI-35: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଚାଷିପଡ଼ା ଡିଷ୍ଟ୍ରିବ୍ୟୁଟାରି ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ପଣସପଡ଼ା, ଥାନା- ବସ୍ତା ନଂ. ୫୨, ତହସିଲ-ବସ୍ତା, ଜିଲ୍ଲା- ବାଲେଶ୍ୱରରେ ନିମ୍ନ ତଫସିଲ ମତେ ପ୍ରାୟ ଏ୧୩.୧୭ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଚାଷିପଡ଼ା ଡିଷ୍ଟ୍ରିବ୍ୟୁଟାରି ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ଜମ୍ବିରା କେନାଲ ଡିଭିଜନ, ମୋରଡ଼ା, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, ବାଲେଶ୍ୱର।
୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ବାଲେଶ୍ୱର | ବସ୍ତା | ପଣସପଡ଼ା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୪୯.୪୭ | ଏ. ୧୩.୧୭ | ଏଥି ସହିତ ସଂଲଗ୍ନ |

- ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୫୪ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ବାରିପଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା ସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ଅଭୟ କୁମାର ନାୟକ)
ଯୁଗ୍ମ ଶାସନ ସଚିବ

### ଭୂମି ଅନୁସୂଚୀ

ଭୂ-ଅର୍ଜନ ମାମଲା ସଂଖ୍ୟା- ୬୪/୨୦୧୭
ଏ. ୧୩.୧୭ଡି.

### ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଚାଷିପଡ଼ା ଡିଷ୍ଟ୍ରିବ୍ୟୁଟାରି ନିମନ୍ତେ
### ମୌଜା- ପଣସପଡ଼ା, ଥାନା- ବସ୍ତା ନଂ.-୫୨, ତହସିଲ- ବସ୍ତା, ଜିଲ୍ଲା- ବାଲେଶ୍ୱର

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୪ | ୧୧୪୨ | ୦.୪୨୦ | ୦.୦୫୦ | ଶାରଦ ଏକ | ଅନନ୍ତ ଭଦ୍ର, ପି.- ପୁରୁଷୋତ୍ତମ ଭଦ୍ର, ଜା: ରାଜୁ, ବା: ସୋରିସା |
| ୬ | ୧୧୨୭ | ୦.୭୯୦ | ୦.୦୯୦ | ଚକ ନଂ. ୨୭୮ | ଅନାଦି ବେହେରା, ପି.- କୃଷ୍ଣ ବେହେରା, ଜା; ରାଢୀ, ବା: ସୋରିସା |
| ୭ | ୩୬୦ | ୦.୩୫୦ | ୦.୦୯୦ | ଶାରଦ ଦୁଇ | ଅନାଦି ବେହେରା, ପି.- ଚୈତନ୍ୟ ବେହେରା, ଜା: ଖଦାଳ, ବା: ନିଜଗାଁ |
| | ୩୬୨ | ୦.୧୩୦ | ୦.୧୧୦ | ଶାରଦ ଦୁଇ | |
| ୮ | ୩୪୯ | ୦.୦୫୦ | ୦.୦୩୦ | ଆଡ଼ି | ଅନାଦି ବେହେରା, ସୁଦର୍ଶନ ବେହେରା, ପି.- ଚୈତନ୍ୟ ବେହେରା, ଜା: ଖଦାଳ, ବା: ନିଜଗାଁ |
| ୧୯ | ୮୦୫ | ୦.୬୮୦ | ୦.୨୦୦ | ଚକ ନଂ. ୧୭ | ଶ୍ରୀ ମଦନ ମୋହନ ଜୀଉ ଠାକୁର ବିଜେ ସୋରିସା ସେବାୟତ, ବା: ଉପେନ୍ଦ୍ର ନାଥ ଘୋଷ ମହାପାତ୍ର, ପି.- ଶ୍ୟାମପ୍ରସାଦ ଘୋଷ ମହାପାତ୍ର, କିସ୍ମତ ଟ୦.୩୩ ପଇସା, ବା: ମୃତ୍ୟୁଞ୍ଜୟ ଘୋଷ ମହାପାତ୍ର, ପି.- ମହେଶ୍ୱର ଘୋଷ ମହାପାତ୍ର, ସୁଶୀଳ ଚନ୍ଦ୍ର ଘୋଷ ମହାପାତ୍ର, ସୁବୋଧ ଚନ୍ଦ୍ର ଘୋଷ ମହାପାତ୍ର, ପି.- କାଳି ଚରଣ ଘୋଷ ମହାପାତ୍ର, ଜା: ରାଜୁ, ବା: ସୋରିସା, କିସ୍ମତ ଟ୦.୬୭ ପଇସା ବା: |
| ୨୩ | ୪୭୬ | ୦.୦୮୦ | ୦.୦୧୦ | ଶାରଦ ଦୁଇ | କଟି ସାହୁ, ପି.- ଜୁମା ସାହୁ, ଜା: ତେଲି, ବା: ନିଜଗାଁ |
| ୨୪ | ୧୦୭୪ | ୦.୩୨୦ | ୦.୦୧୦ | ଚକ ନଂ. ୨୩୦ | କନକ ବିଶ୍ୱାଳ, ସ୍ୱା.- ଚକ୍ରଧର ବିଶ୍ୱାଳ, ଜା: ରାଜୁ, ବା: ସୋରିସା |
| ୨୫ | ୩୨୮ | ୦.୫୩୦ | ୦.୦୧୦ | ଶାରଦ ଦୁଇ | କମଳା କାନ୍ତ ବେହେରା, ପି.- ବଂଶୀଧର ବେହେରା, ଜା: ଶୁଣ୍ଡି, ବା: ନିଜଗାଁ |
| | ୪୨୭ | ୦.୧୭୦ | ୦.୧୦୦ | ଶାରଦ ଦୁଇ | |
| ୨୬ | ୩୩୯ | ୦.୨୧୦ | ୦.୧୦୦ | ଶାରଦ ଦୁଇ | କାଙ୍ଗାଳି ଦଳେଇ, ପି.- ଅଜୟର ଦଳେଇ, ଜା: ଡୁମ, ବା: ବିରିପଦା |
| ୩୪ | ୪୧୭ | ୦.୦୬୦ | ୦.୦୩୦ | ଶାରଦ ଦୁଇ | କୃଷ୍ଣ ମୋହନ ପଢ଼ିଆରୀ, ଭଗବାନ ଚନ୍ଦ୍ର ପଢ଼ିଆରୀ, ପି.- କାଳି ଚରଣ ପଢ଼ିଆରୀ, ଜା: କୁବେର, ବା: ବିରିପଦା |
| ୩୯ | ୨୭୦ | ୦.୦୫୦ | ୦.୦୨୦ | ଶାରଦ ଦୁଇ | କୃଷ୍ଣ ମୋହନ ମିଶ୍ର, ପି.- ସୃଷ୍ଟିଧର ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୪୯୬ | ୦.୦୧୦ | ୦.୦୧୦ | ଶାରଦ ଦୁଇ | |
| ୪୦ | ୪୭୮ | ୦.୦୮୦ | ୦.୦୨୦ | ଶାରଦ ଦୁଇ | ଗୟା ପ୍ରସାଦ ସାହୁ, ପି.- ଲକ୍ଷ୍ମଣ ସାହୁ, ଜା: କୁବେର, ବା: ନିଜଗାଁ |
| | ୬୮୦ | ୦.୦୭୦ | ୦.୦୭୦ | ଶାରଦ ଦୁଇ | |
| ୪୬ | ୪୯୭ | ୦.୦୭୦ | ୦.୦୬୦ | ଶାରଦ ଦୁଇ | ଗଦାଧର ମିଶ୍ର, ବଂଶୀଧର ମିଶ୍ର, ପି.- ବୈକୁଣ୍ଠ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୪୭ | ୬୮୨ | ୦.୧୨୦ | ୦.୦୩୦ | ଶାରଦ ଦୁଇ | ଗଦାଧର ବେହେରା, ପି.- ମାଧବ ବେହେରା, ଜା: ଶୁଣ୍ଡି, ବା: ନିଜଗାଁ |
| ୫୭ | ୧୧୪୧ | ୦.୨୭୦ | ୦.୦୯୦ | ଶାରଦ ଏକ | ଗୁରୁ ପ୍ରସାଦ ଦାସ, ପି.- ବନମାଳି ଦାସ, ଜା: ରାଜୁ ବୈଷ୍ଣବ, ବା: ସୋରିସା |
| ୬୧ | ୬୫୯ | ୦.୧୮୦ | ୦.୦୮୦ | ଶାରଦ ଦୁଇ | ଗୋପାଳ ବେହେରା, ପି.- କାର୍ତ୍ତିକ ବେହେରା, ଜା: ରାଜୁ, ବା: ନିଜଗାଁ |
| | ୩୮୭ | ୦.୫୦୦ | ୦.୦୯୦ | ଘରବାରି | |
| ୬୪ | ୧୧୦୪ | ୦.୧୦୦ | ୦.୦୪୦ | ଚକ ନଂ. ୨୫୫ | ଗୋପାଳ କୃଷ୍ଣ ଘୋଷ ମହାପାତ୍ର, ପି.- ଉପେନ୍ଦ୍ର ଘୋଷ ମହାପାତ୍ର, ଜା: ରାଜୁ, ବା: ସୋରିସା |
| ୬୭ | ୩୬୪ | ୦.୩୫୦ | ୦.୦୬୦ | ଶାରଦ ଦୁଇ | ଗୋବିନ୍ଦ ପ୍ରସାଦ ସାହୁ, ସ୍ୱା.- ଉପେନ୍ଦ୍ର ନାଥ ସାହୁ, ଜା: ମୟରା, ବା: ବିରିପଦା |
| ୬୯ | ୧୧୪୦ | ୦.୨୧୦ | ୦.୦୮୦ | ଶାରଦ ଏକ | ଗୌରହରି ଘୋଷ ମହାପାତ୍ର, ରାଧା ମୋହନ ଘୋଷ ମହାପାତ୍ର, ପି.- ମହେନ୍ଦ୍ର ନାରାୟଣ ଘୋଷ ମହାପାତ୍ର, ଜା: ରାଜୁ, ବା: ସୋରିସା |
| ୭୦ | ୪୯୪ | ୦.୦୪୦ | ୦.୦୧୦ | ଶାରଦ ଏକ | ଚତୁର୍ଭୁଜ ମିଶ୍ର, ପି.- ଶ୍ରୀନିବାସ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୬୬୩ | ୦.୧୩୦ | ୦.୦୩୦ | ଶାରଦ ଦୁଇ | |
| | ୬୮୫ | ୦.୬୦୦ | ୦.୧୭୦ | ଶାରଦ ଦୁଇ | |
| ୭୭ | ୧୦୮୧ | ୦.୮୨୦ | ୦.୦୮୦ | ଚକ ନଂ. ୨୩୭ | ଯଦୁ ଜେନା, ପି.- ଠକର ଜେନା, ଜା: କୁଦୁମା, ବା: କଣ୍ଡରାଶୁଳ, ଥା: ମୁରୁଡ଼ା, ଜି.- ମୟୂରଭଞ୍ଜ |
| ୭୯ | ୬୭୮ | ୦.୧୬ | ୦.୧୬ | ଶାରଦ ଦୁଇ | ଝାଡ଼େଶ୍ୱର ସାହୁ, ପି.- କାର୍ତ୍ତିକ ସାହୁ, ଜା: ତେଲି, ବା: ନିଜଗାଁ |
| ୮୨ | ୭୪୯ | ୦.୨୪ | ୦.୦୧ | ଶାରଦ ଦୁଇ | ତିଳୋତ୍ତମା ପାଢ଼ୀ, ପି.- ବଳଭଦ୍ର ପାଢ଼ୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୮୮ | ୬୮୪ | ୦.୧୪ | ୦.୧୪ | ଶାରଦ ଦୁଇ | ଦେବେନ୍ଦ୍ର ରଣା, ରବିନ୍ଦ୍ର ରଣା, ସୁରେନ୍ଦ୍ର ରଣା, ପି.- ବୈକୁଣ୍ଠ ରଣା, ଜା: ମାଳି, ବା: ନିଜଗାଁ |
| ୮୯ | ୨୫୭ | ୦.୯୮ | ୦.୪୦ | ଶାରଦ ଦୁଇ | ଦେବେନ୍ଦ୍ର ନାଥ ମିଶ୍ର, ପି.- ଭାଗବତ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୨୫୮ | ୦.୦୭ | ୦.୦୪ | ପତିତ | |
| | ୨୫୯ | ୦.୨୨ | ୦.୨୨ | ଶାରଦ ତିନି | |
| ୯୧ | ୨୫୬ | ୦.୦୬ | ୦.୦୬ | ଶାରଦ ଦୁଇ | ଶ୍ରୀ ଭାଗବତ ଜୀଉ ବିଜେ ନିଜଗୃହ ସେବାୟତ, ଗୋମସ୍ତା ବ୍ରାହ୍ମଣ ପକ୍ଷେ, ବା: ଦେବେନ୍ଦ୍ର ନାଥ ମିଶ୍ର, ପି.- ଭାଗବତ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୯୪ | ୧୦୬୩ | ୦.୨୩ | ୦.୦୧ | ଚକ ନଂ. ୨୧୯ | ଦ୍ରୌପଦୀ ବିଶ୍ୱାଳ, ସ୍ୱା.- ରାମଚନ୍ଦ୍ର ବିଶ୍ୱାଳ, ଜା: ରାଜୁ, ବା: ସୋରିସା |
| ୧୦୦ | ୧୧୦୦ | ୩.୫୨ | ୦.୧୩ | ଚକ ନଂ. ୨୫୧ | ନରେନ୍ଦ୍ର ବିଶ୍ୱାଳ, ପି.- କ୍ଷେତ୍ର ବିଶ୍ୱାଳ, ଜା: ରାଜୁ, ବା: ସୋରିସା |
| | ୧୧୩୧ | ୧.୬୫ | ୦.୧୧ | ଚକ ନଂ. ୨୮୨ | |
| ୧୦୧ | ୧୧୦୫ | ୦.୪୭ | ୦.୧୧ | ଚକ ନଂ. ୨୫୬ | ଶ୍ରୀ ଭାଗବତ ଜୀଉ ଠାକୁର ବିଜେ ନିଜଗୃହ ମାରଫତ ବା: ନରେନ୍ଦ୍ର ନାଥ ବିଶ୍ୱାଳ, ପି.- କ୍ଷେତ୍ରୀ ମୋହନ ବିଶ୍ୱାଳ, ଜା: ରାଜୁ, ବା: ସୋରସା |
| ୧୦୨ | ୧୧୨୦ | ୦.୩୩ | ୦.୦୮ | ଚକ ନଂ. ୨୭୧ | ନାକଫୋଡ଼ି ଘୋଷ, ପି.- କାଙ୍ଗାଳି ଚରଣ ଘୋଷ, ଜା: ରାଜୁ, ବା: ସୋରିସା |
| ୧୦୫ | ୪୧୯ | ୦.୬୧ | ୦.୦୯ | ଶାରଦ ଏକ | ନାରାୟଣ ବେହେରା, ପି.- ବଂଶୀଧର ବେହେରା, ଜା: ଶୁଣ୍ଡି, ବା: ନିଜଗାଁ |
| ୧୦୮ | ୧୧୦୩ | ୦.୪୯ | ୦.୧୨ | ଚକ ନଂ. ୨୫୪ | ନାରାୟଣ ପଣ୍ଡା, ପି.- ପୀତାମ୍ବର ପଣ୍ଡା, ଜା: ବ୍ରାହ୍ମଣ, ବା: ସୋରିସା |
| ୧୦୯ | ୪୧୬ | ୦.୧୦ | ୦.୦୧ | ଶାରଦ ଦୁଇ | ନିରଞ୍ଜନ ବେହେରା, ପି.- ଚନ୍ଦ୍ର ମୋହନ ବେହେରା, ଜା: ଶୁଣ୍ଡି, ବା: ନିଜଗାଁ |
| ୧୧୧ | ୨୬୫ | ୦.୧୧ | ୦.୦୫ | ଘରବାରି | ନିଶାମଣି ରଥ, ପି.- ଲାଲ ମୋହନ ରଥ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୨୭୨ | ୦.୭୩ | ୦.୦୧ | ଘରବାରି | |
| ୧୧୩ | ୪୯୩ | ୦.୧୨ | ୦.୧୨ | ଶାରଦ ଦୁଇ | ପଦ୍ମନାଭ ମିଶ୍ର, ପି.- ସୁଦର୍ଶନ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୧୨୯ | ୮୦୯ | ୦.୪୨ | ୦.୦୫ | ଚକ ନଂ. ୨୧ | ପ୍ରଭାକର ସାହୁ, ପି.- ହରିହର ସାହୁ, ଜା: କୁବେର, ବା: ସୁନ୍ଦର କୁଲି |
| ୧୩୦ | ୮୧୦ | ୦.୨୨ | ୦.୧୨ | ଚକ ନଂ. ୨୨ | ପ୍ରଭାକର ସାହୁ, ପି.- ହରିହର ସାହୁ, ରେବତୀ ସାହୁ, ସ୍ୱା.- ହରିହର ସାହୁ, ଜା: କୁବେର, ବା: ସୁନ୍ଦରକୁରି |
| | ୮୧୨ | ୦.୫୨ | ୦.୦୨ | ଚକ ନଂ. ୨୪ | |
| ୧୪୪ | ୧୦୬୧ | ୨.୦୨ | ୦.୧୮ | ଚକ ନଂ. ୨୧୭ | ବନମାଳି ବେହେରା, କହ୍ନେଇ ବେହେରା, ଗୋପାଳ ବେହେରା, ମଧୁ ବେହେରା, ପି.- କାର୍ତ୍ତିକ ବେହେରା, ଜା: ରାଜୁ, ବା: ନିଜଗାଁ |
| ୧୫୨ | ୩୫୦ | ୦.୦୪ | ୦.୦୨ | ଆଡ଼ି | ବଂଶୀଧର ବେହେରା, ପି.- ଦୁର୍ଗା ଚରଣ ବେହେରା, ଜା: ଶୁଣ୍ଡି, ବା: ନିଜଗାଁ |
| | ୪୩୦ | ୦.୩୨ | ୦.୧୩ | ଶାରଦ ଦୁଇ | |
| | ୩୯୫ | ୨.୪୯ | ୦.୪୮ | ଶାରଦ ଦୁଇ | |
| ୧୫୪ | ୩୩୧ | ୦.୪୮ | ୦.୦୪ | ଶାରଦ ଦୁଇ | ଶ୍ରୀ ସିଦ୍ଧେଶ୍ୱର ମହାଦେବ ବିଜେ ନିଜଗାଁ ମାରଫତ ସମସ୍ତ ଗ୍ରାମବାସୀ ପକ୍ଷେ, ବା: ବଂଶୀଧର ବେହେରା, ପି.- ଦୁର୍ଗା ଚରଣ ବେହେରା, ନିରଞ୍ଜନ ବେହେରା, ପି.- ଚନ୍ଦ୍ର ମୋହନ ବେହେରା, ଜା: ଶୁଣ୍ଡି, ହରେନ୍ଦ୍ର ମିଶ୍ର, ପି.- ଭାଗବତ ମିଶ୍ର, ସୁରେନ୍ଦ୍ର ମିଶ୍ର, ପି.- ଶ୍ରୀନିବାସ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୧୫୫ | ୩୫୧ | ୦.୩୧ | ୦.୨୫ | ଶାରଦ ଦୁଇ | ପଣସାପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାର୍ଫତ, ଚେୟାରମ୍ୟାନ, ବା: ବଂଶୀଧର ବେହେରା, ପି.- ଦୁର୍ଗା ଚରଣ ବେହେରା, ଜା: ଶୁଣ୍ଡି, ବା: ନିଜଗାଁ |
| ୧୫୬ | ୮୦୬ | ୦.୭୯ | ୦.୦୧ | ଚକ ନଂ. ୧୮ | ବଂଶୀଧର ଖୋର୍ଦ୍ଧା, ଜାନକୀ ମଣି ଖୋର୍ଦ୍ଧା, ପି.- ପ୍ରତାପ ଚନ୍ଦ୍ର ଖୋର୍ଦ୍ଧା, ପ୍ରତାପ ଚନ୍ଦ୍ର ଖୋର୍ଦ୍ଧା, ପି.- ଗଣେଶ ଚନ୍ଦ୍ର ଖୋର୍ଦ୍ଧା, ଜା: ପାଟରା, ବା: ସୁନ୍ଦର କୁଲି |
| ୧୫୮ | ୨୬୯ | ୦.୦୪ | ୦.୦୪ | ଶାରଦ ଦୁଇ | ବାୟାଣୀ ସାହୁ, ସ୍ୱା.- ଶ୍ରୀହରି ସାହୁ, ଜା: ଗୁଡ଼ିଆ, ବା: ନିଜଗାଁ |
| ୧୬୦ | ୪୯୫ | ୦.୩୪ | ୦.୧୨ | ଶାରଦ ଦୁଇ | ବାଇନ କୁଅଁର, ପି.- ନାଥ କୁଅଁର, ଜା: ତନ୍ତି, ବା: ନିଜଗାଁ |
| ୧୬୪ | ୩୨୯ | ୦.୫୩ | ୦.୨୦ | ଶାରଦ ଦୁଇ | ବିଜୟ କୁମାର ବେହେରା, ପି.- ବଂଶୀଧର ବେହେରା, ଜା: ଶୁଣ୍ଡି, ବା: ନିଜଗାଁ |
| | ୩୩୦ | ୦.୭୦ | ୦.୨୨ | ଶାରଦ ଦୁଇ | |
| ୧୭୦ | ୪୭୪ | ୦.୦୪ | ୦.୦୪ | ଶାରଦ ଦୁଇ | ବିଷ୍ଣୁ ସାହୁ, ହରି ସାହୁ, ପି.- ବିଦ୍ୟାଧର ସାହୁ, ଶରଦା ମଣି ସାହୁ, ସ୍ୱା.- ବିଦ୍ୟାଧର ସାହୁ, ଜା: ତେଲି, ବା: ନିଜଗାଁ |
| ୧୭୬ | ୪୯୨ | ୦.୧୦ | ୦.୦୨ | ଶାରଦ ଦୁଇ | ଭଗବାନ ରଣା, କାର୍ତ୍ତିକ ରଣା, ନାରାୟଣ ରଣା, ପି.- ଦେବେନ୍ଦ୍ର ରଣା, ଜା: ମାଳି, ବା: ନିଜଗାଁ |
| ୧୭୮ | ୨୬୭ | ୦.୦୭ | ୦.୦୭ | ଶାରଦ ଦୁଇ | ଭାଗବତ ଧର, ପି.- ଗଜେନ୍ଦ୍ର ନାରାୟଣ ଧର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୧୮୯ | ୨୬୬ | ୦.୫୪ | ୦.୦୭ | ଶାରଦ ଦୁଇ | ମହିନ୍ଦ୍ର ନାଥ ଧର, ପି.- ମଧୁ ସୂଦନ ଧର, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୪୭୦ | ୦.୦୨ | ୦.୦୧ | ଶାରଦ ଦୁଇ | |
| | ୪୭୨ | ୦.୧୦ | ୦.୦୪ | ଶାରଦ ଦୁଇ | |
| | ୬୬୨ | ୦.୦୮ | ୦.୦୫ | ଶାରଦ ଦୁଇ | |
| | ୬୭୫ | ୦.୦୨ | ୦.୦୨ | ଶାରଦ ଦୁଇ | |
| | ୭୫୧ | ୦.୩୯ | ୦.୦୩ | ଶାରଦ ଦୁଇ | |
| ୧୯୮ | ୪୧୮ | ୦.୫୯ | ୦.୧୫ | ଶାରଦ ଦୁଇ | ମୃତ୍ୟୁଞ୍ଜୟ ବେହେରା, ପି.- ବଂଶୀଧର ବେହେରା, ଜା: ଶୁଣ୍ଡି, ବା: ନିଜଗାଁ |
| | ୪୩୯ | ୦.୧୧ | ୦.୦୬ | ଶାରଦ ଦୁଇ | |
| | ୪୪୦ | ୦.୨୨ | ୦.୧୪ | ଶାରଦ ଦୁଇ | |
| ୨୦୨ | ୧୧୧୫ | ୦.୮୪ | ୦.୨୨ | ଚକ ନଂ. ୨୬୬ | ମୃତ୍ୟୁଞ୍ଜୟ ଘୋଷ ମହାପାତ୍ର, ପି.- ମହେଶ୍ୱର ଘୋଷ ମହାପାତ୍ର, ଜା: ରାଜୁ, ବା: ନିଜଗାଁ |
| ୨୦୪ | ୧୦୮୦ | ୦.୮୩ | ୦.୧୫ | ଚକ ନଂ. ୨୩୬ | ମୁରଲୀଧର ଘୋଷ ମହାପାତ୍ର, ହରିଶ୍ଚନ୍ଦ୍ର ଘୋଷ ମହାପାତ୍ର, ରାଧା ଗୋବିନ୍ଦ ଘୋଷ ମହାପାତ୍ର, କମଳାକାନ୍ତ ଘୋଷ ମହାପାତ୍ର, ପି.- ନନ୍ଦ କିଶୋର ଘୋଷ ମହାପାତ୍ର, ଜା: ରାଜୁ, ବା: ସୋରିସା |
| | ୧୧୧୪ | ୦.୪୩ | ୦.୧୩ | ଚକ ନଂ. ୨୬୫ | |
| ୨୨୧ | ୪୧୫ | ୦.୧୪ | ୦.୦୧ | ଶାରଦ ଦୁଇ | ରାସମଣି ସାହୁ, ସ୍ୱା.- ପହଲା ସାହୁ, ଜା: ଶୁଣ୍ଡି, ବା: ନିଜଗାଁ |
| ୨୨୫ | ୩୮୯ | ୧.୯୪ | ୧.୦୦ | ଶାରଦ ଦୁଇ | ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ, ପି.- ଅନିରୁଦ୍ଧ ପାଣିଗ୍ରାହୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୩୯୦ | ୦.୧୧ | ୦.୦୧ | ଜଳାଶୟ ଦୁଇ | |
| ୨୪୨ | ୪୩୪ | ୦.୩୨ | ୦.୧୦ | ଶାରଦ ଦୁଇ | ସଞ୍ଜୟ କୁମାର ବେହେରା, ବିଜୟ କୁମାର ବେହେରା, ପି.- ହରିହର ବେହେରା, ଜା: ଶୁଣ୍ଡି, ବା: ନିଜଗାଁ |
| | ୪୩୮ | ୦.୦୮ | ୦.୦୧ | ଶାରଦ ଦୁଇ | |
| | ୪୬୫ | ୦.୯୩ | ୦.୧୪ | ଶାରଦ ଦୁଇ | |
| | ୪୬୬ | ୦.୨୮ | ୦.୦୯ | ଶାରଦ ଦୁଇ | |
| ୨୪୬ | ୪୨୮ | ୦.୦୪ | ୦.୦୧ | ଶାରଦ ଦୁଇ | ଶମ୍ଭୁନାଥ ସାହୁ, ପି.- ରଘୁନାଥ ସାହୁ, ଜା: କୁବେର, ବା: ବିରିପଦା |
| ୨୫୩ | ୩୪୮ | ୦.୫୩ | ୦.୨୪ | ଶାରଦ ଦୁଇ | ସୀତାରାମ ରାଉତ, କାଙ୍ଗାଳି ରାଉତ, ଆଦିକନ୍ଦ ରାଉତ, ପି.- ହର ରାଉତ, ଜା: ରାଢ଼ୀ, ବା: ନିଜଗାଁ |
| | ୬୮୧ | ୦.୧୦ | ୦.୦୩ | ଶାରଦ ଦୁଇ | |
| ୨୬୩ | ୧୦୬୪ | ୧.୫୭ | ୦.୪୦ | ଚକ ନଂ. ୨୨୦ | ଶିବ ନାରାୟଣ ଜେନା, ପି.- ହରି ଜେନା, ଜା: କୁଦୁମା, ବା: କଣ୍ଡରାଶୁକ, ଥା: ମୁରୁଡ଼ା, ଜି.- ମୟୂରଭଞ୍ଜ |
| ୨୬୬ | ୮୦୩ | ୦.୬୪ | ୦.୧୪ | ଚକ ନଂ. ୧୫ | ଶ୍ରୀହରି ସାହୁ, ପି.- କାର୍ତ୍ତିକ ସାହୁ, ଜା: କୁବେର, ବା: ସୁନ୍ଦରକୁଲି |
| | ୮୧୧ | ୦.୪୫ | ୦.୧୯ | ଚକ ନଂ. ୨୩ | |
| ୨୬୯ | ୪୭୫ | ୦.୦୪ | ୦.୦୪ | ଶାରଦ ଦୁଇ | ଶ୍ରୀକାନ୍ତ ସାହୁ, ପି.- ମାଧବ ସାହୁ, ଜା: ତେଲି, ବା: ନିଜଗାଁ |
| ୨୭୦ | ୧୧୧୮ | ୦.୯୪ | ୦.୨୫ | ଚକ ନଂ. ୨୬୯ | ଶ୍ରୀକାନ୍ତ ବିଶ୍ୱାଳ, ପି.- ରାଧାଶ୍ୟାମ ବିଶ୍ୱାଳ, ଜା: ରାଜୁ, ବା: ସୋରିସା |
| ୨୭୧ | ୩୬୧ | ୦.୨୮ | ୦.୨୧ | ଶାରଦ ଦୁଇ | ସୁଦର୍ଶନ ବେହେରା, ପି.- ଚୈତନ୍ୟ ବେହେରା, ଜା: ଖଦାଳ, ବା: ନିଜଗାଁ |
| | ୩୬୩ | ୦.୨୩ | ୦.୧୮ | ଶାରଦ ଦୁଇ | |
| ୨୭୭ | ୧୧୩୪ | ୦.୫୭ | ୦.୧୫ | ଚକ ନଂ. ୨୮୪ | ସୁରେନ୍ଦ୍ର ମହାନ୍ତି, ପି.- ରାମ ମହାନ୍ତି, ଜା: ରାଜୁ, ବା: ସୋରିସା |
| ୨୭୮ | ୮୦୨ | ୦.୦୮ | ୦.୦୧ | ଚକ ନଂ. ୧୪ | ସୁରେନ୍ଦ୍ର ନାଥ ସାହୁ, ପି.- ନୀଳକଣ୍ଠ ସାହୁ, ଜା: ତେଲି, ବା: ସୁନ୍ଦରକୁଲି |
| ୨୮୨ | ୨୬୦ | ୦.୩୫ | ୦.୧୧ | ଶାରଦ ଦୁଇ | ସୁରେନ୍ଦ୍ର ନାଥ ମିଶ୍ର, ପି.- ଶ୍ରୀନିବାସ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୨୮୫ | ୧୦୬୦ | ୦.୯୫ | ୦.୧୭ | ଚକ ନଂ. ୨୧୬ | ସୁଶୀଲ ଚନ୍ଦ୍ର ଘୋଷ ମହାପାତ୍ର, ସୁବୋଧ ଘୋଷ ମହାପାତ୍ର, ପି.- କାଳୀ ଚରଣ ଘୋଷ ମହାପାତ୍ର, ମୃତ୍ୟୁଞ୍ଜୟ ଘୋଷ ମହାପାତ୍ର, ପି.- ମହେଶ୍ୱର ଘୋଷ ମହାପାତ୍ର, ଜା: ରାଜୁ, ବା: ସୋରିସା |
| ୨୮୯ | ୧୧୩୩ | ୦.୬୩ | ୦.୧୬ | ଚକ ନଂ. ୨୮୩ | ହର ପ୍ରଧାନ, ପି.- ଭୁକୁ ପ୍ରଧାନ, ଜା: ରାଜୁ, ବା: ସୋରିସା |
| ୨୯୮ | ୨୬୮ | ୦.୨୦ | ୦.୨୦ | ଶାରଦ ଦୁଇ | ହରେନ୍ଦ୍ର ନାଥ ମିଶ୍ର, ପି.- ଭାଗବତ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୫୦୦ | ୦.୧୮ | ୦.୦୭ | ଶାରଦ ଦୁଇ | |
| | ୬୭୯ | ୦.୨୯ | ୦.୨୧ | ଶାରଦ ଦୁଇ | |
| ୩୦୨ | ୪୫୨ | ୦.୨୬ | ୦.୦୧ | ଶାରଦ ଦୁଇ | ହୀରା ମୋହନ ସାହୁ, ପି.- କୃଷ୍ଣ ସାହୁ, ଜା: ଶୁଣ୍ଡି, ବା: ନିଜଗାଁ |
| ୩୦୫ | ୧୦୭୩ | ୦.୨୬ | ୦.୧୪ | ଚକ ନଂ. ୨୨୯ | ହୃଦାନନ୍ଦ ଘୋଷ, ପି.- କାଳି ଘୋଷ, ଜା: ରାଜୁ, ବା: ସୋରିସା |
| | ୧୧୨୧ | ୦.୨୯ | ୦.୦୮ | ଚକ ନଂ. ୨୭୨ | |
| ୩୦୫/୪୬ | ୧୦୬୫ | ୦.୫୮ | ୦.୧୪ | ଚକ ନଂ. ୨୨୧ | ଗଙ୍ଗାଧର ପ୍ରଧାନ, ପି.- ଶ୍ରୀହରି ପ୍ରଧାନ, ଜା: ରାଜୁ, ବା: ସୋରିସା |
| ୩୦୫/୪୯ | ୩୮୯/ ୧୧୭୭ | ୦.୪୫ | ୦.୦୭ | ଶାରଦ ଦୁଇ | ନିରଞ୍ଜନ ବେହେରା, ପି.- ଚନ୍ଦ୍ର ମୋହନ ବେହେରା, ଜା: ଶୁଣ୍ଡି, ବା: ପଣସାପଡ଼ା |
| ୩୦୫/୫୩ | ୪୭୧ | ୦.୧୦ | ୦.୦୧ | ଶାରଦ ଦୁଇ | ଅଜୟ କୁମାର ଦାସ, ପି.- ପୂର୍ଣ୍ଣଚନ୍ଦ୍ର ଦାସ, ଜା: ଖଣ୍ଡାୟତ, ବା: ପଣସାପଡ଼ା |
| | ୪୯୧ | ୦.୧୯ | ୦.୦୪ | ଶାରଦ ଦୁଇ | |
| ୩୦୫/୫୮ | ୪୩୬ | ୦.୨୬ | ୦.୦୪ | ଶାରଦ ଦୁଇ | ସୁଶୀଲ କୁମାର ବେହେରା, ପି.- ଦିବାକର ବେହେରା, ଗୌରୀଶଙ୍କର ବେହେରା, ପି.- ଭାସ୍କର ବେହେରା, ଜା: ଶୁଣ୍ଡି, ବା: ପଣସାପଡ଼ା |
| ୩୦୫/୮୫ | ୪୯୬/ ୧୧୯୭ | ୦.୦୬ | ୦.୦୪ | ଶାରଦ ଦୁଇ | ସନ୍ତୋଷ କୁମାର ମିଶ୍ର, ନୃସିଂହ କୁମାର ମିଶ୍ର, ସୁରେଶ କୁମାର ମିଶ୍ର, ପି.- ପରମାନନ୍ଦ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୩୦୫/୯୭ | ୪୭୩ | ୦.୦୮ | ୦.୦୮ | ଶାରଦ ଦୁଇ | ପୂର୍ଣ୍ଣଚନ୍ଦ୍ର ବେହେରା, ପଞ୍ଚାନନ ବେହେରା, ଶତୃଘନ ବେହେରା, ସୁଦର୍ଶନ ବେହେରା, ପି.- ଗୋପାଳ ବେହେରା, ଜା: ରାଜୁ, ବା: ନିଜଗାଁ |
| ୩୦୫/ ୧୦୦ | ୬୭୭ | ୦.୦୬ | ୦.୦୬ | ଶାରଦ ଦୁଇ | ସିଦ୍ଧେଶ୍ୱର ରାଉତ, ପି.- କାଙ୍ଗାଳୀ ରାଉତ, ଜା: ନିଆରୀ, ବା: ନିଜଗାଁ |
| ୩୦୫/ ୧୧୭ | ୪୩୫ | ୦.୧୮ | ୦.୧୩ | ଶାରଦ ଦୁଇ | ଅଜୟ କୁମାର ଦାସ, ପି.- ପୂର୍ଣ୍ଣଚନ୍ଦ୍ର ଦାସ, ଜା: ଖଣ୍ଡାୟତ, ବା: ପଣସାପଡ଼ା |
| ୩୦୫/ ୧୩୭ | ୪୩୧ | ୦.୧୩ | ୦.୦୩ | ଶାରଦ ଦୁଇ | ପ୍ରବାସ କାମିଲା, ପି.- ରାମଚନ୍ଦ୍ର କାମିଲା, ଜା: କାମିଲା, ବା: ପଣସାପଡ଼ା |
| ୩୦୫/ ୧୩୯ | ୧୧୦୬ | ୦.୪୮ | ୦.୧୨ | ଚକ ନଂ. ୨୫୭ | ଅନିଲ କୁମାର ବେହେରା, ପି.- ଅନାଦି ବେହେରା, ଜା: ନିଆରୀ, ବା: ସୋରିସା |
| ୩୦୫/ ୧୪୮ | ୮୦୪ | ୦.୧୫ | ୦.୦୬ | ଚକ ନଂ. ୧୬ | ଅକ୍ଷୟ ନାରାୟଣ ସାହୁ, ପି.- ରାଜେନ୍ଦ୍ର ସାହୁ, ଜା: ଏକାଦଶ ତେଲି, ବା: ସୁନ୍ଦରକୁଲି |
| ୩୦୫/ ୧୫୨ | ୨୫୩ | ୦.୧୩ | ୦.୦୮ | ଶାରଦ ଦୁଇ | ଲକ୍ଷ୍ମୀଧର ବେହେରା, ପି.- ଯୋଗେନ୍ଦ୍ର ବେହେରା, ଜା: କୁମ୍ଭକାର, ବା: ନିଜଗାଁ |
| ୩୦୫/ ୧୫୭ | ୬୮୧/ ୧୨୧୬ | ୦.୦୫ | ୦.୦୧ | ଶାରଦ ଦୁଇ | ବିନୋଦ ରାଉତ, ପି.- କାଙ୍ଗାଳି ରାଉତ, ଜା: ରାଢୀ, ବା: ନିଜଗାଁ |
| ୩୦୫/ ୧୬୩ | ୩୩୮ | ୦.୧୬ | ୦.୦୭ | ଶାରଦ ଦୁଇ | ବିକର୍ତ୍ତନ ସାହୁ, ପି.- ପୂର୍ଣ୍ଣଚନ୍ଦ୍ର ସାହୁ, ଜା: କୁବେର, ବା: ପଣସାପଡ଼ା |
| | ୩୩୮/ ୧୧୯୦ | ୦.୧୭ | ୦.୧୫ | ଶାରଦ ଦୁଇ | |
| ୩୦୫/ ୧୭୧ | ୧୦୫୨ | ୦.୫୮ | ୦.୦୨ | ଚକ ନଂ. ୨୦୮ | ଲକ୍ଷ୍ମୀପ୍ରିୟା ସାହୁ, ସ୍ୱା.- ଲକ୍ଷ୍ମୀଧର ସାହୁ, ଜା: କୁବେର, ବା: ସୁନ୍ଦରକୁଲି |
| ୩୦୫/ ୧୭୬ | ୬୮୪/ ୧୨୨୧ | ୦.୧୩ | ୦.୦୩ | ଶାରଦ ଦୁଇ | ଭଗବାନ ରଣା, ପି.- ଦେବେନ୍ଦ୍ର ରଣା, ଜା: ମାଳି, ବା: ନିଜଗାଁ |
| ୩୦୫/ ୧୮୧ | ୪୨୬ | ୦.୧୪ | ୦.୦୨ | ଶାରଦ ଏକ | ଶ୍ରୀଧର ବେହେରା, ପି.- ଗଦାଧର ବେହେରା, ଜା: ଶୁଣ୍ଡି, ବା: ନିଜଗାଁ |
| ୩୦୫/ ୧୮୨ | ୬୮୪/ ୧୨୨୪ | ୦.୧୩ | ୦.୦୨ | ଶାରଦ ଦୁଇ | ଭଗବାନ ରଣା, ପି.- ଦେବେନ୍ଦ୍ର ରଣା, ଜା: ମାଳି, ବା: ନିଜଗାଁ |
| ୩୦୫/ ୧୮୬ | ୨୬୬/ ୧୨୨୫ | ୦.୧୦ | ୦.୧୦ | ଶାରଦ ଦୁଇ | ଶକୁନ୍ତଳା ମିଶ୍ର, ସ୍ୱା.- ଭାସ୍କର ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୩୦୫/ ୧୮୯ | ୬୭୬ | ୦.୦୭ | ୦.୦୭ | ଶାରଦ ଦୁଇ | ଶ୍ରୀନିବାସ ପାତ୍ର, ସୁବାଷ ଚନ୍ଦ୍ର ପାତ୍ର, ନାରାୟଣ ପାତ୍ର, ଗଦାଧର ପାତ୍ର, ପି.- ନନ୍ଦ କିଶୋର ପାତ୍ର, ଜା: ରାଜୁ, ବା: ଜଗନ୍ନାଥପୁର |
| ୩୦୫/ ୧୯୪ | ୧୦୭୨ | ୦.୨୩ | ୦.୦୪ | ଚକ ନଂ. ୨୨୮ | ବିଭୂତି କୁଣ୍ଡ, ରବିନ୍ଦ୍ର କୁଣ୍ଡ, ପି.- ଦାତାରାମ କୁଣ୍ଡ, ଜା: ରାଜୁ, ବା: ସରିଷା |
| ୨୩୬ | ୬୭୪ | ୦.୦୨ | ୦.୦୧ | ଶାରଦ ଦୁଇ | ଶଙ୍କର ବେହେରା, ପି.- ଅନାଦି ବେହେରା, ଜା: ଖଦାଳ, ବା: ନିଜଗାଁ |
| ୩୦୫/ ୨୦୧ | ୩୮୯/ ୧୨୩୩ | ୦.୩୦ | ୦.୧୧ | ଶାରଦ ଦୁଇ | ପୂର୍ଣ୍ଣଚନ୍ଦ୍ର ବେହେରା, ପି.- ଗୋପାଳ ବେହେରା, ଜା: ରାଜୁ, ବା: ନିଜଗାଁ |
| ସମପରିମାଣ ଗୋଚର ପ୍ରତିବଦଳ | | | | | |
| ୨୮୨ | ୨୬୧ | ୦.୫୪ | ୦.୫୪ | ଶାରଦ ତିନି | ସୁରେନ୍ଦ୍ର ନାଥ ମିଶ୍ର, ପି.- ଶ୍ରୀନିବାସ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ମୋଟ | ୧୨୯ ପ୍ଲଟକୁ | ଏ. ୪୯.୪୭ ଡେ.ମି. | ଏ. ୧୩.୧୭ ଡେ.ମି. | | |

OIPR-24001/14/0059/2021



ଦେଶରେ କରୋନା ମହାମାରୀ ସଂକ୍ରମଣ ଜାରି ରହିଛି। ଏପରିସ୍ଥଳେ ଛତିଶଗଡ଼ରେ ଯମରାଜ ଏବଂ ଚିତ୍ରଗୁପ୍ତଙ୍କ ଯୋଡ଼ି ରାଜରାସ୍ତାରେ ବୁଲିବୁଲି ଲୋକଙ୍କୁ କରୋନା ସଂକ୍ରମଣରୁ ଦୂରେଇ ରହିବା ଲାଗି ସଚେତନ କରାଇବା ଆରମ୍ଭ କରିଛନ୍ତି। ସାମାଜିକ ଦୂରତା ଅବଲମ୍ବନ, ମାସ୍କ ପିନ୍ଧିବା ଏବଂ ନିୟମିତ ବ୍ୟବଧାନରେ ହାତ ଧୋଇବା ଆଦି ନେଇ ସେମାନେ ସଚେତନ କରାଉଛନ୍ତି। ଏହା ସହିତ ସେମାନେ ଟ୍ରାଫିକ୍ ନିୟମ ପାଳନ କରିବାକୁ ମଧ୍ୟ ଲୋକଙ୍କୁ ଅନୁରୋଧ କରୁଛନ୍ତି। ଏହାର ୧ ମିନିଟ୍ ୧୭ ସେକେଣ୍ଡର ଏକ ଭିଡ଼ିଓ ଏବେ ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି।

# ରିୟାଙ୍କ ଟୁଇଟର ଆକାଉଣ୍ଟ ହ୍ୟାକ୍



ରିୟା ଚକ୍ରବର୍ତ୍ତୀ

**ମୁମ୍ବାଇ:** ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁର ଯାଞ୍ଚ ପାଇଁ ପ୍ରଥମଥର ପ୍ରେମିକା ରିୟା ଚକ୍ରବର୍ତ୍ତୀ ସିବିଆଇ ତଦନ୍ତ ଦାବି କରିଥିବାବେଳେ ତାଙ୍କ ଟୁଇଟର ଆକାଉଣ୍ଟ ହ୍ୟାକ୍ କରାଯାଇଛି। ରିୟା ନିଜେ ଆସି ଅଭିନେତା ସୁଶାନ୍ତଙ୍କ ମୃତ୍ୟୁ ସମ୍ପର୍କରେ ସିବିଆଇ ତଦନ୍ତ ଦାବି କରିଥିଲେ। ସିବିଆଇକୁ ହସ୍ତାନ୍ତର କରିବାକୁ ରିୟା ଟୁଇଟର୍‌ରେ ଗୃହମନ୍ତ୍ରୀ ଅମିତ ଶାହାଙ୍କ ସହ କଥା ହୋଇଥିଲେ। ଅଭିନେତ୍ରୀ ତାଙ୍କ ପୋଷ୍ଟରେ ଅନେକ କଥା ପ୍ରକାଶ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ। ତଥାପି ସୋସିଆଲ ମିଡିଆରେ ଆଉ କିଛି ଟ୍ରେଣ୍ଡ ଆରମ୍ଭ ହୋଇଥିଲା। ରିୟା ଟୁଇଟ୍ କରି ଅମିତ ଶାହାଙ୍କୁ କହଥିଲେ, ମୁଁ ସୁଶାନ୍ତଙ୍କ ଗର୍ଲଫ୍ରେଣ୍ଡ। ତାଙ୍କ ମୃତ୍ୟୁକୁ ଏକ ମାସ ବିତିଗଲାଣି। ମୋର ସରକାରଙ୍କ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ଅଛି, କିନ୍ତୁ ନ୍ୟାୟ ପାଇଁ ମୁଁ ଦାବି କରୁଛି। ଏହି ମାମଲାରେ ସିବିଆଇ ତଦନ୍ତ କରାଯାଉ। ମୁଁ ଜାଣିବାକୁ ଚାହେଁ ତାଙ୍କ ଉପରେ କ'ଣ ଟେନ୍‌ସନ ଥିଲା ଯେ, ସୁଶାନ୍ତ ଏତେ ବଡ଼ ପଦକ୍ଷେପ ନେଲେ। ବର୍ତ୍ତମାନ ରିୟାଙ୍କ ଏହି ଟୁଇଟ୍ ପରେ ସୁଶାନ୍ତଙ୍କ ପ୍ରଶଂସକମାନେ ଉତ୍ସାହିତ ହୋଇପଡ଼ିଛନ୍ତି। ଅଭିନେତା ଶେଖର ସୁମନ ମଧ୍ୟ ରିୟାଙ୍କୁ ପ୍ରଶଂସା କରି ଟୁଇଟ୍ କରିଛନ୍ତି। ମାତ୍ର କିଛି ସମୟ ମଧ୍ୟରେ ସୋସିଆଲ ମିଡିଆରେ ରିୟାଙ୍କ ଟୁଇଟର ଆକାଉଣ୍ଟକୁ ହ୍ୟାକ୍ କରାଯାଇଛି। ରିୟାଙ୍କ ଟୁଇଟ୍‌ରେ ଅନେକ ୟୁଜର ଭାବୁଛନ୍ତି, ଏହି ଟୁଇଟ୍ ଅଭିନେତ୍ରୀଙ୍କ ଦ୍ୱାରା କରାଯାଇନାହିଁ। ଏହାକୁ କେହି ହ୍ୟାକ୍ କରିଛି। ଜଣେ ୟୁଜର ଲେଖିଛନ୍ତି, ରିୟାଙ୍କ ଟୁଇଟର୍ ହ୍ୟାକ୍ ହୋଇଛି। ଟୁଇଟ୍‌ରେ ଅଜବ ଭୁଲ ସବୁ ଦେଖିବାକୁ ମିଳିଛି। ନାମର ପ୍ରଥମ ଅକ୍ଷର ଛୋଟ ଅକ୍ଷରରେ ଲେଖାଯାଇଛି।

# କିଲିଂ ମେଶିନ 'ମୋସାଦ୍'

ସାମରିକ ଶକ୍ତିରେ ବଳୀୟାନ ଇହୁଦୀ ରାଷ୍ଟ୍ର ଇସ୍ରାଏଲ। ଏହି ଦେଶ ଉପରକୁ ଆଖି ଉଠାଇବା ଆଗରୁ ମହାଶକ୍ତିଶାଳୀ ଆମେରିକା ମଧ୍ୟ ଶହେ ଥର ଚିନ୍ତା କରିବ। ଆଉ ଥରେ ଶତ୍ରୁକୁ ନିପାତ କରିବାର ନିଷ୍ପତ୍ତି ନେଇଯିବା ପରେ ତାହାକୁ କାର୍ଯ୍ୟକାରୀ କରିବାରେ ତିଳେମାତ୍ର ପଛଘୁଞ୍ଚା ଦିଏନାହିଁ ଇସ୍ରାଏଲୀ ସେନା। ଯେ କୌଣସି ଦେଶରେ ପଶି କଳବଳ କୌଶଳ ଲଗାଇ ଶତ୍ରୁକୁ ନିପାତ କରିବାରେ ସିଦ୍ଧହସ୍ତ ଇସ୍ରାଏଲର ଜାତୀୟ ଗୋଇନ୍ଦା ସଂସ୍ଥା 'ମୋସାଦ୍'। ଏଥିଲାଗି 'ମୋସାଦ୍' ଉପରେ ଲାଗିଛି କିଲିଂ ମେଶିନର ମୋହର।

## ଇସ୍ରାଏଲ ଗୋଇନ୍ଦା ସଂସ୍ଥା





**ନୂଆଦିଲ୍ଲୀ:** 'ମୋସାଦ୍'। ଏହି ନାମ ପାଇଁ କୌଣସି ପରିଚୟର ଆବଶ୍ୟକତା ନାହିଁ। ଗୋଇନ୍ଦାଗିରିରେ ସବୁଠାରୁ ତୀକ୍ଷ୍ଣ ଇସ୍ରାଇଲର ଏହି ଜାତୀୟ ଗୋଇନ୍ଦା ସଂସ୍ଥା ଶତ୍ରୁ ରାଷ୍ଟ୍ର ଲାଗି ସବୁବେଳେ ଘାତକ ସାବ୍ୟସ୍ତ ହୋଇଆସିଛି। 'ମୋସାଦ୍' ପାଖରୁ ପ୍ରଶିକ୍ଷଣ ପାଇବା ପରେ ଭାରତୀୟ ଗୋଇନ୍ଦା ସଂସ୍ଥା ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ (ର) ଅନେକ ମିଶନରେ ସଫଳ ହୋଇପାରିଛି। ଇସ୍ରାଏଲ ଏଭଳି ଏକ ଦୁର୍ଦ୍ଧର୍ଷ ଗୋଇନ୍ଦାସଂସ୍ଥା ସୃଷ୍ଟି କରିବା ପଛରେ ରହିଛି ଅନେକ କାରଣ। ଇହୁଦୀ ଧର୍ମାବଲମ୍ବୀ ବହୁଳ ଏହି ଦେଶର ଚତୁଃପାର୍ଶ୍ୱକୁ ଘେରି ରହିଛନ୍ତି ୧୩ ମୁସ୍‌ଲିମ ରାଷ୍ଟ୍ର। ସେମାନେ ଇସ୍ରାଏଲ୍‌କୁ ହରଡ଼ଘଣାରେ ପକାଇବାକୁ ସବୁବେଳେ ଉଦ୍ୟମ କରିଆସୁଛନ୍ତି। ନିଜର ଅସ୍ତିତ୍ୱ ବଞ୍ଚାଇବା ଲାଗି ଇହୁଦୀମାନେ ଆପ୍ରାଣ ଉଦ୍ୟମ କରୁଥିବାବେଳେ ମୁସ୍‌ଲିମ୍ ଦେଶଗୁଡ଼ିକ କବଳରୁ ନିଜର ସୀମାକୁ ସୁରକ୍ଷିତ ରଖିବା ଲାଗି ୧୯୪୯ ଡିସେମ୍ବରରେ ପ୍ରତିଷ୍ଠା ହୋଇଥିଲା 'ମୋସାଦ୍'। ଏହାର ମୁଖ୍ୟାଳୟ ରହିଛି 'ଟେଲ ଅଭିଭ୍ ୟାଫୋ' ସହରରେ। ଗୋଇନ୍ଦାଗିରି ପାଇଁ ଚର୍ଚ୍ଚିତ ଏହି ଏଜେନ୍ସି ଦୁନିଆର ଯେ କୌଣସି ସ୍ଥାନରେ ଲୁଚି ରହିଥିବା ଶତ୍ରୁକୁ ଖୋଜି ବାହାର କରିବା ଏବଂ ସେମାନଙ୍କୁ ନିପାତ କରିବାରେ ଦକ୍ଷ। ଏଥିଲାଗି ଗୋଇନ୍ଦାସଂସ୍ଥା ପକ୍ଷରୁ ବଛା ବଛା ଅଫିସରଙ୍କୁ ସ୍ୱତନ୍ତ୍ର ଭାବେ ତାଲିମ ଦିଆଯାଇଥାଏ। ଏହି କଠିନ ପରୀକ୍ଷାରେ ଶାରୀରିକ, ମାନସିକ, ବୌଦ୍ଧିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡ଼େ। ସେମିତିରେ ମୁସ୍‌ଲିମ ବହୁଳ ପଡ଼ୋଶୀ ଦେଶର ମୁକାବିଲା କରିବାକୁ ଯେକୌଣସି ସମୟରେ ଇସ୍ରାଇଲ ନାଗରିକ ପ୍ରସ୍ତୁତ ଥାଆନ୍ତି। ତେବେ 'ମୋସାଦ୍'ର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଏହାକୁ ସ୍ୱତନ୍ତ୍ର କରିଛି। ଅପରେଶନ ସମୟରେ ଗୋଇନ୍ଦା ଏଜେଣ୍ଟଙ୍କୁ ପ୍ରଥମରୁ ହିଁ ସ୍ପଷ୍ଟ କରିଦିଆଯାଇଥାଏ, ଯଦି ସେମାନେ କୌଣସି ସ୍ଥାନରେ ଧରାପଡ଼ିଯାଆନ୍ତି ତେବେ ଇସ୍ରାଇଲ ପାଇଁ ସେ ହୋଇଯିବ ଅପରିଚିତ। ପରିବାରଠାରୁ ତାଙ୍କୁ ଦୀର୍ଘଦିନ ଧରି ଦୂରରେ ରହିବାକୁ ପଡ଼ିପାରେ। ତେବେ 'ମୋସାଦ୍'ର ଏଜେଣ୍ଟ ଅପରେଶନ ସମୟରେ ନିହତ ହେଲେ ଦେଶ ତାଙ୍କୁ ଶହୀଦର ସମ୍ମାନ ଦେଇଥାଏ।

'ମୋସାଦ୍'ର ସାମିଲ ହେବାକୁ ଇଚ୍ଛୁକ ବ୍ୟକ୍ତି ସବୁପ୍ରକାର କଠିନ ପରିସ୍ଥିତିର ସମ୍ମୁଖୀନ ହେବାକୁ ସର୍ବଦା ପ୍ରସ୍ତୁତ ରହିଥାନ୍ତି। ସେମାନଙ୍କୁ ପାରମ୍ପରିକ ଅସ୍ତ୍ରଶସ୍ତ୍ରଠାରୁ ଆରମ୍ଭ ଆଧୁନିକ ମାରକ ଯୁଦ୍ଧାସ୍ତ୍ର ବ୍ୟବହାରର ତାଲିମ ଦିଆଯାଇଥାଏ। କେବଳ ହାତହତିଆର ନୁହେଁ, ମନୋବୈଜ୍ଞାନିକ ଲଢ଼େଇରେ ମଧ୍ୟ ସେମାନେ ଅତି ଦକ୍ଷ। ସେମାନଙ୍କ ନିକଟରେ ପୃଥିବୀର ସମସ୍ତ ବଡ଼ ବଡ଼ ନେତାଙ୍କ ଟପ୍ ସିକ୍ରେଟ ରହିଥାଏ। ଆବଶ୍ୟକ ସମୟରେ ଏହାକୁ ସାର୍ବଜନୀନ କରି ସେମାନଙ୍କୁ ଅଡୁଆରେ ପକାଇଥାନ୍ତି। ଅତୀତରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ଏବଂ ମୋନିକା ଲେୱିନ୍‌ସ୍କିଙ୍କ ବାର୍ତ୍ତାଳାପର ରେକର୍ଡିଂକୁ ସାର୍ବଜନୀନ କରି ଆମେରିକାରେ ଚହଳ ପକାଇ ଦେଇଥିଲା 'ମୋସାଦ୍'।

### ଚର୍ଚ୍ଚିତ ଅପରେଶନ 'ଥଣ୍ଡରବୋଲ୍ଟ'

'ମୋସାଦ୍'ର ସଫଳତମ ଅପରେଶନ ଭିତରୁ ଗୋଟିଏ 'ଥଣ୍ଡରବୋଲ୍ଟ'। ୧୯୭୬ରେ ଉଗାଣ୍ଡା ଏୟାରପୋର୍ଟରେ ପ୍ରବେଶ କରି 'ମୋସାଦ୍'ର ପ୍ରଶିକ୍ଷିତ ଏଜେଣ୍ଟମାନେ ଆତଙ୍କବାଦୀଙ୍କୁ ନିପାତ କରିବା ସହ ଅପହୃତ ହୋଇଥିବା ଦେଶର ୫୪ ନାଗରିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ସେହିପରି ୧୯୭୨ରେ ଆତଙ୍କବାଦୀମାନେ ଇସ୍ରାଇଲର ୧୧ ଆଥଲେଟ୍‌ଙ୍କୁ ହତ୍ୟା କରି ରକ୍ତର ହୋଲି ଖେଳିଥିଲେ। ଏହାର ପ୍ରତିଶୋଧ ନେବାକୁ ଯାଇ 'ମୋସାଦ୍' ଆରମ୍ଭ କରିଥିଲା ଅପରେଶନ 'ୱ୍ରାର୍ଥ ଅଫ୍ ଗଡ୍'। ସଂସ୍ଥାର ଏଜେଣ୍ଟମାନେ ପୃଥିବୀର କୋଣ ଅନୁକୋଣ ଖୋଜି ଖୋଜି ପ୍ରତି ଆଥଲେଟ୍‌ଙ୍କ ହତ୍ୟାକାରୀଙ୍କୁ ହତ୍ୟା କରିଥିଲେ। ଏଥିଲାଗି ଦୀର୍ଘବର୍ଷ ଲାଗିଥିଲେ ମଧ୍ୟ ଶେଷରେ ସଫଳ ହୋଇଥିଲା ଗୋଇନ୍ଦା ସଂସ୍ଥା 'ମୋସାଦ୍'।

# ଦାନ୍ତ ପଡ଼ିଯିବା ପରେ ବି ଖବର ପଢ଼ିଲେ

**ନୂଆଦିଲ୍ଲୀ:** ଟିଭିରେ ଲାଇଭ୍ ପ୍ରୋଗ୍ରାମ୍ ନିମନ୍ତେ ପୂର୍ବରୁ ପ୍ରସ୍ତୁତି କରିବାକୁ ପଡ଼ିଥାଏ। ଏହା ସତ୍ତ୍ୱେ ଏଭଳି କିଛି ଘଟଣା ଆସେ ଯାହାକୁ ଏଡ଼ାଇବା ସମ୍ଭବ ହୁଏନି। ଏମିତି ଏକ ପରିସ୍ଥିତିରେ ଜଣେ ଟିଭି ଆଙ୍କରଙ୍କର ଉପସ୍ଥାପନା ଏବେ ସୋସିଆଲ୍ ମିଡିଆରେ ଚର୍ଚ୍ଚାର କାରଣ ହୋଇଛି। ଲାଇଭ୍ ଶୋ'ରେ ଜଣେ ଆଙ୍କର ଖବର ପଢୁଥିବା ସମୟରେ ତାଙ୍କର ଦାନ୍ତ ହଠାତ୍ ଭାଙ୍ଗିଯାଇଥିଲା। ତେବେ ଏହାପରେ ବି ସମ୍ପୃକ୍ତ ଆଙ୍କର ଜଣକ ଖବର ପଢ଼ିବା ବନ୍ଦ କରି ନ ଥିଲେ।

ଘଟଣାଟି ୟୁକ୍ରେନର ଜଣେ ଆଙ୍କର ମରିକା ପଲକେଙ୍କ ସହିତ ଘଟିଛି। ମରିକା ଖବର ପଢୁଥିବା ସମୟରେ ହଠାତ୍ ତାଙ୍କ ଦାନ୍ତ ବାହାରି ପଡ଼ିଥିଲା ଓ ସେ ମୁହଁରେ ତାଙ୍କ ହାତରଖି ଦେଇଥିଲେ। ଏହାପରେ ଦାନ୍ତଟି ତାଙ୍କ ହାତରେ ପଡ଼ିଯାଇଥିଲା। ତେବେ ଦାନ୍ତ ବାହାରିବା ପରେ ବି ମରିକା ବୁଲେଟିନ୍ ଶେଷ ପର୍ଯ୍ୟନ୍ତ ଖବର ପଢ଼ିବା ଜାରି ରଖିଥିଲେ। ମରିକା ନିଜେ ଏ ସମ୍ପର୍କରେ ବର୍ଣ୍ଣନା କରି ଇନ୍‌ଷ୍ଟାଗ୍ରାମ୍ ପେଜ୍‌ରେ ଏହାକୁ ଶେୟାର କରିଛନ୍ତି। ଏହାପରେ ମରିକା ହଠାତ୍ ସୋସିଆଲ୍ ମିଡିଆରେ ଲୋକପ୍ରିୟତା ହାସଲ କରିଛନ୍ତି। ତାଙ୍କ ଟିଭି ଚ୍ୟାନେଲ ମଧ୍ୟ ଲୋକପ୍ରିୟତା ହାସଲ କରିବା ସହିତ ମରିକାଙ୍କୁ ପ୍ରଶଂସା କରିଛି। ଦାନ୍ତ ବାହାରିବା ପରେ ବି ମରିକା ଯେଉଁଭଳି ଶାନ୍ତ ଭାବରେ ଖବର ପରିବେଷଣ କରିଥିଲେ ସେଥିପାଇଁ ତାଙ୍କୁ ସୋସିଆଲ୍ ମିଡିଆରେ ପ୍ରବଳ ପ୍ରଶଂସା କରାଯାଉଛି। ସାମ୍ବାଦିକତା କ୍ଷେତ୍ରରେ ତାଙ୍କର କାର୍ଯ୍ୟ ନିଶ୍ଚିତଭାବେ ପ୍ରେରଣାଦାୟକ ବୋଲି ଲୋକେ କମେଣ୍ଟ ଦେଇଛନ୍ତି। ତେବେ ଏହି ଘଟଣା ପରେ ମରିକା ତାଙ୍କର ଅନେକଗୁଡ଼ିଏ ଫଟୋ ସୋସିଆଲ୍ ମିଡିଆରେ ଶେୟାର କରିଛନ୍ତି, ଯାହା ଭାଇରାଲ୍ ହେବାରେ ଲାଗିଛି।



# ଚାଇନାକୁ ଟକ୍କର ଦେବେ ବାରାଣସୀ କୁମ୍ଭକାର

**ଲକ୍ଷ୍ନୌ:** ଚାଇନା ସାମଗ୍ରୀ ବର୍ଜନ ନିମନ୍ତେ ଏବେ ସବୁଆଡ଼େ ଧୀରେ ଧୀରେ ଲୋକେ ସତର୍କ ହେବାରେ ଲାଗିଛନ୍ତି। ଏ ଦିଗରେ ବାରାଣସୀର କୁମ୍ଭକାରମାନେ ଜୋରଦାର ଅଭିଯାନ ଚଳାଇଛନ୍ତି। ଏହି ଅଞ୍ଚଳର କୁମ୍ଭକାରମାନେ ଏବର୍ଷ ଦୀପାବଳି ନିମନ୍ତେ ମାଟିରେ ବିଭିନ୍ନ ଆକର୍ଷଣୀୟ ସାଜସଜ୍ଜା ତିଆରି କରିବାରେ ଲାଗିଛନ୍ତି।

ଚାଇନା ସାମଗ୍ରୀକୁ ଟକ୍କର ଦେବା ପାଇଁ ଯାଦୁ ଦୀପ, ସୁନ୍ଦର ସୁନ୍ଦର ଲଣ୍ଠନ, ବିଭିନ୍ନ ପ୍ରକାରର ଝାଲର ତିଆରି କରୁଛନ୍ତି। ଏଠାକାର କୁମ୍ଭକାରମାନେ ଏବେ ଏପରି ଯାଦୁ ଦୀପ ତିଆରି କରିଛନ୍ତି, ଯେଉଁଥିରେ ତେଲ କେଉଁଠାରେ ରହିବ ତାହା ଦେଖାଯାଇ ନ ଥାଏ। ଏଭଳି ଅନେକ ପ୍ରକାରର ସୁନ୍ଦର ଦୀପ ସବୁ ଚାଇନା ସାମଗ୍ରୀକୁ ଟକ୍କର ଦେଇପାରିବ ବୋଲି କୁମ୍ଭକାରମାନେ କହିଛନ୍ତି।

ଏଥର ଦୀପାବଳିରେ କେବଳ ସ୍ୱଦେଶୀ ଜିନିଷ ଲୋକଙ୍କୁ ଯୋଗାଇ ଦେବା ପାଇଁ ଏଠାକାର କିଛି ଉଦ୍ୟମୀ ଯୁବକ ମଧ୍ୟ ମାଟିରେ ବିଭିନ୍ନ ପ୍ରକାରର ସାମଗ୍ରୀ ତିଆରି ପ୍ରଶିକ୍ଷଣ ନେଉଛନ୍ତି। ବାରାଣସୀର ସେବାପୁରୀ ବ୍ଲକର ଖଦି ଉଦ୍ୟୋଗ ବିଭାଗ ପ୍ରଥମେ ୬୦ଜଣ କୁମ୍ଭକାରଙ୍କୁ ପ୍ରଶିକ୍ଷଣ ଦେବା ପରେ ଏବେ ପୁଣି ଥରେ ୧୨୦ଜଣ କୁମ୍ଭକାରଙ୍କୁ ପ୍ରଶିକ୍ଷଣ ଦେବା ଆରମ୍ଭ କରିଛି। ଚାଇନାକୁ ଟକ୍କର ଦେବା ପାଇଁ ଏସବୁ ସାମଗ୍ରୀକୁ ବହୁତ କମ୍ ମୂଲ୍ୟରେ ବିକ୍ରି କରାଯାଉଛି।



# ପିତଳ ପାତ୍ରରୁ ମିଳିଲା ମୋଗଲ ସାମ୍ରାଜ୍ୟର ମୁଦ୍ରା

**ରାଞ୍ଚି:** ଝାଡ଼ଖଣ୍ଡର ପାଲାମୁ ଜିଲାର ଏକ କ୍ଷେତରୁ ଗୋଟିଏ ପିତଳ ପାତ୍ର ମିଳିଛି। ପାଲାମୁ ଜିଲା ପାଙ୍କି ସହର ଅନ୍ତର୍ଗତ ଏକ ଗାଁରେ ଏପରି ଘଟଣା ଦେଖିବାକୁ ମିଳିଛି। ଏହି ଗାଁର ଚାଷଜମିରୁ ଏହା ମିଳିଛି। ଏହା ଜାଣିବା ପରେ ପ୍ରଶାସନ ଯାଇ ଏହି ପାତ୍ର ଏବଂ ସେଥିରୁ ବାହାରିଥିବା ମୁଦ୍ରାଗୁଡ଼ିକୁ ଜବତ କରିଛି। ଏହା ମୋଗଲ ସାମ୍ରାଜ୍ୟ ସମୟର ବୋଲି ଅନୁସନ୍ଧାନ ବେଳେ ଜଣାପଡ଼ିଛି। ପାଙ୍କି ପୋଲିସ ଷ୍ଟେଶନର ଦାୟିତ୍ୱରେ ଥିବା ଜେ.କେ ରମଣ କହିଛନ୍ତି ଯେ, ପାତ୍ରଟି ପିତଳର ଅଟେ। ଏହି ପାତ୍ର ମଧ୍ୟରେ ଥିବା ମୁଦ୍ରାରେ ୯୦୨, ୧୧୦୦ ଏବଂ ୧୦୮୨ ଖ୍ରୀଷ୍ଟାବ୍ଦ ଉର୍ଦ୍ଦୁ ଏବଂ ଆରବି ଭାଷାରେ ଲେଖାଯାଇଛି। ପୋଲିସ ଏହି ପାତ୍ର ଏବଂ ମୁଦ୍ରା ପ୍ରଶାସନକୁ ହସ୍ତାନ୍ତର କରିଛି। ଏଗୁଡ଼ିକୁ ପ୍ରତ୍ନତତ୍ତ୍ୱ ବିଭାଗକୁ ହସ୍ତାନ୍ତର କରାଯିବ।

ନୌଡିହା ଗାଁର ଭଲହିଟୋଲାରେ ରହୁଥିବା ବଚ୍ଚନ ବୈଠାଙ୍କ କ୍ଷେତରୁ ଏହି ପାତ୍ରଟି ମିଳିଥିବା ପୋଲିସ କହିଛି। ଯେତେବେଳେ ପାତ୍ରଟି ବାହାରକୁ ଆସିଲା, କାଦୁଅ ହେତୁ ଏହାକୁ କେହି ଜାଣିପାରିଲେ ନାହିଁ। ବର୍ଷା ହେବାରୁ ଜଣାପଡ଼ିଥିଲା। କିନ୍ତୁ ପାତ୍ରର ଗଠନ ଏବଂ ପ୍ରାଚୀନତା ଦେଖିବା ପରେ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଲୋକେ ଭୟରେ ପାତ୍ରଟିକୁ ଛୁଉଁ ନ ଥିଲେ। କିଛି ପିଲା ଏହି ପାତ୍ରରେ ଖେଳିବାରୁ ଲୋକଙ୍କ ଭୟ ଦୂର ହୋଇଥିଲା। ମାତ୍ର ପାତ୍ରଟି ଖୋଲିବା ପରେ ଏଥିରେ ଏତେସଂଖ୍ୟକ ମୁଦ୍ରା ଥିବା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ।



# ଏଆଇ ସୂଚନା ଦେବ କେଉଁ ଗ୍ରହ ଧ୍ୱଂସ ହେବ

**ୱାଶିଂଟନ:** କାହିଁକି ଗ୍ରହ ଗ୍ରହ ମଧ୍ୟରେ ବାରମ୍ବାର ଧକ୍କା ହୁଏ। କିପରି ମହାକାଶରେ ଥିବା ନକ୍ଷତ୍ର ଏବଂ ଅନ୍ୟ ଗ୍ରହଗୁଡ଼ିକର ସଂରଚନା ପ୍ରଣାଳୀଙ୍କୁ ସଂଗଠିତ କରିହେବ। କେଉଁ ଗ୍ରହ ଧ୍ୱଂସ ପାଇବ। ଏସବୁ ସମ୍ପର୍କରେ ଆର୍ଟିଫିସିଆଲ ଇଣ୍ଟେଲଜେନ୍ସି ଦ୍ୱାରା ସହଜରେ ପୂର୍ବାନୁମାନ କରାଯାଇ ପାରିବ। ଏଥିନେଇ ନାସାର ପ୍ରିନ୍ସଟନ୍ ହବଲ୍ ଫେଲୋଶିପ୍ ପ୍ରୋଗ୍ରାମ୍‌ରେ କାର୍ଯ୍ୟ କରୁଥିବା ଡାନିଏଲ୍ ତାମାୟୋ ସୂଚନା ଦେଇଛନ୍ତି। ଗ୍ରହଗୁଡ଼ିକର କକ୍ଷପଥ ଏବଂ ଜୀବନଚକ୍ର ଉପରେ ଦୀର୍ଘଦିନ ଧରି ଗବେଷଣା ଦ୍ୱାରା ଏହା ସମ୍ଭବ ହୋଇପାରିବ। ଏକାଧିକ ଗ୍ରହର ପାରସ୍ପରିକ ଗତି ଅନୁଧ୍ୟାନ କରି ଗ୍ରହ ଗ୍ରହ ମଧ୍ୟରେ ଧକ୍କା ହେବ କି ନାହିଁ ତାହା ଜଣାପଡ଼ିଯିବ। ଯଦି ବା ଧକ୍କା ହେଲା ତେବେ କେଉଁ ଗ୍ରହ ଧ୍ୱଂସ ପାଇବ ଏବଂ କେଉଁ ଗ୍ରହ ସୁରକ୍ଷିତ ରହିବ ତାହା ଗଠନ ବିନ୍ୟାସ ଦ୍ୱାରା ସହଜରେ ଅନୁମାନ କରାଯାଇ ପାରିବ। ସାର ଆଇଜାକ ନ୍ୟୁଟନଙ୍କ ପରେ ଜ୍ୟୋତିର୍ବିଜ୍ଞାନୀମାନେ ମହକାଶରେ ଥିଓରି ଅଫ୍ ରିଲେଟିଭିଟିକୁ ନେଇ ଅଧ୍ୟୟନ ଜାରି ରଖିଛନ୍ତି। ଗ୍ରହଗୁଡ଼ିକର ତଥ୍ୟକୁ ସୁପର କମ୍ପ୍ୟୁଟର ସହିତ ସଂଯୋଗ କରାଗଲେ ମାତ୍ର କିଛି ସମୟ ମଧ୍ୟରେ ଫଳାଫଳ ଜଣାପଡ଼ିଯିବ ବୋଲି ତାମାୟୋ କହିଛନ୍ତି। ପ୍ରସ୍ତୁତ ହୋଇଥିବା ନିରୀକ୍ଷଣ ମଡେଲକୁ ଷ୍ଟୋକ୍-ପ୍ଲାନେଟାରୀ ଅର୍ବିଟାଲ କନଫିଗରେସନ୍ସ କ୍ଲାସିଫାୟାରର ସ୍ଥିରତା ବୋଲି କୁହାଯାଇଥାଏ। ଏଥିରେ ସୁପର କମ୍ପ୍ୟୁଟରରେ ଥିବା ଏଆଇ ସିଷ୍ଟମ ଗ୍ରହଗୁଡ଼ିକର ଧ୍ୱଂସ ହେବା ସୀମାକୁ ନିର୍ଣ୍ଣୟ କରିଥାଏ। ପ୍ରିନ୍ସଟନ ଜ୍ୟୋତିର୍ବିଜ୍ଞାନ ବିଭାଗର ଚେୟାରମ୍ୟାନ ପ୍ରଫେସର ମାଇକେଲ ଷ୍ଟ୍ରସ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ୭୦୦ରୁ ଅଧିକ ତାରକା, କେତେକ ଗ୍ରହ ସମ୍ପର୍କରେ ତଥ୍ୟକୁ ରେକର୍ଡ କରାଯାଇଛି। ଆଗାମୀ ଦିନରେ ଏନେଇ ଅଧିକ ଅଜଣା ତଥ୍ୟ ସମ୍ପର୍କରେ ଜ୍ୟୋତିର୍ବିଜ୍ଞାନୀମାନେ ଜାଣି ପାରିବେ ବୋଲି ସେ କହିଛନ୍ତି।




## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ. ରଞ୍ଜୁମାଳା ସୁବୁଦ୍ଧି
ଆବିର୍ଭାବ: ୨୮.୦୯.୧୯୬୦
ତିରୋଧାନ: ୦୯.୦୭.୨୦୨୦
ପି.ପି.-୧୩, ପାଣ୍ଡବ ନଗର, ଭୁବନେଶ୍ୱର

ତୁମେ ଆମ୍ଭମାନଙ୍କୁ ଅକସ୍ମାତ ଛାଡି ଆରପାରିକୁ ଚାଲିଯିବାର ଚାହିଁ ଚାହିଁ ୧୦ ଦିନ ବିତିଗଲା। ତୁମ ପାରିବାରିକ କର୍ତ୍ତବ୍ୟ, ଆନୁଷ୍ଠାନିକ ସେବା, ଧର୍ମପରାୟଣତା ସବୁଦିନ ପାଇଁ ମନେ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ :
ସ୍ୱାମୀ- ବିପିନ ବିହାରୀ ସୁବୁଦ୍ଧି
ଜ୍ୟେଷ୍ଠ ପୁତ୍ର-ବୁବୁ, ପୁତ୍ରବଧୂ-ସଙ୍ଗୀତା
କନିଷ୍ଠ ପୁତ୍ର - ବିକ୍କୁ, ପୁତ୍ରବଧୂ-ଇତିଶ୍ରୀ
ତଥା ପରିବାର ବର୍ଗ ଏବଂ ଆତ୍ମୀୟସ୍ୱଜନ

ଧ-୬୯୭୦୮

**ଦଶାହ ଉପଲକ୍ଷେ**



ସ୍ୱର୍ଗତା ନିଶାମଣୀ ଦେବୀ
ସ୍ୱାମୀ ସ୍ୱର୍ଗତ ଚକ୍ରଧର ମିଶ୍ର
ନୂଆ ଶାସନ, ଢେଙ୍କାନାଳ ଟାଉନ
ଆବିର୍ଭାବ: ୦୧।୦୧।୧୯୩୧
ତିରୋଧାନ: ୧୦।୦୭।୨୦୨୦

ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ, ସ୍ୱାଭିମାନ, କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ହୃଦୟରେ ସବୁଦିନ ସ୍ମୃତି ହୋଇରହିବ। ତୁମର ଅମରଆତ୍ମାର ସଦ୍‌ଗତି ଓ ଶାନ୍ତିଲାଭ ପାଇଁ ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ପୁତ୍ର: ହର, ରାମ, ମହେନ୍ଦ୍ର, ଜିତୁ, ପୁତ୍ରବଧୂ: ବୁଢିଆ, ରୁନୁ, କିରଣ, ଟୁନି, ଝିଅ-ଜ୍ୱାଇଁ: ବୀଣା, ଦେବେନ୍ଦ୍ର, ଶାରଦା, ନାତି-ନାତୁଣୀ: ମିନୁ, ବୁଫୁନ୍, ଚିକି, ଚିନୁ, କୁନା, ମାମା, ପାଙ୍କୁ, ନାତୁଣୀ ବୋହୂ: ଦୀପା, ନାତୁଣୀ ଜ୍ୱାଇଁ: ପପୁ, ମୁନୁ, ଅଣନାତି: ଓମ୍, ଗୁଡମ୍, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।

ଧ-୬୬୮୬୯

# ଏଥର ଶୁଭିଲାନି ବୋଲ୍ ବମ୍

ଦିନକୁ ଦିନ ବ୍ୟାପୁଥିବା କରୋନା ସଂକ୍ରମଣକୁ ରୋକିବା ଲାଗି ଏବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ବୋଲବମ୍ ଯାତ୍ରା ଉପରେ କଟକଣା ଜାରି କରାଯାଇଛି। କାରଣ ଜଳଭାର ଉଠାଇବା ଲାଗି ଲକ୍ଷ ଲକ୍ଷ ଭକ୍ତ ଏକାଠି ହେବା ଦ୍ୱାରା ସଂକ୍ରମଣ ବଢ଼ିବା ଆଶଙ୍କା ରହିଛି। ତେବେ ସରକାରଙ୍କ ଏହି ନିଷ୍ପତ୍ତି ମାନସିକଧାରୀ ବୋଲବମ୍ ଭକ୍ତଙ୍କୁ ନିରାଶ କରିଥିଲେ ହେଁ ସୁରକ୍ଷା ଦୃଷ୍ଟିରୁ ସେମାନେ ଏହାକୁ ମାନିବାକୁ ବାଧ୍ୟ। ଏଭଳି ପରିସ୍ଥିତିରେ କ'ଣ କରୁଛନ୍ତି ସେ ସମ୍ପର୍କରେ ଯାହା କୁହନ୍ତି ଏମାନେ...



**ପୁଣି ଶ୍ରାବଣ ମାସ ଆସିଛି, ବର୍ଷା ପାଣିରେ ଶୁଖିଲା ନଈ ଭରିଯାଇଛି, ଚାରିଆଡ଼େ ଶୈବପୀଠ ବି ଅଛି। ହେଲେ ନା ଅଛି ଦଳଦଳ ହୋଇ ବାହୁଙ୍ଗିରେ ପାଣିଭାର କାନ୍ଧେଇ ଶିବାଳୟ ଅଭିମୁଖେ ଯାଉଥିବା ଗେରୁଆବସ୍ତ୍ର ପିନ୍ଧା ମାନସିକଧାରୀ କାଉଡ଼ିଆଙ୍କ ଭିଡ଼, ନା ଚତୁର୍ଦ୍ଦିଗ ଗୁଞ୍ଜରି ଉଠୁଛି ବୋଲ୍ ବମ୍ ହର ହର ବମ୍ ଶବ୍ଦରେ । କରୋନା ମହାମାରୀ ଯେମିତି ଭକ୍ତ ଆଉ ଭଗବାନଙ୍କ ମଝିରେ ପାଚେରି ହୋଇ ଠିଆ ହୋଇଛି...**

### ଗାଁ ମନ୍ଦିରରେ ପାଣି ଢାଳିବି

୧୨ ବର୍ଷ ବୟସରୁ ବାବାଙ୍କ ପାଖକୁ ଜଳାଭିଷେକ କରିବାକୁ ଯାଉଛି। ବୋଧହୁଏ ସେଥିପାଇଁ ଶ୍ରାବଣମାସ ମୋତେ ଖୁବ୍ ଭଲଲାଗେ। ପରିବାରର ମଙ୍ଗଳ କାମନାକରି ମନରେ ମାନସିକ ରହି ବାବାଙ୍କୁ ଯାହା ମାଗିଛି ସେ ସବୁବେଳେ ମୋତେ ସାହା ହୋଇଛନ୍ତି। ମହାଦେବଙ୍କ ପ୍ରତି ଥିବା ଶ୍ରଦ୍ଧା ଆଉ ଭକ୍ତି ଲାଗି କଟକ ଗଡ଼ଗଡ଼ିଆ ଘାଟରୁ ଢେଙ୍କାନାଳ କପିଳାସ ପର୍ଯ୍ୟନ୍ତ ପାଣିଭାର ନେଇ ଯିବା କେବେ ବାଧେନି। ସେହି ଯାତ୍ରାରେ ବି ଏକ ଅପୂର୍ବ ଆନନ୍ଦ ଥାଏ। ହେଲେ ଏହିବର୍ଷ କରୋନା ଯୋଗୁ ଏଥିରେ ବାଧା ଉପୁଜୁଛି। ପ୍ରଥମ ଥର ପାଇଁ ଏଭଳି ସମୟ ଆସିଛି ନା ପ୍ରଭୁଙ୍କର ଦର୍ଶନ କରିହେବ ନା ପାଣି ଢାଳି ହେବ। ତଥାପି ବିଶ୍ୱାସ ରହିଛି। ଅନ୍ୟ ଶୈବପୀଠ ନ ହେଲେ ଗାଁ ମନ୍ଦିରରେ ଯାଇ ପାଣି ଢାଳିବି ।

– **ସିଦ୍ଧେଶ୍ୱର ରାଉଳ**, କଟକ

### ଚାଲିବା କଷ୍ଟ ଜଣାପଡ଼େନି

ପିଲାଦିନରୁ ଦେଖିଛି କାଉଡ଼ିଆମାନେ କିଭଳି ଲମ୍ଫାଧାଡ଼ିରେ ଶିବ ମନ୍ତ୍ର ଜପ କରି ଖାଲି ପାଦରେ ଚାଲି ଚାଲି ଯାଆନ୍ତି। ସେମାନଙ୍କୁ ଦେଖିଲେ କେମିତି ଗୋଟେ ଭାରି ଖୁସି ଲାଗେ ଆଉ ନିଜେ ବି ବାହୁଙ୍ଗି କାନ୍ଧେଇ ମହାଦେବଙ୍କ ପାଖେ ପାଣି ଢାଳିବାକୁ ଇଚ୍ଛା ହୁଏ। ତେବେ ୬ ବର୍ଷ ତଳେ ପ୍ରଥମ ଥର ଲାଗି ପ୍ରଭୁଙ୍କ କୃପାରୁ ଏହି ସୁଯୋଗ ମିଳିଲା। ପରିବାର ଲୋକଙ୍କ ମଙ୍ଗଳକାମନା କରି କଟକ ଦେବୀଗଡ଼ାରୁ ପାଣିଭାର ନେଇ ମହାଦେବଙ୍କ ଉପରେ ଜଳାଭିଷେକ କରିବାକୁ ଲିଙ୍ଗରାଜ ମନ୍ଦିର ଯାଇଥିଲି। କେଜାଣି କିଭଳି ଖାଲି ପାଦରେ ପୂରା ବାଟ ଚାଲିଗଲେ ବି ଏତେ ଦୂରତା ଜଣାପଡୁ ନ ଥିଲା, ସବୁ କଷ୍ଟ ଯେପରି ମୋର ଲାଘବ ହୋଇଯାଉଥିଲା। ସେବେଠୁ ପ୍ରତିବର୍ଷ ବୋଲ୍‌ବମ୍ ଯାଉଛି। ହେଲେ ଏ ବର୍ଷ କରୋନା ପାଇଁ ପ୍ରଭୁଙ୍କ ସେବାରୁ ବଞ୍ଚିତ ହୋଇ ଭାରି ମନକଷ୍ଟ ହେଉଛି। ମନରେ ଦୁଃଖ ଥିଲେ ନିଜ ସହ ପରିବାରର ସୁରକ୍ଷା ଦୃଷ୍ଟିରୁ ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରିବା ଆମର କର୍ତ୍ତବ୍ୟ। ତେଣୁ ଘରେ ରହି ବାବାଙ୍କର ପୂଜାର୍ଚ୍ଚନା କରିବା ସହ ମାନସିକ ରଖିଛି ।

– **ମାମା ଭୂୟାଁ**, କାଉଡ଼ିଆ, କଟକ

### ବାବାଙ୍କ ନାମ ଉଚ୍ଚାରଣରେ ଜୋସ୍ ଆସିଯାଏ

– ଶ୍ରାବଣ ମାସ ପାଖେଇ ଆସିଲେ ମନରେ ଉତ୍କଣ୍ଠା ବଢ଼ିଯାଏ। କେଉଁ ସୋମବାର ପାଣିଭାର କାନ୍ଧେଇ ମହାଦେବଙ୍କ ଜଳାଭିଷେକ କରିବି ସେଥିପାଇଁ ସମସ୍ତ ପ୍ଲାନିଂ ବି କରିନିଏ। ନୂଆ ଗେରୁଆ ବସ୍ତ୍ର, ବାହୁଙ୍ଗି, ଏହାକୁ ସଜାଇବା ଲାଗି ବିଭିନ୍ନ ସାମଗ୍ରୀ ସହ ଆବଶ୍ୟକ ପୂଜା ସାମଗ୍ରୀ କିଣେ। ଆମେ ୭ ଜଣ ସାଙ୍ଗ ଏକାଠି ଚନ୍ଦନପୁରରୁ ପାଣି ନେଇ ବେଲେଶ୍ୱର ମନ୍ଦିର ଯାଉ। ବଡ଼ ପାଟିରେ ବାବାଙ୍କ ନାମ ଉଚ୍ଚାରଣ କରି ଚାଲିବା ବେଳେ ଦେହରେ ଏତେ ଜୋସ୍ ଆସିଯାଏ ଯେ, ନା ୨୫ କି.ମି. ଚାଲିବାର କଷ୍ଟ ଜଣାପଡ଼େ ନା ସମୟ ଜଣାପଡ଼େ। ପ୍ରଭୁଙ୍କ ଦୟାରୁ ପ୍ରାୟ ୮ ବର୍ଷ ହେଲାଣି ଯାହା ମାନସିକ କରି ବୋଲ୍‌ବମ୍ ଯାଇଛି ମୋତେ ସୁଫଳ ମିଳିଛି। ଏ ବର୍ଷ କରୋନା ଲାଗି ଇଚ୍ଛାଥିଲେ ସୁଦ୍ଧା ବୋଲ୍‌ବମ୍ ଯାଇ ହେବନି। ତଥାପି ସବୁ ନିୟମ ମାନୁଛି। ମାସ ସାରା ଆମିଷ ଖାଉ ନ ଥିବା ବେଳେ ପ୍ରତି ସୋମବାର ଅରୁଆ ଖାଉଛି ଏବଂ ଘରେ ପାଣି, ଫୁଲ, ବେଲପତ୍ର ଦେଇ ମହାଦେବଙ୍କ ପୂଜା କରୁଛି।

–**ଅମୀୟ ସାହୁ**, ବରମୁଣ୍ଡା ହାଉସିଂବୋର୍ଡ କଲୋନୀ, ଭୁବନେଶ୍ୱର



ଅମୀୟ



ମାମା



ସିଦ୍ଧେଶ୍ୱର



ଉପେନ୍ଦ୍ର

### ସୁରକ୍ଷା ଲାଗି କଟକଣା ମାନିବା ବାଧ

ସେ ଭୋଳାବାବା। ତାଙ୍କୁ ଭକ୍ତିରେ ଡାକିଲେ ସେ ମନସ୍କାମନା ପୂର୍ଣ୍ଣ କରନ୍ତି। ଏ କଥା ନିଜେ ଅଙ୍ଗେ ନିଭେଇଛି। ସେଥିପାଇଁ ପ୍ରାୟ ୭ ବର୍ଷ ହେବ ଓଡ଼ିଶାର ହରିଶଙ୍କର, ଧବଳେଶ୍ୱର, କପିଳାସ, ପଞ୍ଚଲିଙ୍ଗେଶ୍ୱର, ଲଡୁବାବା, ଲିଙ୍ଗରାଜ ଆଦି ସମେତ ଛତିଶଗଡ଼ର କେତେକ ପ୍ରସିଦ୍ଧ ଶୈବପୀଠକୁ ପାଣିଭାର ନେଇ ଯାଉଛି। ସଂକଳ୍ପ କରି ମହାଦେବଙ୍କ ନାଁ ଡାକିଡାକି ଖାଲିପାଦରେ ଚାଲିଚାଲି ଯିବାରେ ଯେଉଁ ଆନନ୍ଦ ଅଛି ତାହା ସତରେ ନିଆରା। ଏତେ ଦୂର ଚାଲିବା ତ ନିଶ୍ଚିତ ଭାବେ କଷ୍ଟ, ହେଲେ ଯେତେବେଳେ ଲକ୍ଷ ଲକ୍ଷ ଭକ୍ତଙ୍କ ଗହଣରେ ପ୍ରଭୁଙ୍କ ମଥାରେ ପାଣି ଢାଳିବାର ସୁଯୋଗ ମିଳେ ସେ କଷ୍ଟ ଯେମିତି କେଉଁଆଡ଼େ ଉଭେଇ ଯାଏ। ଏ ବର୍ଷ କରୋନା ସଂକ୍ରମଣକୁ ଆଖିଆଗରେ ରଖି ସରକାରଙ୍କ ଦ୍ୱାରା ବୋଲ୍‌ବମ୍ ଯାତ୍ରା ବନ୍ଦ କରାଯାଇଛି, ତେଣୁ ଦୁଃଖ ଲାଗୁଥିଲେ ବି ସୁରକ୍ଷା ଦୃଷ୍ଟିରୁ କଟକଣା ମାନିବାକୁ ପଡୁଛି। ତେଣୁ ଘରେ ପୂଜା କରୁଛି।

– **ଉପେନ୍ଦ୍ର କୁମାର ସାହୁ**, ନୟାଗଡ଼

## ଏ ବର୍ଷ ବେପାର ଠପ୍



ପ୍ରତିବର୍ଷ ଶ୍ରାବଣ ମାସରେ ବୋଲ୍‌ବମ୍ ଭକ୍ତଙ୍କ ଲାଗି ବିଭିନ୍ନ ଭେରାଇଟିର ଡ୍ରେସ୍, ଗାମୁଛା, ବାହୁଙ୍ଗି, ଢାଳ, ବାହୁଙ୍ଗି ସଜାଇବା ଲାଗି ଘଣ୍ଟି, ଘୁଙ୍ଗୁର, ଲେସ୍, ପ୍ଲାଷ୍ଟିକ୍ ଏବଂ ମେଟାଲିକ୍ ତ୍ରିଶୂଳ, ପ୍ଲାଷ୍ଟିକ ଫୁଲ ଆଦି ଅନେକ ସାମଗ୍ରୀ ବିକ୍ରି ହୋଇଥାଏ। ଗୋଟିଏ ଗୋଟିଏ ସିଜନ୍‌ରେ ପ୍ରାୟ ୨-୩ ଲକ୍ଷ ଟଙ୍କାର ବେପାର ହୋଇଥାଏ। ବେଳେବେଳେ କାଉଡ଼ିଆଙ୍କ ଡିମାଣ୍ଡକୁ ଆଖି ଆଗରେ ରଖି ବାଘୁଆ ପ୍ରିଣ୍ଟ, ଶିବ ତାଣ୍ଡବ କିମ୍ବା ତ୍ରିଶୂଳ ପ୍ରିଣ୍ଟ ଥିବା ଭଳି କେତେକ ଡ୍ରେସ୍ ସ୍ପେଶାଲ ଅର୍ଡର କରିବାକୁ ହୁଏ। ସେଥିପାଇଁ ଅଧିକ ରୋଜଗାର ବି ହୁଏ। ବାଳକାଟୀରେ ଥିବା ଆମ ଦୋକାନରୁ ଆମେ ଭକ୍ତଙ୍କୁ ସୁଲଭ ମୂଲ୍ୟରେ ଏସବୁ ସାମଗ୍ରୀ ଯୋଗାଇ ଦେଉଥିବାରୁ ନିକଟସ୍ଥ ୬-୭ଟି ପଞ୍ଚାୟତରୁ ଏମିତିକି ଭୁବନେଶ୍ୱର ଉପକଣ୍ଠ ବିଭିନ୍ନ ସ୍ଥାନରୁ ଭକ୍ତମାନେ ଆମ ଦୋକାନକୁ ଆସିଥାନ୍ତି। ଏ ବର୍ଷ ବି ବେଶ୍ ଭଲ ରୋଜଗାର ହେବ ବୋଲି ଆଶା ଥିଲା। ହେଲେ କରୋନା ମହାମାରୀ ଲାଗି ବେପାର ସମ୍ପୂର୍ଣ୍ଣ ଠପ୍ ହୋଇଗଲା। ବ୍ୟବସାୟ ଆଜି ନ ହେଲେ ଏ ଦୁଃସମୟ ଟଳିଲେ ପୁଣି ହେବ, କିନ୍ତୁ ସାମାନ୍ୟ ଅବହେଳାରୁ ଜୀବନ ଥରେ ଚାଲିଗଲେ ଆଉ ମିଳିବନି। ତେଣୁ ଏହି ରୋଗ ବ୍ୟାପିବାକୁ ରୋକିବା ଉଦ୍ଦେଶ୍ୟରେ ଶୈବପୀଠଗୁଡ଼ିକରେ ଭିଡ଼ ନ ହେବା ଲାଗି ସରକାରଙ୍କର ଏ ବର୍ଷ ବୋଲ୍‌ବମ୍ ଯାତ୍ରା ବନ୍ଦ ନିଷ୍ପତ୍ତି ସ୍ୱାଗତଯୋଗ୍ୟ।

– ***ଦେବାଶିଷ ସାହୁ***, *ପ୍ରୋପ୍ରାଇଟର ଜୟଦୁର୍ଗା କ୍ଲଥ୍‌ଷ୍ଟୋର, ବାଳକାଟୀ*

## ଏ ସପ୍ତାହର ପ୍ରଶ୍ନ

୧- କୋଭିଡ୍-୧୯ ଭ୍ୟାକ୍ସିନ୍ ମଣିଷ ଦେହରେ ପ୍ରଥମ ଥର ଲାଗି ପରୀକ୍ଷଣ କରିଥିବା ଦେଶ..... ?

୨- ଲୋକଙ୍କୁ ମାସ୍କ ପିନ୍ଧିବାକୁ ସଚେତନ କରିବା ଲାଗି............ ରାଜ୍ୟ ପକ୍ଷରୁ ରୋକୋ - ଟୋକୋ ନାମରେ ଏକ କ୍ୟାମ୍ପେନ୍ ଆରମ୍ଭ ହେବାକୁ ଯାଉଛି ?

୩- ଟିଟିକାକା ହ୍ରଦ ..................... ଦୁଇଟି ଦେଶର ସୀମାକୁ ଲାଗିଛି ?

୪- 'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ'............ ରେ ଅବସ୍ଥିତ ?

୫- ଡିଏସ୍‌ସିଆଇର ଫୁଲ୍‌ଫର୍ମ ........................ ?

## ଗତ ଥରର ଉତ୍ତର

୧ ଇସ୍ରାଏଲ୍

୨ ମଣିପୁର

୩ ହାଇଥାମ୍ ବିନ୍ ତାରିକ୍

୪ ଏଲିଶା ଓଟିସ୍

୫ ଅଶୋକ ଅମ୍ରିତ୍‌ରାଜ୍

## ଉତ୍ତରଦାତା



ମୋହିତ ଗୁପ୍ତା, କଳାହାଣ୍ଡି



ନିରାକାର ଖୁଣ୍ଟିଆ, ସମ୍ବଲପୁର



କାଜଲ ସିଂ, ଖୋର୍ଦ୍ଧା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ବଡ ଫ୍ୟାଶନ ଡିଜାଇନର

୧- ରାଲ୍ଫ ଲୌରେନ୍.................................... ନ୍ୟୁୟର୍କ, ଆମେରିକା
୨- ଜିଓର୍ଜିଓ ଅର୍ମାନୀ.................................... ମିଲାନ, ଇଟାଲୀ
୩- ଜିମୀ ଚୁ.................................... ଲଣ୍ଡନ
୪- ଜିନ୍- ପଲ୍ ଗଲ୍ଟିଅର୍.................................... ଫ୍ରାନ୍ସ
୫- ମାର୍କ ଜ୍ୟାକବ୍‌ସ.................................... ଆମେରିକା
୬- ରୋବେର୍ଟୋ କାଭାଲି.................................... ଇଟାଲୀ
୭- କାଲ୍‌ଭିନ୍ କ୍ଲେନ୍.................................... ନ୍ୟୁୟର୍କ, ଆମେରିକା
୮- ଭ୍ୟାଲେଣ୍ଟିନୋ ଗାରାଭାନି.................................... ରୋମ୍, ଇଟାଲୀ
୯- ମ୍ୟୁସିଆ ପ୍ରାଡା.................................... ମିଲାନ୍, ଇଟାଲୀ
୧୦- ଡଲ୍ସ ଆଣ୍ଡ ଗାବାନା.................................... ଇଟାଲୀ

### ୟୁଥ୍ ଆଲର୍ଟ

## ଅଧିକ ବ୍ରେଡ୍ ଖାଉଥିଲେ

**ବର୍ତ୍ତମାନ ଅଧିକାଂଶ ବିଶେଷ କରି ଯୁବପିଢ଼ି ରେଡି ଟୁ ଇଟ୍ ଭଳି ବିଭିନ୍ନ ପ୍ୟାକେଜ୍‌ଡ ଫୁଡ୍ ଅଧିକ ଖାଉଥିବା ଦେଖିବାକୁ ମିଳୁଛି। ତେବେ ଆପଣ ଜାଣନ୍ତି କି, ମଇଦାରେ ପ୍ରସ୍ତୁତ ବ୍ରେଡ୍ ଜାତୀୟ ଖାଦ୍ୟ ଯେପରି ବନ୍, କେକ୍ ଇତ୍ୟାଦି ଅଧିକ ଖାଇବା ସ୍ୱାସ୍ଥ୍ୟ ପ୍ରତି ହାନିକାରକ...**



- ପ୍ରଥମ କଥା ହେଉଛି ବ୍ରେଡ୍ ମଇଦାରୁ ପ୍ରସ୍ତୁତ ହୋଇଥାଏ। ଏଥିରେ ଫାଇବର ଖୁବ୍ କମ୍ ଥିବା ବେଳେ କାର୍ବୋହାଇଡ୍ରେଟ୍ ପରିମାଣ ଅଧିକ ଥାଏ, ଯାହାକୁ ଅଧିକ ଖାଇବା ଦ୍ୱାରା ସହଜରେ ହଜମ ହୋଇ ନ ଥାଏ। ବ୍ରେଡ୍ ଅନେକଙ୍କଠାରେ ଗ୍ୟାସ୍, ବଦହଜମୀ ଭଳି ସମସ୍ୟାର ବି କାରଣ ସାଜିଥାଏ।
- ଏଥିରେ ପୋଷକ ତତ୍ତ୍ୱ କମ୍। ଏଥିରେ ଥିବା କାର୍ବୋହାଇଡ୍ରେଟ୍ ଯକୃତ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ।
- ଏଭଳି ଖାଦ୍ୟରେ ଅଧିକ ପରିମାଣରେ ସୋଡିୟମ୍ ଥାଏ, ଯାହା କି ବ୍ଲଡ୍ ପ୍ରେସର ଏବଂ ହୃଦ୍‌ରୋଗ ଆଶଙ୍କା ବୃଦ୍ଧି କରିଥାଏ। ବାରମ୍ବାର ଏହାକୁ ଖାଇବା ଦ୍ୱାରା ଶରୀରରେ ଲୁଣ ଅଧିକ ଜମା ହୋଇଥାଏ ।
- ବ୍ରେଡ୍‌ରେ ଥିବା ଅଧିକ ପରିମାଣର ଗ୍ଲୁଟେନ୍ ନାମକ ଉପାଦାନ ଶରୀର ପ୍ରତି ହାନିକାରକ। କେବଳ ଏତିକି ନୁହେଁ ଏଥିରେ ଥିବା ଚିନି, ଲୁଣ, ସୋଡା, ବେକିଂ ପାଉଡର ଏବଂ ପ୍ରିଜର୍ଭେଟିଭ୍ ମେଦବହୁଳତା, ଡାଇବେଟିସ୍ ଆଦିର କାରଣ ସାଜିଥାଏ।
- ବ୍ରେଡ୍ ଅଧିକ ଖାଇଲେ ଶରୀରରେ ଖରାପ କୋଲେଷ୍ଟରଲ୍ ମାତ୍ରା ବୃଦ୍ଧି ହେବା ସହ ହୃଦ୍‌ଘାତ ଆଶଙ୍କା ମଧ୍ୟ ବଢିଥାଏ।



## ବାଇକ୍ ଷ୍ଟିକରିଂ

**ଆଜିକାଲି ଯୁବପିଢ଼ିଙ୍କର ବିଭିନ୍ନ ଲାଟେଷ୍ଟ ଡିଜାଇନ୍‌ର ବାଇକ୍ ସଡକ ବଢୁଥିବାର ଦେଖିବାକୁ ମିଳୁଛି। କେବଳ ଏତିକି ନୁହେଁ, ଏହାକୁ ଅଧିକ ଆଇକ୍ୟାଚି ଏବଂ ଫ୍ୟାଶନେବଲ କରିବା ଲାଗି ଅନେକେ ଏହା ଉପରେ ବିଭିନ୍ନ ପ୍ରକାର ଷ୍ଟିକରିଂ କରିବାକୁ ପଛାଉ ନାହାନ୍ତି...**



- ଅନ୍ୟମାନଙ୍କଠାରୁ ନିଜ ଗାଡିକୁ ଡିଫରେଣ୍ଟ ଲୁକ୍ ଦେବା ଲାଗି ଅନେକେ ମଣିଷ ଖପୁରି ଭଳି ଡିଜାଇନ୍ ବା ସ୍କଲ ଷ୍ଟିକର ଲଗାଉଛନ୍ତି। ଏହା ମଧ୍ୟରେ ପିଷ୍ଟନ ସ୍କଲ, ଫ୍ଲୁ ସ୍କଲ, ଫ୍ଲେମ୍‌ହେଡ୍ ସ୍କଲ ଭଳି ଡିଜାଇନ୍‌କୁ ଯୁବପିଢି ବେଶି ପସନ୍ଦ କରୁଛନ୍ତି। ତା'ଛଡା ଏହାକୁ ଡେଞ୍ଜର ସିମ୍ବଲ ଭାବେ ଗ୍ରହଣ କରାଯାଉଥିବାରୁ ଅନେକେ ନିଜ ଗାଡିରେ କେହି ହାତ ନ ମାରିବା ଉଦ୍ଦେଶ୍ୟରେ ଏହାକୁ ଲଗାଉଛନ୍ତି। ତେବେ ଏଭଳି ଷ୍ଟିକର ଯୁବତୀଙ୍କ ତୁଳନାରେ ଯୁବକମାନେ ଅଧିକ ବ୍ୟବହାର କରୁଛନ୍ତି।



- ଯୁବତୀମାନଙ୍କ ସବୁଠୁ ପସନ୍ଦ ହେଉଛି ଫ୍ଲୋରାଲ ଷ୍ଟିକରିଂ। ନିଜ ଗାଡିକୁ ସୁନ୍ଦର ତଥା ଆଇକ୍ୟାଚି କରିବାକୁ ଅନେକେ ବିଭିନ୍ନ କଣ୍ଟ୍ରାଷ୍ଟ କଲରର ଫ୍ଲୋରାଲ ଷ୍ଟିକର ଲଗାଉଛନ୍ତି। ଏମିତି କି ସାଇନର ବା ରେଡିୟମ ଫ୍ଲାୱାର ଷ୍ଟିକର ମଧ୍ୟ ବ୍ୟବହାର କରୁଛନ୍ତି। ଏହା ବ୍ୟତୀତ ସେମାନେ ବାର୍ବି ଡଲ୍, ଟେଡି, ଫନି ଇମୋଜି ଷ୍ଟିକରିଂ ବି କରୁଥିବା ଦେଖିବାକୁ ମିଳୁଛି।
- ବର୍ତ୍ତମାନ ଅନେକେ ନିଜ ବାଇକ୍ ଉପରେ ବିଭିନ୍ନ କଲରର ଡଟ୍ କିମ୍ବା ଷ୍ଟ୍ରାଇପ୍ ଷ୍ଟିକରିଂ ହେଉ କିମ୍ବା ଷ୍ଟ୍ରିଟ୍ ଲାଇଟ୍ ପଡି ଚକ୍ ଚକ୍ କରୁଥିବା ରେଡିୟମ ଏବଂ ଅନ୍ୟ ସାଇନିଂ ଟେପ୍ ଷ୍ଟିକରିଂ କରୁଥିବା ଦେଖିବାକୁ ମିଳୁଛି। ନିଜ ଗାଡିର ରଙ୍ଗ ସହ କଣ୍ଟ୍ରାଷ୍ଟ ଲୁକ୍ ଦେଉଥିବା କଲରର ଷ୍ଟିକରକୁ ଅନେକେ ବେଶି ପସନ୍ଦ କରୁଛନ୍ତି।
- ମ୍ୟୁଜିକ୍ ଲଭର ଯୁବପିଢ଼ି ଗିଟାର ଷ୍ଟିକର ବାଇକ୍‌ରେ ଲଗାଇବାକୁ ପସନ୍ଦ କରୁଛନ୍ତି। - ଯେଉଁମାନେ ନିଜ ବାଇକ୍‌କୁ ଏକ କଳାତ୍ମକ ରୂପ ଦେବା ଲାଗି ଚାହୁଁଛନ୍ତି ସେମାନେ ଫିଦର କାଲିଗ୍ରାଫି ଷ୍ଟିକର ଲଗାଉଛନ୍ତି।
- ସ୍ପୋର୍ଟ୍ସ ବା ବାଇକ୍ ରେସିଂ ଆଦିରେ ରୁଚି ରଖୁଥିବା ଯୁବକମାନଙ୍କୁ କିନ୍ତୁ ରାଗିଂ ବୁଲ୍ ଡେକାଲ, ଲାୟନ, ଡ୍ରାଗନ ଷ୍ଟିକର, ବୁଲ୍, ହର୍ସ ଭଳି ଷ୍ଟିକର ବେଶି ପସନ୍ଦ ଆସୁଥିବା ଦେଖିବାକୁ ମିଳୁଛି।
- କେହି କେହି ହେଡ୍‌ଲାଇଟ୍ ଉପରେ ଆଖି ଷ୍ଟିକର ଲଗାଇବା ମଧ୍ୟ ଏବେ ଫ୍ୟାଶନ୍ ପାଲଟିଛି। ଏସବୁ ବ୍ୟତୀତ ନିଜ ପ୍ରିୟ ଠାକୁରଙ୍କ ଫଟୋ, ସୁପର ହିରୋ, ବିଭିନ୍ନ କୋଟ୍ କିମ୍ବା ଆୱାର୍‌ନେସ୍ ମେସେଜ୍ ଥିବା ଷ୍ଟିକର ବି ଅନେକେ ବାଇକ୍‌ରେ ଲଗାଉଛନ୍ତି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ରବିବାର, ଜୁଲାଇ ୧୯/୨୦୨୦ Sunday, July 19/2020

# ବଜାରରୁ ଭଲ ରେସ୍‌ପନ୍ସ ପାଉଛୁ

**କରୋନା ସମୟରେ କମ୍ପାନୀଗୁଡ଼ିକ ଲୋକଙ୍କୁ ସ୍ୱାସ୍ଥ୍ୟବର୍ଦ୍ଧକ, ରୋଗ ପ୍ରତିଷେଧକ ବୃଦ୍ଧି ଭଳି ପ୍ରଡକ୍ଟ ଉପଲବ୍ଧ କରାଉଛନ୍ତି। ନ୍ୟୁଟ୍ରିଶନାଲ ଫୁଡ୍ ସପ୍ଲିମେଣ୍ଟ ଶିଳ୍ପରେ ଗତ ୧୧ ବର୍ଷ ଧରି ଯୋଗଦାନ ରଖି ଆସୁଥିବା ବାଫ୍‌ନା ବାୟୋଟେକ୍ ମଧ୍ୟ ଏହି ସମୟରେ ନିଜର ଉଦ୍ୟମ ଜାରି ରଖିଛି। କମ୍ପାନୀ ପ୍ରସ୍ତୁତ କରୁଥିବା ବିଭିନ୍ନ ପ୍ରଡକ୍ଟ କରୋନା କାଳରେ ଭଲ ବିକ୍ରି ହେଉଥିବା ଜଣାପଡିଛି। କମ୍ପାନୀର ପ୍ରଡକ୍ଟ ବିକ୍ରି ୫୦% ବଢ଼ିଥିବା ବାଫ୍‌ନା ବାୟୋଟେକ୍‌ର ପରିଚାଳନା ନିର୍ଦ୍ଦେଶକ ଅମିତ ବାଫ୍‌ନା ମତପ୍ରକାଶ କରିଛନ୍ତି। ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟରେ କମ୍ପାନୀର କାର୍ଯ୍ୟଧାରା, ପ୍ରଡକ୍ଟ, ବଜାର ସମ୍ପର୍କରେ ବାଫ୍‌ନାଙ୍କ ମତର ସମ୍ପାଦିତ ଅଂଶ...**


ସଫଳ ଉଦ୍ୟୋଗୀ ଅମିତ୍ ବାଫ୍‌ନା

**ରୋଗ ପ୍ରତିଷେଧକ ବୃଦ୍ଧିକାରୀ ସପ୍ଲିମେଣ୍ଟ ପ୍ରଡକ୍ଟ ଏବଂ ଖାଦ୍ୟର ଗୁରୁତ୍ୱ ସମ୍ପର୍କରେ ଆପଣଙ୍କ ମତ କ'ଣ ?**

● କରୋନା ବିରୋଧରେ ଲଢ଼ିବା ଲାଗି ରୋଗ ପ୍ରତିଷେଧକ ବୃଦ୍ଧିକାରୀ ସପ୍ଲିମେଣ୍ଟ ପ୍ରଡକ୍ଟ ଏବଂ ଖାଦ୍ୟର ଅନେକ ଗୁରୁତ୍ୱ ରହିଛି। ଇମ୍ୟୁନିଟି ଭିତ୍ତିକ ଫୁଡ୍ ସପ୍ଲିମେଣ୍ଟର ଅଧିକ ଆବଶ୍ୟକତା ରହିଛି। ଏଥିଲାଗି ଆମର ପ୍ରଡକ୍ଟ ବିକ୍ରି ବଢ଼ିଛି। ବାଫ୍‌ନା ବାୟୋଟେକ୍ ୧୨୫ରୁ ଅଧିକ ନ୍ୟୁଟ୍ରିଶନାଲ ଫୁଡ୍ ସପ୍ଲିମେଣ୍ଟ ପ୍ରଡକ୍ଟ ବଜାରକୁ ଛାଡ଼ିଛି। ଏହା ଲୋକଙ୍କ ସ୍ୱାସ୍ଥ୍ୟ ଲାଗି ଅତ୍ୟନ୍ତ ଲାଭକାରୀ ହୋଇପାରିବ। ନିକଟରେ ତୁଲସୀ ଭିଟା ନାମରେ ଏକ ପ୍ରଡକ୍ଟ ବଜାରକୁ ଛାଡ଼ିଛୁ। ଏଥିରେ ୨୮ ଜଡ଼ିବୁଟି ଏବଂ ପ୍ରାକୃତିକ ଭିଟାମିନ ରହିଛି। ବାହ୍ୟ ବ୍ୟାକ୍ଟେରିଆ ବିରୋଧରେ ଏହା ଲଢ଼ିବାରେ ସହାୟକ ହେବା ସହ ରୋଗ ପ୍ରତିଷେଧକ ଶକ୍ତି ବଢ଼ାଇବାରେ ସହାୟକ ହେବ। ଏହାର ଅନ୍ୟ ତତ୍ତ୍ୱ ହାଡ଼, ନାଡ଼ି ଏବଂ ମାଂସପେଶୀକୁ ମଧ୍ୟ ଶକ୍ତ କରାଇବା ଦିଗରେ କାର୍ଯ୍ୟ କରିବ।

**ଘରୋଇ ବଜାରରେ କମ୍ପାନୀର ଉପସ୍ଥିତି କିଭଳି ରହିଛି।**

● ଦେଶ ମଧ୍ୟରେ କାରବାରକୁ ଅଧିକ ସ୍ଥାନକୁ ପହଞ୍ଚାଇବା ଯୋଜନା ରହିଛି। ପ୍ରଡକ୍ଟର ଚାହିଦା ଦ୍ରୁତ ଗତିରେ ବଢ଼ୁଥିବାରୁ ଏହାକୁ ନେଇ ଯତ୍ନବାନ ରହିଛୁ। ଦେଶର କେନ୍ଦ୍ର ଭାଗ ଏବଂ ଦକ୍ଷିଣ ଭାଗରେ ଭଲ ରେସ୍‌ପନ୍ସ ମିଳିଛି। ୨୦୦୯ରେ ଏକ ଏମ୍‌ଏସ୍‌ଏମ୍‌ଇ ଭାବେ କାର୍ଯ୍ୟ ଆରମ୍ଭ କରିଥିଲୁ। ଏତେ ଭଲ ବ୍ୟବସାୟ ହେବ ବୋଲି କେବେ ଆଶା ନ ଥିଲା। ବର୍ତ୍ତମାନ ଓଡ଼ିଶା ସମେତ ଛତିଶଗଡ଼, ମହାରାଷ୍ଟ୍ର, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ମଧ୍ୟପ୍ରଦେଶ, ତାମିଲନାଡୁ ଏବଂ କୋଲକାତା ଭଳି ସ୍ଥାନରେ ଉପସ୍ଥିତ ରହିଛୁ।

**ଓଡ଼ିଶା ବଜାରରେ କମ୍ପାନୀ କେବେଠାରୁ କାମ କରୁଛି ?**

● ଓଡ଼ିଶାରେ ୨୦୦୯ରୁ କାମ କରୁଛୁ। ଏଠାରେ ୧୨୫ ଡିଲର ରହିଛନ୍ତି। ଡାକ୍ତରଙ୍କ ଭରସା ଯୋଗ୍ୟ ଶତାଧିକ ପ୍ରଡକ୍ଟ ବଜାରରେ ଉପଲବ୍ଧ କରାଇଛୁ। ମୟୂରଭଞ୍ଜ ଏବଂ ସମ୍ବଲପୁର ଡିଭିଜନ ଭଲ ବ୍ୟବସାୟ କରୁଛି। ଓଡ଼ିଶାରେ ମାଲ୍‌ଭିଟ୍, ଜିମ୍‌ଲୋ, ତଲସୀ ଭିଟା ଭଳି ପ୍ରଡକ୍ଟକୁ ଭଲ ରେସ୍‌ପନ୍ସ ମିଳିଛି।




**ପ୍ରଡକ୍ଟ ପହଞ୍ଚାଇବା ଲାଗି ଯୋଗାଣ ଚ୍ୟାନେଲ କିପରି ରହିଛି ?**

● ଅଧିକ ଲୋକଙ୍କ ପାଖରେ ପ୍ରଡକ୍ଟ ପହଞ୍ଚାଇବା ଲାଗି ଯୋଜନା ରଖିଛୁ। ବର୍ତ୍ତମାନ ସୁଦ୍ଧା ସାରା ଦେଶରେ ୪୦୦ରୁ ଅଧିକ ଡିଲରଙ୍କ ସହ ମିଳିତ ହୋଇ କାମ କରୁଛୁ। ଅନ୍ୟ କମ୍ପାନୀଗୁଡ଼ିକର ପ୍ରଡକ୍ଟ ଦେଖିଲେ ଆମ କମ୍ପାନୀର ପ୍ରଡକ୍ଟ ଅପେକ୍ଷାକୃତ ସୁଲଭ ରହିଛି। ଲୋକମାନେ ସହଜରେ କିଭଳି ପ୍ରଡକ୍ଟ କ୍ରୟ କରିପାରିବେ ତାକୁ ଧ୍ୟାନରେ ରଖାଯାଇଛି। ଲୋକମାନେ ପ୍ରଡକ୍ଟ ଦ୍ୱାରା ଲାଭବାନ୍ ହେଉଥିବାରୁ ଏହାକୁ ନେଇ ଭଲ ରେସ୍‌ପନ୍ସ ପାଉଛୁ। ଜଡ଼ିବୁଟି ବ୍ୟବହାର ଦ୍ୱାରା ପ୍ରଡକ୍ଟ ପ୍ରସ୍ତୁତ କରି ଏହାର ଲାଭ ଲୋକଙ୍କୁ ପ୍ରଦାନ କରୁଛୁ।

**ଅନ୍‌ଲାଇନରେ କମ୍ପାନୀର ପ୍ରଡକ୍ଟ ଉପଲବ୍ଧ ହେଉଛି କି ?**

● ବାଫ୍‌ନା ବାୟୋଟେକ୍ ଏକ ଆଇକନିକ ବ୍ରାଣ୍ଡ ଭାବେ ପ୍ରସିଦ୍ଧି ହାସଲ କରିଛି। ଆମର ପ୍ରଡକ୍ଟଗୁଡିକ ମଧ୍ୟରେ ତୁଲସୀ ଵିଟା, ମାଲବିଟ୍, ମଲ୍ଟି ଲିଵ୍, ମଲ୍ଟି ବି କମ୍ପ୍ଲେକ୍ସ ଭଳି ଅନ୍ୟ ପ୍ରଡକ୍ଟ ସାମିଲ ରହିଛି। କମ୍ପାନୀର ସବୁ ପ୍ରଡକ୍ଟ ଇ-କମର୍ସରେ ଉପଲବ୍ଧ ରହିଛି। କରୋନା ସମୟରେ ପାରମ୍ପରିକ ପରିବହନରେ ଅସୁବିଧା ଉପୁଜିଥିଲା। ପ୍ରଡକ୍ଟ ଅନ୍‌ଲାଇନରେ ମିଳୁଥିବାରୁ ଲୋକମାନେ କ୍ରୟ କରିବା ଲାଗି କୌଣସି ଅସୁବିଧା ହେଉନାହିଁ। ଫ୍ଲିପ୍‌କାର୍ଟ, ସ୍ନାପ୍‌ଡିଲ ସମେତ ଅନ୍ୟ ପ୍ଲାଟ୍‌ଫର୍ମରେ ଲୋକମାନେ ଆମ ପ୍ରଡକ୍ଟ ପାଇପାରିବେ। ବର୍ତ୍ତମାନ କମ୍ ସଂଖ୍ୟକ ଲୋକଙ୍କୁ ନେଇ ଉତ୍ପାଦନ କରିବା ଲାଗି ଗାଇଡ୍‌ଲାଇନ ଜାରି ହୋଇଛି। ଏହାକୁ ଧ୍ୟାନରେ ରଖି କମ୍ପାନୀ ପକ୍ଷରୁ ଏକ ରୋବଟିକ୍ସ ମାନୁଫାକଚରିଂ ୟୁନିଟ ସ୍ଥାପନା କରାଯାଇଛି।

## ଭିଆଇଟି ପ୍ରବେଶିକା ବାତିଲ

**ଭୁବନେଶ୍ୱର,୧୮।୭:** କୋଭିଡ୍ ଯୋଗୁ ବର୍ତ୍ତମାନ ସ୍ଥିତି ବିଗିଡ଼ିଛି। ଏହି ସମୟରେ ଏକାଡେମିକ ଅପରେଶନରେ ବାଧା ଉପୁଜିବା ସହ ଏକ ଚ୍ୟାଲେଞ୍ଜିଂ ସ୍ଥିତି ଉପୁଜିଛି। ଚଳିତ ବର୍ଷ ଭେଲୋର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି(ଭିଆଇଟି)ର ପ୍ରବେଶିକା ପରୀକ୍ଷାକୁ ବାତିଲ କରାଯାଇଛି। ସଂକ୍ରମଣ ସମସ୍ୟାକୁ ଧ୍ୟାନରେ ରଖି ଦେଶର ବିଭିନ୍ନ ସହରରେ ହେବାକୁ ଥିବା ଉକ୍ତ ପରୀକ୍ଷାକୁ ବାତିଲ କରାଯାଇଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଏଠାରେ ଆଡମିଶନ ଯୁକ୍ତ ୨, ଫିଜିକ୍ସ, କେମିଷ୍ଟ୍ରି , ମ୍ୟାଥ୍‌ମେଟିକ୍ସ ଏବଂ ବାୟୋଲୋଜି ଭଳି ବିଷୟଗୁଡ଼ିକରେ ପ୍ରି ୟୁନିଭର୍ସିଟି ମାର୍କ ଆଧାରରେ ହେବ। ଜେଇଇ ମେନ୍‌ରେ ସ୍କୋର କରିଥିବା ଛାତ୍ରୀଛାତ୍ରଙ୍କୁ ଅଗ୍ରାଧିକାର ଦିଆଯିବ। ଆଡମିଶନ ସଂକ୍ରାନ୍ତ ଅଧିକ ତଥ୍ୟ ଲାଗି ଅନୁଷ୍ଠାନର ଫୋନ ନମ୍ବର ଏବଂ ମେଲ୍ ଆଇଡିରେ ସମ୍ପର୍କ କରିବା ଲାଗି ସୂଚନା ଦିଆଯାଇଛି। ଭିଆଇଟିର ଇଞ୍ଜିନିୟରିଂ ଏଣ୍ଟ୍ରାନ୍ସ ଏକ୍‌ଜାମ ଏହାର ବିଭିନ୍ନ ଇଞ୍ଜିନିୟରିଂ ପ୍ରୋଗ୍ରାମ ପାଇଁ ଅନୁଷ୍ଠିତ ହୋଇଥାଏ। ଏହାର ବିଭିନ୍ନ ଅନୁଷ୍ଠାନ ଭେଲୋର, ଚେନ୍ନାଇ, ଅମରାବତି, ଭୋପାଳ ଭଳି ସ୍ଥାନରେ ରହିଛି।

## ଟୁଇଟରକୁ ସରକାରଙ୍କ ନୋଟିସ

**ନୂଆଦିଲ୍ଲୀ,୧୮।୭:** ନିକଟରେ ହାଇପ୍ରୋଫାଇଲ ଟୁଇଟର ଆକାଉଣ୍ଟ ହ୍ୟାକିଂ ମାମଲା ସାମ୍ନାକୁ ଆସିଥିଲା। ଏହାକୁ ନେଇ ସରକାର ଚିନ୍ତା ପ୍ରକଟ କରିଛନ୍ତି। ସରକାରଙ୍କ ସାଇବର ସିକ୍ୟୁରିଟି ନୋଡାଲ ଏଜେନ୍ସି ଶର୍ଟ-ଇନ ଏ ସଂକ୍ରାନ୍ତରେ ଟୁଇଟରକୁ ଏକ ନୋଟିସ ଜାରି କରିଥିବା ଜଣାପଡିଛି। ଏହି ହ୍ୟାକିଂ ଘଟଣାରେ କେତେ ସଂଖ୍ୟକ ଭାରତୀୟ ପ୍ରଭାବିତ ହୋଇଛନ୍ତି ସେ ସଂକ୍ରାନ୍ତ ବିସ୍ତୃତ ରିପୋର୍ଟ ପ୍ରଦାନ କରିବାକୁ ଟୁଇଟରକୁ କୁହାଯାଇଛି।




## ହୋଣ୍ଡାର ଡିଜିଟାଲ ସଡ଼କ ସୁରକ୍ଷା ଅଭିଯାନ

ଭୁବନେଶ୍ୱର,୧୮।୭

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଡିଜିଟାଲ ସଡକ ସୁରକ୍ଷା ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। କୋଭିଡ୍-୧୯ ଗାଇଡଲାଇନ ଅନୁସାରେ ସାମାଜିକ ଦୂରତା ବଜାଇ ରଖିବା ଜରୁରୀ ହୋଇପଡିଛି। ଏହି ସମୟରେ କମ୍ପାନୀ ଡିଜିଟାଲ ସଡକ ସୁରକ୍ଷା ସଚେତନତା ଅଭିଯାନ ହୋଣ୍ଡା ସଡକ ସୁରକ୍ଷା ଇ-ଗୁରୁକୁଳର ଆରମ୍ଭ ହୋଇଛି। ମେ ୨୦୨୦ରୁ ଆରମ୍ଭ ହୋଇଥିବା ଏହି ଡିଜିଟାଲ ସଚେତନତା ଅଭିଯାନ ବର୍ତ୍ତମାନ ସୁଦ୍ଧା ଦେଶର ୧୯ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୫୦ଟି ସହରରେ ଅନୁଷ୍ଠିତ ହୋଇଯାଇଛି। ସେହିଭଳି ଦେଶର ୨୩୦ଟି ସ୍କୁଲରୁ ୮୫୦୦ ପିଲାଙ୍କ ସମେତ ୪୩ଟି କଲେଜ ଓ ୧୩୭ଟି କର୍ପୋରେଟ କାର୍ଯ୍ୟାଳୟରୁ ୨୩ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ସଚେତନ କରାଯାଇଛି। ଏହି କାର୍ଯ୍ୟକ୍ରମ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ବ୍ରାଣ୍ଡ ଓ କମ୍ୟୁନିକେସନ ବରିଷ୍ଠ ଉପସଭାପତି ପ୍ରଭୁ ନାଗରାଜ କହିଛନ୍ତି ଯେ , ସଡକ ସୁରକ୍ଷା ଏକ ଗଭୀର ଚିନ୍ତାର ବିଷୟ । ଭାରତରେ ସଡକ ସୁରକ୍ଷା ସଚେତନ ବଢାଇବା ଲାଗି ହୋଣ୍ଡା ପ୍ରତିଶ୍ରୁତିବଦ୍ଧ।

## କୁଇକ ହିଲ୍‌ର ପରବର୍ତ୍ତୀ ପିଢ଼ି ଗ୍ରାହକ ସୁରକ୍ଷା

**ଭୁବନେଶ୍ୱର,୧୮।୭:** କୁଇକ ହିଲ୍ ପକ୍ଷରୁ ଗ୍ରାହକଙ୍କ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ଋଦ୍ଧିମନ୍ତ କରାଯାଇଛି। ଏ ନେଇ କମ୍ପାନୀ ପକ୍ଷରୁ ନେକ୍ସଟ୍ ଜେନରେଶନ ସାଇବର ସୁରକ୍ଷା ସମାଧାନ ଉପଲବ୍ଧ କରାଯାଇଛି। ଏହା ଦ୍ୱାରା ପ୍ରାଇଭେସି, ପ୍ରୋଟେକସନ ଏବଂ ପରଫର୍ମାନ୍ସ ବହୁଗୁଣା ବୃଦ୍ଧି ପାଇବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହି ନୂତନ ପଦକ୍ଷେପ ଗ୍ରାହକଙ୍କ ଡିଭାଇସକୁ ମଧ୍ୟ ଆବଶ୍ୟକ ସୁରକ୍ଷା ଉପଲବ୍ଧ କରାଇବାକୁ ସକ୍ଷମ ହେବ। ସେହିଭଳି ବ୍ୟକ୍ତିଗତ ତଥ୍ୟକୁ ଗୁପ୍ତ ରଖିବା ସହ ଡିଜିଟାଲ ଆଇଡେଣ୍ଟିକୁ ମଧ୍ୟ ସୁରକ୍ଷିତ ରଖିବ ବୋଲି କମ୍ପାନୀ ଆଶାବାଦି ରହିଛି। କମ୍ପାନୀର ୨୦୨୦ବାର୍ଷିକ ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା ଯେ, ଭାରତୀୟ ଗ୍ରାହକମାନେ ସାଇବର ଅପରାଧୀଙ୍କ ଟାର୍ଗେଟରେ ରହିଛନ୍ତି। ପ୍ରାୟ ୧ବିଲିୟନ ଭାରତୀୟ ଗ୍ରାହକ ୨୦୧୯ରେ ଟାର୍ଗେଟରେ ଥିଲାବେଳେ ପ୍ରତିଦିନ୨.୯ନିୟୁତ ଏହିଭଳି ଘଟଣା ଚିହ୍ନଟ ହେଉଛି।

## ଏଟିଏମ୍ ଉଠାଣକୁ ଟପିଲା ଡିଜିଟାଲ ପେମେଣ୍ଟ

**ନୂଆଦିଲ୍ଲୀ,୧୮।୭:** ଲୋକମାନେ ଧୀରେ ଧୀରେ କ୍ୟାଶ ଉପରେ ସେମାନଙ୍କ ନିର୍ଭରତା କମାଉଥିବା ଦେଖାଯାଉଛି। ୨୦୧୯ର ଚତୁର୍ଥ ତ୍ରୈମାସରେ ପ୍ରଥମ ଥର ଲାଗି ଏଟିଏମ ଉଠାଣକୁ ଟପିଛି କ୍ୟାଶଲେସ୍ ନେଣଦେଣ। ଏହି ସମୟ ଅବଧିରେ ମୋବାଇଲ ପେମେଣ୍ଟ ୧୦.୫୭ ଲକ୍ଷ କୋଟି ଟଙ୍କା ରହିଥିବା ବେଳେ ଏଟିଏମ୍ ଉଠାଣ ୯.୧୨ ଲକ୍ଷ କୋଟି ଟଙ୍କା ରହିଛି। ୨୦୨୦ ପ୍ରଥମ ତ୍ରୈମାସରେ ମଧ୍ୟ କ୍ୟାଶଲେସ ନେଣଦେଣ ଉନ୍ନତ ରହିଛି। ଏହି ସମୟରେ କାର୍ଡ ଏବଂ ମୋବାଇଲ ପେମେଣ୍ଟ ୧୦.୯୭ ଲକ୍ଷ କୋଟି ଟଙ୍କା ରହିଛି। ଅପର ପକ୍ଷରେ ଏଟିଏମ୍ ଉଠାଣ ୫% ହ୍ରାସ ଘଟି ୮.୬୬ ଲକ୍ଷ କୋଟି ଟଙ୍କା ରହିଛି। ଲକଡାଉନ ସମୟରେ ନଗଦ କାରବାର ପରିବର୍ତ୍ତେ ଅନଲାଇନ ନେଣଦେଣକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏହି ସମୟରେ ଡିଜିଟାଲ ନେଣଦେଣ ହାରକୁ ଦେଖିଲେ ଭାରତ ଆମେରିକା, ବ୍ରିଟେନ, ସିଙ୍ଗାପୁର ଏବଂ ଥାଇଲାଣ୍ଡ ଭଳି ଦେଶକୁ ଟପିଥିବା ଜଣାପଡିଛି।

## ୨୬ ଏଏସ୍ ଫର୍ମରେ ଫେସ୍‌ଲେସ୍ ଆଇଟି ରିଟର୍ନ କରିହେବ

**ନୂଆଦିଲ୍ଲୀ,୧୮।୭:** ଆୟକର ବିଭାଗ ପକ୍ଷରୁ ଲୋକଙ୍କ ଲାଗି ନୂଆ ୨୬ ଏଏସ୍ ଫର୍ମ ଆରମ୍ଭ କରାଯାଇଛି। ଏଥିରେ ଟିକସଦାତା ଫେସ୍‌ଲେସ ରିଟର୍ନ ଇ-ଫାଇଲିଂ ସୁବିଧା ପାଇପାରିବେ। ଟିକସଦାତାଙ୍କୁ ତ୍ୱରିତ ଏବଂ ସହଜ ଭାବେ ରିଟର୍ନ ଫାଇଲ ସୁବିଧା ପ୍ରଦାନ କରିବା ଲାଗି ଏଭଳି ବ୍ୟବସ୍ଥା କରାଯାଇଥିବା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ ପକ୍ଷରୁ ସୂଚନା ରହିଛି। ଚଳିତ ଆସେସମେଣ୍ଟ ବର୍ଷଠାରୁ ଟିକସଦାତା ଉକ୍ତ ଫର୍ମରେ ପରିବର୍ତ୍ତନ ଦେଖି ପାରିବେ।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ